

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୦୨ ମାର୍ଚ୍ଚ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 02 March 2026
Vol.No. 36 ■ No.58 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


## ବର୍ଷିଲେ ପ୍ରଭାତ : କହିଲେ, ୨ଜଣଙ୍କ ପାଇଁ ଧଳା ଛାଡ଼ି ଖଇରିଆ ସାର୍ଟ ପିନ୍ଧୁଛି

ଭୁବନେଶ୍ୱର, ୦୧/୩ (ନି.ପ୍ର): ବିଜେଡିରୁ ବିଦା ହେଲେ, ସାମ୍ବାଦିକ ସମ୍ମିଳନୀରେ ବର୍ଷିଲେ। କଟକ ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ବହିଷ୍କୃତ କରିଛି ବିଜେଡି । ବିଶୃଙ୍ଖଳିତ ଆଚରଣ ଓ ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ବହିଷ୍କୃତ କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ । ତେବେ କାର୍ଯ୍ୟାନୁଷ୍ଠାନ ପରେ ପ୍ରେସମିଟ୍ କରି ବର୍ଷିଛନ୍ତି ପ୍ରଭାତ ବିଶ୍ୱାଳ । କହିଛନ୍ତି, ଆଜି ପର୍ଯ୍ୟନ୍ତ ଦଳ ବିରୋଧୀ କାର୍ଯ୍ୟକ୍ରମ କେବେ କରିବା ଶିଖି ନାହିଁ । ଯେଉଁଠି ତ୍ରୁଟି ଯିଏ କରନ୍ତି, ଦଳର ଶୃଙ୍ଖଳିତ କର୍ମୀ ଭାବେ କହିଆସିଛି । ଦୁଇ ଜଣ ପୂର୍ବତନ ମନ୍ତ୍ରୀଙ୍କ ଯୋଗୁଁ ଧଳା ପୋଷାକରୁ ଖଇରିଆ ପୋଷାକ ପିନ୍ଧୁଛି । ଦଳର କର୍ମୀ ଭାବେ ଆମର କହିବାର ଅଧିକାର ଅଛି। ଯେଉଁମାନେ ପ୍ରକୃତରେ ଦଳକୁ ଆଗକୁ ନେବାକୁ କାମ କରୁଛନ୍ତି, ବର୍ତ୍ତମାନ ଯେଉଁ ସମୟ ଓ ଅବସ୍ଥାରେ ଦଳ ଗତି କରୁଛି, ସେଭଳି ବ୍ୟକ୍ତିତ୍ୱଙ୍କୁ ଦେବା ଉଚିତ ବୋଲି ଆଗରୁ କହିଛି ।

# ଆମେରିକା-ଇସ୍ରାଏଲର ଏୟାର ଷ୍ଟ୍ରାଇକ୍‌ରେ ଇରାନର ସର୍ବୋଚ୍ଚ ନେତା ଅୟୋତୋଲ୍ଲା ଅଲ୍ ଖାମେନେଇଙ୍କ ମୃତ୍ୟୁ

## ଖାମେନେଇଙ୍କ ପୁଅ ନୂଆ ସୁପ୍ରିମ୍ ଲିଡର: ମୁଜତାବା ଖାମେନେଇ ହେଲେ ଇରାନର ସର୍ବୋଚ୍ଚ ନେତା

- ■ ଖାମେନେଇଙ୍କ ପରିବାରର ବହୁ ସଦସ୍ୟ ନିହତ
- ■ ବହୁ ବଡ଼ ନେତା ଓ ଅଧିକାରୀଙ୍କ ମୃତ୍ୟୁ
- ■ ଆମେରିକୀୟ ନୌସେନା ଘାଟି ଧ୍ୱଂସ କରିଥିବା ଦାବି କଲା ଇରାନ
- ■ ଆକ୍ରମଣ ଜାରି ରଖିଛି ଇରାନ
- ■ ଅଶୋଧିତ ତୈଳ ଦର ଛୁଇଁବ ୧୨୦ ଡଲାର



ନୂଆଦିଲ୍ଲୀ,୦୧/୩ : ଆକାଶମାର୍ଗରୁ ଆମେରିକା-ଇସ୍ରାଏଲର ମିଳିତ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଅୟୋତୋଲ୍ଲା ଅଲ୍ ଖାମେନେଇଙ୍କ ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁରେ ଇରାନରେ ୪୦ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଛି। ଇରାନର ସର୍ବୋଚ୍ଚ ନେତା ଅୟୋତୋଲ୍ଲା ଅଲ୍ ଖାମେନେଇଙ୍କ ମୃତ୍ୟୁ ନେଇ ପ୍ରଥମେ ଘୋଷଣା କରିଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ସେହିଭଳି ଟ୍ରମ୍ପଙ୍କ ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଥିଲେ ଯେ ସଙ୍କେତ ମିଳୁଛି ଯେ ଖାମେନେଇ ଆଉ ଜୀବିତ ନାହାନ୍ତି। ତାଙ୍କ ବାସଭବନ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। କିନ୍ତୁ ଇରାନ ପ୍ରଥମେ ଏହାକୁ ଅଗ୍ରାହ୍ୟ କରି ଦେଇଥିଲା। ମାନସିକ ସ୍ତରରେ ଦୁର୍ବଳ କରିଦେବାକୁ ଆମେରିକା ଓ ଇସ୍ରାଏଲ ଏମିତି ଗୁଜବ ପ୍ରଚାର କରୁଛନ୍ତି ବୋଲି କୁହାଯାଇଥିଲା। କିନ୍ତୁ ପରେ ଇରାନର ସରକାରୀ ଗଣମାଧ୍ୟମ ଅୟୋତୋଲ୍ଲା ଅଲ୍ ଖାମେନେଇଙ୍କ ମୃତ୍ୟୁ ହୋଇଥିବା କହିଥିଲା। ଇରାନର ସରକାରୀ ଗଣମାଧ୍ୟମ ପକ୍ଷରୁ କୁହାଯାଇଥିଲା ଯେ ଆମେରିକା ଓ ଇରାନର ମିଳିତି ଏୟାର ଷ୍ଟ୍ରାଇକ୍‌ରେ ଶନିବାର ଅୟୋତୋଲ୍ଲା ଅଲ୍ ଖାମେନେଇଙ୍କ ମୃତ୍ୟୁ ଘଟିଛି। ଇରାନର ବରିଷ୍ଠ ନେତୃବର୍ଗ ଓ ସାମରିକ ଅନୁଷ୍ଠାନକୁ ଲକ୍ଷ୍ୟ କରି ଆମେରିକା ଓ ଇରାନ ଏୟାର ଷ୍ଟ୍ରାଇକ୍ କରିଥିଲେ। ଏହା ପୂର୍ବରୁ ଇସ୍ରାଏଲର ଜଣେ ଅଧିକାରୀ ରଏଟର୍ସକୁ ସୂଚନା ଦେଇ କହିଥିଲେ ଯେ ଇରାନର ସର୍ବୋଚ୍ଚ ନେତା

◆◆ପୃଷ୍ଠା ୭

## ଝାଞ୍ଜିରେ ସିଝିବ ଦେହ, ମାର୍ଚ୍ଚରୁ ମେ ମାସ ପର୍ଯ୍ୟନ୍ତ ପ୍ରବଳ ଗରମ: ସତର୍କ ସୂଚନା ଜାରି କଲା ଆଇଏମ୍‌ଡି

ଭୁବନେଶ୍ୱର, ୦୧/୩ (ନି.ପ୍ର): ଚଳିତ ବର୍ଷ ମାର୍ଚ୍ଚରୁ ମେ ମାସ ମଧ୍ୟରେ ଦେଶର ଅଧିକାଂଶ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ସ୍ୱାଭାବିକଠାରୁ ଅଧିକ ହେବାର ସମ୍ଭାବନା ଅଛି । ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଏହାର ମାସିକ ପୂର୍ବାନୁମାନରେ ଏହି ସୂଚନା ଦେଇଛି । ଆଇଏମ୍‌ଡି ଅନୁଯାୟୀ, ଝାଞ୍ଜିରେ ସିଝିବା ଅଞ୍ଚଳଗୁଡ଼ିକ ମଧ୍ୟରେ ପଶ୍ଚିମ ରାଜସ୍ଥାନ, ଗୁଜରାଟ, ହରିୟାଣା, ପଞ୍ଜାବ, ଦକ୍ଷିଣ ଏବଂ ପୂର୍ବ ମହାରାଷ୍ଟ୍ର, ପୂର୍ବ ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗର ଗାଙ୍ଗେୟ ସମତଳ ଅଞ୍ଚଳ, ଓଡ଼ିଶା, ଛତିଶଗଡ଼, ତେଲେଙ୍ଗାନା, ଆନ୍ଧ୍ର ପ୍ରଦେଶ ଏବଂ ଉତ୍ତର କର୍ଣ୍ଣାଟକ ତଥା ଉତ୍ତର ତାମିଲନାଡୁର କିଛି ଅଞ୍ଚଳ ରହିଛି । ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ମାର୍ଚ୍ଚ-ଏପ୍ରିଲ-ମେ ମାସରେ ସାଧାରଣ ଅପେକ୍ଷା ଅଧିକ ଗ୍ରୀଷ୍ମ ପ୍ରବାହ ହେବ । ତେବେ ମାର୍ଚ୍ଚ ମାସରେ, ଉତ୍ତର-ପୂର୍ବ ଏବଂ ପୂର୍ବ ଭାରତ, ପଶ୍ଚିମ ହିମାଳୟ କ୍ଷେତ୍ରର କିଛି ଅଂଶ ଏବଂ ମଧ୍ୟ ଏବଂ ଉପଦ୍ୱୀପ ଭାରତ ବ୍ୟତୀତ ଦେଶର ଅନେକ ସ୍ଥାନରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକ ଠାରୁ କମ୍ ରହିବାର ସମ୍ଭାବନା ଅଛି। ଏହି ସମୟରେ, ଉତ୍ତର-ପଶ୍ଚିମ ଭାରତ, ଦକ୍ଷିଣ ଉପଦ୍ୱୀପ ଏବଂ ପୂର୍ବ ଉପକୂଳର କିଛି ଅଂଶ ବ୍ୟତୀତ ଦେଶର ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକ ରହିବାର ସମ୍ଭାବନା ଅଛି। ମାର୍ଚ୍ଚ ମାସରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକ ଠାରୁ କମ୍ ରହିବାର ସମ୍ଭାବନା ଅଛି । ୨୦୨୬ ମାର୍ଚ୍ଚ ମାସରେ ଭାରତରେ ହାରାହାରି ବର୍ଷା ସ୍ୱାଭାବିକ ହେବାର ସମ୍ଭାବନା ରହିଛି। ୧୯୭୧ ରୁ ୨୦୨୦ ପର୍ଯ୍ୟନ୍ତ ତଥ୍ୟ ଆଧାରରେ, ମାର୍ଚ୍ଚ ମାସରେ ଦେଶରେ ଦୀର୍ଘକାଳୀନ ହାରାହାରି ବର୍ଷା (ଏଲ୍‌ପିଏ) ପ୍ରାୟ ୨୯.୯ ମିମି ରହିଛି। ଆଇଏମ୍‌ଡି ଅନୁଯାୟୀ, ଦେଶର ଅନେକ ସ୍ଥାନରେ ମାର୍ଚ୍ଚ ମାସରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବାର ଆଶା କରାଯାଉଛି।

# ବଲାଙ୍ଗୀର ଓ ବରଗଡ ହେଲା ନକ୍ସଲ ମୁକ୍ତ ଜିଲ୍ଲା: ଡିଜିପି



ଭୁବନେଶ୍ୱର, ୦୧/୩ (ନି.ପ୍ର): ରାଜ୍ୟରେ ନକ୍ସଲ ବିରୋଧୀ ଅଭିଯାନରେ ଓଡିଶା ପୁଲିସକୁ ଆଜି ଐତିହାସିକ ସଫଳତା ମିଳିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ବଲାଙ୍ଗୀର ଓ ବରଗଡ ଜିଲ୍ଲାକୁ ନକ୍ସଲ ମୁକ୍ତ ଜିଲ୍ଲା ଭାବେ ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଆଜି ଛତିଶଗଡ଼ର ମହାସମୁନ୍ଦ ଜିଲ୍ଲାରେ ୧୫ ଜଣ ମାଓବାଦୀ ଅସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ଏହି ମାଓବାଦୀମାନେ ବରଗଡ଼-ବଲାଙ୍ଗୀର-ମହାସମୁନ୍ଦ ଡିଭିଜନରେ ସକ୍ରିୟ ଥିଲେ। ଯାହା ଫଳରେ, ବରଗଡ଼ ଓ ବଲାଙ୍ଗୀର ଜିଲ୍ଲାକୁ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ଘୋଷଣା କରାଯାଇଛି। ସୁରକ୍ଷା ବାହିନୀ ତରଫରୁ ଦୀର୍ଘଦିନ ଧରି ଚାଲିଥିବା ମିଳିତ ଅଭିଯାନ, ଗୁଇନ୍ଦା ସୂଚନା, କେନ୍ଦ୍ର ଓ ରାଜ୍ୟ ସୁରକ୍ଷା ବାହିନୀଙ୍କ ସମନ୍ୱିତ ପଦକ୍ଷେପ ଏବଂ ସ୍ଥାନୀୟ ଲୋକଙ୍କ ସକ୍ରିୟ ସହଯୋଗ ଫଳରେ ଏହି ଦୁଇ ଜିଲ୍ଲାରୁ ନକ୍ସଲ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ରୂପେ ମୁକ୍ତ ହୋଇପାରିଛି ବୋଲି ଡିଜିପି ସୂଚନା ଦେଇଛନ୍ତି। ପୁଲିସ ବାହିନୀର ସାହସ, ସଂଯମ ଓ ପ୍ରତିବଦ୍ଧତା ଯୋଗୁଁ ଏହି ସଫଳତା ସମ୍ଭବ ହୋଇଛି। ସେ ଏହି ଅଭିଯାନରେ ଯୋଗଦେଇଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସାଧାରଣ ଲୋକଙ୍କ ଭରସା ଓ ସହଯୋଗ ଯୋଗୁଁ ସେ କୃତଜ୍ଞତା ଜଣାଇଛନ୍ତି।

## ଚତୁର୍ଥ ଆସନରେ ଜିତିବେ କି ଦତ୍ତେଶ୍ୱର ?: ଘୋଡ଼ା ବେପାରର ସମ୍ଭାବନା ବଢ଼ିଛି



ଭୁବନେଶ୍ୱର, ୦୧/୩ (ନି.ପ୍ର): ରାଜ୍ୟସଭା ପାଇଁ କମନ କ୍ୟାଣ୍ଡିଡେଟ ଦତ୍ତେଶ୍ୱରଙ୍କ ବିଜୟ ପାଇଁ ଅଙ୍କକଷା ଆରମ୍ଭ ହେଲାଣି। କଂଗ୍ରେସ ଓ ବିଜେଡି ହାତ ମିଳାଇଥିବାରୁ ବିଜୟ ସହଜ ବୋଲି ବିରୋଧୀ ଆଶାବାଦୀ । ହେଲେ ବିଜେପିର ୪ର୍ଥ ଆସନ ଦଖଲ ଅଭିଯାନ ବିରୋଧୀ ଶିବିରରେ ଛନକା ଭରିଛି । ବିରୋଧୀ ଦଳରେ ଚାଲିଥିବା ରାଜନୈତିକ ଛକାପଞ୍ଝା ଭିତରେ ପ୍ରଶ୍ନ ଉଠୁଛି, ଦଳୀୟ ବିଧାୟକଙ୍କୁ ଏକାଠି ରଖିପାରିବେ ତ ଦୁଇ ମୁଖିଆ ? ଏକମନବାକ୍ୟ ହୋଇ ଦତ୍ତେଶ୍ୱରଙ୍କୁ ଭୋଟ ଦେବ ତ ବିରୋଧୀ କ୍ୟାମ୍ପ ? ଚତୁର୍ଥ ଆସନ ପାଇଁ ଦତ୍ତେଶ୍ୱର ହୋତାଙ୍କ ନାଁ ଘୋଷଣା ସହ ରୋଚକ ହୋଇଛି ରାଜ୍ୟସଭା ରାଜନୀତି । କମନ କ୍ୟାଣ୍ଡିଡେଟ ଦତ୍ତେଶ୍ୱର ହେବା ପରେ କଂଗ୍ରେସ ବଢ଼ାଇଛି ସମର୍ଥନର ହାତ ।

◆◆ପୃଷ୍ଠା ୭

## ଦୁଇରୁ ତିନି ଦିନ ମଧ୍ୟରେ ବିଜେପିର ପ୍ରାର୍ଥୀ ଘୋଷଣା: ମନମୋହନ ସାମଲ

ଭୁବନେଶ୍ୱର, ୦୧/୩ (ନି.ପ୍ର): ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗ । ବିଜେପି ରାଜ୍ୟ ସଭାପତି ଦେଲେ ବଡ ବୟାନ । ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଆମ ଦଳ ଖୁବଶୀଘ୍ର ନିଷ୍ପତ୍ତି ନେବ କିଏ ପ୍ରାର୍ଥୀ ହେବ। ପାର୍ଲ୍ୟାମେଂଟରୀ କମିଟି ଏହାକୁ ନେଇ ନିଷ୍ପତ୍ତି ନେବ। ବିଜେଡି - କଂଗ୍ରେସ ମିଶିକି ଲଢ଼ିଲେ ବିଜେପିକୁ ଫାଇଦା ହେବ।

## ପୁଣି ରାଜଧାନୀରେ ଗଡ଼ିଲା ମୁଣ୍ଡ: ୟୁଟ୍ୟୁବର ରାହୁଲ ମହାରଣାଙ୍କୁ ଛୁରି ଭୁସି ହତ୍ୟା

ଭୁବନେଶ୍ୱର, ୦୧/୩ (ନି.ପ୍ର): ରାଜଧାନୀରେ ଗଡ଼ିଲା ମୁଣ୍ଡ। ୟୁଟ୍ୟୁବ ବ୍ଲଗରଙ୍କୁ ହାଣି ହାଣି ହତ୍ୟା। ରସୁଲଗଡ଼ ନିକଟ ଜିଜିପି କଲୋନୀରେ ଘଟିଛି ହତ୍ୟାକାଣ୍ଡ। ମୃତକ ଜଣକ ହେଲେ ରାହୁଲ ମହାରଣା। ଶନିବାର ରାତି ପ୍ରାୟ ୧୧ଟା ୧୫ରେ ୪ରୁ ୫ ଜଣ ରାହୁଲଙ୍କୁ ଛୁରି ଭୁସି ହତ୍ୟା କରିଥିବା ଜଣାପଡ଼ିଛି । ସଂପୃକ୍ତ ଯୁବକଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତୁରନ୍ତ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲ ନିଆ ଯାଇଥିଲା। ପରେ କ୍ୟାପିଟାଲ୍ ହସ୍ପିଟାଲ୍ ସ୍ଥାନନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ଘଟଣା ସଂପୃକ୍ତ ଅଞ୍ଚଳରେ ଆଲୋଡ଼ନ ଖେଳାଇଦେଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି। ସୂଚନା ଅନୁସାରେ, ରାହୁଲ୍ ଅକ୍ସିଜେନ୍ ସିଲିଣ୍ଡର କାରବାର କରନ୍ତି। ଏହାଛଡ଼ା ସେ ଜଣେ ୟୁଟୁବ୍ ବ୍ଲଗର ଭାବେ ପରିଚିତ। ପ୍ରାଥମିକ ଅନୁସନ୍ଧାନ ପରେ ପୁଲିସ କହିଛି, ଗତ ପ୍ରାୟ ଦୁଇମାସ ପୂର୍ବରୁ ରାହୁଲଙ୍କର ଏକ ବିହାରୀ ଗୋଷ୍ଠୀ ସହ କୌଣସି କାରଣରୁ ବିବାଦ ହୋଇଥିଲା।

◆◆ପୃଷ୍ଠା ୭

## ଧ୍ୱନି ପ୍ରତିଧ୍ୱନି ପାଠକ ମଂଚ ଓ ଉଦଳା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



ଉଦଳା, ୦୧/୩ (ନି.ପ୍ର): ବାଲେଶ୍ୱରରୁ ପ୍ରକାଶିତ ଦୈନିକ ଖବର କାଗଜ 'ଧ୍ୱନି ପ୍ରତିଧ୍ୱନି'କୁ କେନ୍ଦ୍ର କରି ଉଦଳାରେ ଗଢ଼ି ଉଠିଥିବା ପାଠକ ମଂଚ ଓ ଉଦଳା ସାହିତ୍ୟ ସଂସଦର ମିଳିତ ବାର୍ଷିକ ଉତ୍ସବ ପ୍ରତିବର୍ଷ ପରି ସ୍ଥାନୀୟ ସନ୍ଧାନଗୃହ ପରିସରରେ ଆଜି ମାର୍ଚ୍ଚ ୧ ତାରିଖ ରବିବାର ଦିନ ପାଳିତ ହୋଇ ଯାଇଛି । ଏହି ମଂଚରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଏକଲ ଅଭିଯାନ ପକ୍ଷରୁ 'ବିରତ ସେବା ବ୍ରତୀ ସମ୍ମିଳନୀ' ମଧ୍ୟ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଦିବସ ବ୍ୟାପି କବିତା ପାଠୋତ୍ସବ, ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସାହିତ୍ୟିକ ପ୍ରଫୁଲ କୁମାର ଖିଲାର ଓ ନମିତା ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବହୁସଂଖ୍ୟାରେ କବି ଓ କବୟିତ୍ରି ସ୍ୱରଚିତ କବିତା ପାଠ କରିଥିଲେ । ଏହାପରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଧ୍ୱନିପ୍ରତିଧ୍ୱନି ପାଠକ ମଂଚର ଆବାହିକା ତଥା ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଉଦଳାରେ ସାରସ୍ୱତ ସାଧନାକୁ ଶାଣିତ କରିବାରେ ଧ୍ୱନି ପ୍ରତିଧ୍ୱନି ଖବର କାଗଜ କିପରି ଭୂମିକା ନେଇଛି ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ତଥା ପରିଚାଳନା ସମ୍ପାଦକ ସୃଷ୍ଟିଧର ପରିଡ଼ା, ଉଦଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଡ଼. କୁମାର ଗୋପାଳ, ଏକଲ ଅଭିଯାନର ରଥୁ ମହାନ୍ତ, ରେଡ଼ିଓ ବାଘାଯତିନର ନିର୍ଦ୍ଦେଶିକା ମୀନତି ବିନ୍ଧାଣି ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଦେଶ ଗଠନରେ ସାମ୍ବାଦିକ ମାନେ କିପରି ଭୂମିକା ନେଉଛନ୍ତି ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ବସନ୍ତ କୁମାର ପରିଡ଼ା, ଭୋଳାନାଥ ସାହୁ, ଆନନ୍ଦ ଦାସ, ଦୀନବନ୍ଧୁ ବାରିକ, ତୁଷାର ମହାନ୍ତି, ରୁପାଇ ବାସ୍କେ, ବିଜୟ କୁମାର କମିଲା, ସନ୍ତୋଷ ବେହେରା, ଭକ୍ତିପ୍ରକାଶ ମୁନି ମହାରାଜ, ଦେବକୀ ମହାନ୍ତ, ଗୀତାଞ୍ଜଳି ପାଣିଗ୍ରାହୀ, ପ୍ରଦୀପ ଚାଟାର୍ଜି ପ୍ରମୁଖଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ମନୋରଂଜନ ମଳିକ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ରେଡ଼ିଓ ବାଘାଯତିନ, ଜନଜାଗୃତି ମଂଚ, ଷ୍ଟାର ଓ ଏକଲ ଅଭିଯାନର କର୍ମି ମାନେ ସହଯୋଗ କରିଥିଲେ ।

## ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଜୁଇ: ଜରୁରୀକାଳୀନ 'ସିସିଏସ୍' ବୈଠକ ଡାକିଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୦୧/୩ : ମଧ୍ୟପ୍ରାଚ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେନ୍ଦ୍ରୀୟ ବାଣିଜ୍ୟ ସଂଘ ପରିଷଦ (ସିସିଏସ)ର ଏକ ଜରୁରୀକାଳୀନ ବୈଠକ ଡାକିଛନ୍ତି। ଏହି ବୈଠକରେ ଇରାନ ଓ ଉପସାଗରୀୟ ଦେଶଗୁଡ଼ିକରେ ଭାରତୀୟଙ୍କ ସୁରକ୍ଷା, ଆଲୋଚନାର ଏକ ପ୍ରମୁଖ ପ୍ରସଙ୍ଗ ହେବ ବୋଲି ଆଶା କରାଯାଉଛି। ଏହା ସହିତ, ଆଲୋଚନାରେ ତୈଳ ଯୋଗାଣ ଓ ଚାବାହାର ବନ୍ଦର ନିବେଶ ଅନ୍ତର୍ଭୁକ୍ତ ହୋଇପାରେ। ଏହି ସିସିଏସ୍ ବୈଠକରେ ଚାରୋଟି ପ୍ରମୁଖ ପ୍ରସଙ୍ଗ ଉପରେ ଧ୍ୟାନ ଦିଆଯିବାର ସମ୍ଭାବନା ଅଛି। ଯୁଦ୍ଧ ଅଞ୍ଚଳରେ ଫସି ରହିଥିବା ଦେଶର ନାଗରିକଙ୍କ ସୁରକ୍ଷା ଭାରତ ପାଇଁ ସବୁଠାରୁ ବଡ଼ ଚିନ୍ତାର ବିଷୟ ହୋଇଛି । ପ୍ରାୟ ୮ ରୁ ୯ ଲକ୍ଷ ଭାରତୀୟ ନାଗରିକ ଉପସାଗରୀୟ ଦେଶଗୁଡ଼ିକ (ସାଉଦି ଆରବ, ୟୁଏଇ, କତାର, ଓମାନ, ବାହାରିନ, କୁୱେତ) ଏବଂ ମଧ୍ୟପ୍ରାଚ୍ୟରେ କାମ କରନ୍ତି। ଇରାନ ଓ ଆମେରିକା-ଇସ୍ରାଏଲ ମଧ୍ୟରେ ଯୁଦ୍ଧ କାରଣରୁ ଏହି ଲକ୍ଷ ଲକ୍ଷ ଭାରତୀୟଙ୍କ ଜୀବନ ବିପଦରେ ପଡ଼ିଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଓ ପ୍ରତିରକ୍ଷା ମନ୍ତ୍ରଣାଳୟର ସହଯୋଗରେ ଏହି ବୈଠକରେ ପରିସ୍ଥିତି ଆହୁରି ଖରାପ ହେଲେ ଭାରତୀୟମାନଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରିବା

# ଟିଟିଲାଗଡ଼ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଜରୁରୀକାଳୀନ ବୈଠକ: ନୂତନ ଜିଲ୍ଲା ଗଠନ ହେଲେ ଟିଟିଲାଗଡ଼ ନିଶ୍ଚୟ ହେବ

ବଲାଙ୍ଗୀର, ୦୧/୩ (ନି.ପ୍ର): ଦୀର୍ଘ ତିରିଶ ବର୍ଷ ଧରି ଟିଟିଲାଗଡ଼ ଅଂଚଳବାସୀ ସରକାରଙ୍କୁ ଟିଟିଲାଗଡ଼କୁ ଜିଲ୍ଲା ମାନ୍ୟତା ଦାବି କରି ଆସୁଛନ୍ତି। ବର୍ଷ ବର୍ଷ ଧରି ଆନ୍ଦୋଳନ ମଧ କରି ଆସୁଛନ୍ତି। ତେବେ ବାରମ୍ବାର କେବଳ ପ୍ରତିଶ୍ରୁତି ମିଳୁଥିଲା। ତେବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବେ ନୂତନ ଜିଲ୍ଲା ଗଠନ ପାଇଁ ପ୍ରସ୍ତାବ ଦେଇଥିବାବେଳେ ଏହାକୁ ନେଇ ଟିଟିଲାଗଡ଼ବାସୀ ବହୁତ ଉତ୍ସାହିତ। କାରଣ ଟିଟିଲାଗଡ଼ ବଲାଙ୍ଗୀର ଜିଲ୍ଲାର ସର୍ବବୃହତ ସବ ଡିଭିଜନ ହୋଇଥିବାବେଳେ ସମସ୍ତ ଦୃଷ୍ଟିକୋଣରୁ ଜିଲ୍ଲା ହେବା ପାଇଁ ଯୋଗ୍ୟ ଅଟେ। ତେଣୁ ଆମେ ସରକାରଙ୍କ ଉପରେ ନିଶ୍ଚୟ ଆଶା ରଖିବୁ ଯେ ନୂତନ ଜିଲ୍ଲା ଗଠନ ହେଲେ ନିଶ୍ଚିତ ଭାବେ ଟିଟିଲାଗଡ଼କୁ ଅଗ୍ରାଧିକାର ଦିଆଯିବ ବୋଲି ଟିଟିଲାଗଡ଼ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିରର ସଦସ୍ୟମାନେ କହିଛନ୍ତି। ଏହି ଜରୁରୀକାଳୀନ ବୈଠକରେ ଟିଟିଲାଗଡ଼ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ସଭାପତି ସଞ୍ଜୟ ବେହେରା, ସମ୍ପାଦକ ମହେଶ ମହାନ୍ତି, ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାସ, କଂଗ୍ରେସ ନେତା ବିରେନ୍ଦ୍ର ବାଗ, ଡମ୍ବରୁଧର ଛତ୍ରିଆ, ଦେବାନନ୍ଦ ସାହୁ, ତୁଳସୀ ସାହୁ, ସରପଂଚ ସଂଘ ରାଜ୍ୟ କାର୍ଯ୍ୟକାରୀ ସଭାପତି ବୀରବର ସାହୁ, ଆଇନଜୀବୀ ଲକ୍ଷ୍ମୀକାନ୍ତ ମହାପାତ୍ର, ପ୍ରଦୀପ ମହାନ୍ତି, ବିଜେପି ନେତା କୁନା ଭାଟି, ସ୍ୱାଧୀନ ବିଧାୟକ ପ୍ରାର୍ଥୀ ହରି ବହିଦାର, ଯାଦବ ସମାଜର ଘୀନୁ ଆଡ଼ଜୁଆଡ଼, ଟାଉନ କଂଗ୍ରେସ ସଭାପତି ରଞ୍ଜନ ଦାସ ଓ ଅନ୍ୟାନ୍ୟ ଜିଲ୍ଲାପ୍ରେମୀ ଏକତ୍ରିତ ହୋଇଥିଲେ।

# ରାଜ୍ୟର ନୂତନ ବଜେଟ ଉପରେ ଆଲୋଚନାଚକ୍ର

କେନ୍ଦ୍ରାପଡା, ୦୧/୩ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଭାରତୀୟ ଜନତା ପାର୍ଟି ଅନୁସୂଚିତ ଜାତି ମୋର୍ଚ୍ଚା ତରଫରୁ ରାଜ୍ୟ ବଜେଟ ପରିଚର୍ଚ୍ଚା ଅନୁଷ୍ଠିତ ହୋଇଯାଇଛି। ଦୁହୁରିଆ ସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଅନ୍ତର୍ଯ୍ୟାମୀ ମଲ୍ଲିକଙ୍କ ସଭାପତିତ୍ୱରେ ରାଜ୍ୟ ତରଫରୁ ଜିଲ୍ଲାର ପ୍ରଭାରୀ ଗୁରୁ ଚରଣ ସେଠୀ, ଜିଲ୍ଲାର ବରିଷ୍ଠ କାର୍ଯ୍ୟକର୍ତ୍ତା ଅଭିମନ୍ୟୁ ଗୋଛାୟତ, ମାଧବାନନ୍ଦ ମଲ୍ଲିକ, ବିନୋଦ ବେହେରା, ପ୍ରବେଶନ ମଲ୍ଲିକ, ନରୋତମ ଦାସ ପ୍ରମୁଖ ଆଲୋଚନାରେ ଯୋଗଦେଇ କହିଥିଲେ,ଚଳିତ ବର୍ଷର ରାଜ୍ୟ ବଜେଟ୍ ଏକ ଯୁଗାନ୍ତକାରୀ ବଜେଟ୍। ଏଥିରେ ୨୦୩୬ ରେ ବିକଶିତ ଓଡିଶା ଗଠନ ପାଇଁ ରୋଡ଼ମ୍ୟାପ ପ୍ରସ୍ତୁତ କରାଯାଇଛି। ବଜେଟରେ ଓଡ଼ିଶାର ବିକାଶ ପାଇଁ ପ୍ରତ୍ୟେକ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। ବିଶେଷ କରି ଅନୁସୂଚିତ ଜାତି, ଜନଜାତି ବିକାଶ ସଂଖ୍ୟାଲଘୁ ଓ ପଛୁଆଁବର୍ଗ କଲ୍ୟାଣ ବିଭାଗ ପାଇଁ ମୋଟ ୬୬୪୯ କୋଟି ଟଙ୍କା, ମୁଖ୍ୟମନ୍ତ୍ରୀ ଛାତ୍ର ଉତ୍ସାହ ଯୋଜନା ପାଇଁ ୧୪୪୩ କୋଟି, ମାଧୋ ସିଂହ ହାତ ଖରଚ ପାଇଁ ୧୫୪ କୋଟି, ଅନୁସୂଚିତ ଜନଜାତି ଛାତ୍ର ଛାତ୍ରୀ ଶିକ୍ଷା ପାଇଁ ୪୦୭ କୋଟି ଟଙ୍କା ପ୍ରାକ-ମ୍ୟାଟ୍ରିକ ଏବଂ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତି ଇତ୍ୟାଦି ପ୍ରାବଧାନ କରାଯାଇଛି ଯାହାକି ପୂର୍ବ ବଜେଟ ଅପେକ୍ଷା ଅତ୍ୟନ୍ତ ଉତ୍ସାହଜନକ। ବଜେଟରେ କେନ୍ଦ୍ରାପଡ଼ା ଜିଲ୍ଲାରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା, ଜାହାଜ ନିର୍ମାଣ କାରଖାନା, ମତ୍ସଜୀବୀ ମାନଙ୍କ ପାଇଁ ବିଶେଷ ଯୋଜନା, ଉପକୂଳ ଜାତୀୟ ରାଜପଥ ନିର୍ମାଣ, ଶ୍ରୀ ବଳଦେବଜୀଉଙ୍କ ରଥ ନିମନ୍ତେ ଏକ କୋଟି ଟଙ୍କା ଅନୁଦାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ପରିଶେଷରେ ସାଧାରଣ ସମ୍ପାଦକ ପ୍ରଦୀପ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୪ ଜଣ ପୋଲିସ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପୁରୀ, ୦୧/୩ (ନି.ପ୍ର): ପୁରୀ ଜିଲ୍ଲାରେ କାର୍ଯ୍ୟରତ ଚାରି ଜଣ ଅଧିକାରୀ ଦୀର୍ଘ ସେବାଜୀବନ ସମାପ୍ତ କରି ଶୃଙ୍ଖଳିତ ଭାବରେ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସଭାଗୃହରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ପୁରୀ ପୋଲିସ୍ ତରଫରୁ ସେମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମହେଶ୍ୱର ସେଠୀ ୨୯.୧୧.୧୯୮୯ ରିଖରେ ଓଡିଶା ପୋଲିସ୍ ବିଭାଗରେ ଯୋଗଦାନ କରି ପୁରୀ ଜିଲ୍ଲାରେ ଡ଼ିଏସପି ଭାବେ ନିଷ୍ଠା ଓ କର୍ତବ୍ୟନିଷ୍ଠା ସହ ଦୀର୍ଘବର୍ଷ ଧରି ସୁଚାରୁ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଭୁବନ ମୋହନ ସାମନ୍ତରାୟ ୦୨.୦୭.୧୯୯୨ ରିଖରେ ଓଡିଶା ପୋଲିସ୍ ବିଭାଗରେ ଯୋଗଦାନ କରି ପୁରୀ ଜିଲ୍ଲାରେ ଇନ୍ସପେକ୍ଟର ଭାବେ ଦାୟିତ୍ୱ କରି ସେବାରେ ଉତ୍କୃଷ୍ଟ ଅବଦାନ ରଖିଥିଲେ। ରବୀନ୍ଦ୍ରନାଥ ବେହେରା ୧୩.୦୭.୧୯୯୨ ରିଖରେ କନେଷ୍ଟବଳ ଭାବେ ଯୋଗଦାନ କରି ପରବର୍ତ୍ତୀ ସମୟରେ ଏଏସଆଇ ପଦବୀକୁ ପଦୋନ୍ନତି ପାଇ ପୁରୀ ଜିଲ୍ଲାରେ ନିଷ୍ଠାପୂର୍ଣ୍ଣ ଭାବରେ କର୍ତବ୍ୟ ପାଳନ କରିଥିଲେ। କୃଷ୍ଣଚନ୍ଦ୍ର ସେଠୀ ୨୧.୦୩.୧୯୯୧ ରିଖରେ କନେଷ୍ଟବଳ ଭାବେ ଯୋଗଦାନ କରି ପୁରୀ ଜିଲ୍ଲାର ବିଭିନ୍ନ ଥାନାରେ ସତ୍ୟନିଷ୍ଠା ଓ ଶୃଙ୍ଖଳାପୂର୍ଣ୍ଣ ଭାବରେ କାର୍ଯ୍ୟ କରିଥିଲେ। ଏହି ଅବସରରେ ଏସପି ପ୍ରତୀକ ସିଂହ ସେମାନଙ୍କର ନିଷ୍ଠା, କର୍ତବ୍ୟପରାୟଣତା ଓ ସେବାପ୍ରତି ଅଙ୍ଗୀକାର ପାଇଁ ସମ୍ମାନିତ କରିଥିଲେ ଏବଂ ଭବିଷ୍ୟତ ଜୀବନ ପାଇଁ ଶୁଭେଚ୍ଛା ଜଣାଇଥିଲେ। ସେମାନଙ୍କର ଦୀର୍ଘ ସେବା ଜୀବନରେ ଆଇନ-ଶୃଙ୍ଖଳା ରକ୍ଷା, ଶାନ୍ତି-ଶୃଙ୍ଖଳା ପ୍ରତିଷ୍ଠା ଓ ଲୋକସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରୀ ପୋଲିସ ତରଫରୁ ଗଭୀର କୃତଜ୍ଞତା ଜ୍ଞାପନ କରାଯାଉଛି। ଅବସର ପରବର୍ତ୍ତୀ ଜୀବନ ସୁସ୍ଥ, ସୁଖମୟ ଓ ସମୃଦ୍ଧିମୟ ହେଉ ବୋଲି ପୁରୀ ପୋଲିସ ପରିବାର ପକ୍ଷରୁ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି।

# ଅସହାୟ ଭୋକିଲାଙ୍କୁ ଖାଦ୍ୟ ବାଂଟିବ ସ୍ମାଇଲ ଫର୍ ଅଲ୍ ସଂଗଠନ ପେଟ କେ ମୁଠେ ଅଭିଯାନ ଆରମ୍ଭ

ବଲାଙ୍ଗୀର, ୦୧/୩ (ନି.ପ୍ର): ବଲାଙ୍ଗୀର ସହରରେ ବିଭିନ୍ନ ବର୍ଗର ଲୋକେ ବାସ କରୁଛନ୍ତି। ସହରରେ ଅନେକ ଲୋକ ଅଛନ୍ତି ଯେଉଁମାନେ ଆର୍ଥିକ ସ୍ତରରେ ସ୍ୱଚ୍ଛଳ ତଥା ଅତି ସ୍ୱଚ୍ଛଳ ବର୍ଗର। ଏମାନଙ୍କ ଭିତରେ ଅନେକ ବି ଲୋକ ଅଛନ୍ତି ଯେଉଁମାନେ ଅତି ଦୁସ୍ଥ, ବୃଦ୍ଧ, ବୃଦ୍ଧା, ଆର୍ଥିକ ସ୍ତରରେ ବହୁତ ଅନଗ୍ରସର ଯେଉଁମାନେ କି ପେଟକୁ ଦୁଇ ମୁଠା ଖାଦ୍ୟ ଦୁଇ ଓଳି ପାଇଁ ଯୋଗାଡ କରିପାରନ୍ତି ନାହିଁ। ଏମାନଙ୍କ ଭିତରେ ଆହୁରି କିଛି ବି ଲୋକ ଅଛନ୍ତି ଯେଉଁମାନେ କି ଆର୍ଥିକ ସ୍ତରରେ ତ ଅନଗ୍ରସର ତା ସହ ରୋଗାଗ୍ରସ୍ତ ତଥା ବାର୍ଦ୍ଧକ୍ୟ ଯୋଗୁଁ ନିଜ ପାଇଁ ଖାଦ୍ୟ ତିଆରି କରିପାରୁନାହାନ୍ତି। ଏପରି ଲୋକଙ୍କର ପେଟକୁ ଦୁଇ ବେଳା ଖାଦ୍ୟ ପରଷିବା ପାଇଁ ବଲାଙ୍ଗିର ର ଅଗ୍ରଣୀ ସାମାଜିକ ସଂଗଠନ "ସ୍ମାଇଲ ଫର ଅଲ୍ ଫାଉଣ୍ଡେସନ" ଅଂଟା ଭିଡିଛି। ଏହି ସଂଗଠନର ସଦସ୍ୟମାନେ ଆଜି ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ ସ୍ମାଇଲ ଫର ଅଲ୍ ଫାଉଣ୍ଡେସନ ଅନେକ ଦିନରୁ ସହରର ଦୁସ୍ଥ ଲୋକଙ୍କ ପାଇଁ ସେବା କାର୍ଯ୍ୟ ଜାରି ରଖିଛି। ବଲାଙ୍ଗିର ରେ ବର୍ଷା ବିପ୍ରୀତ ହେଉ କି ମହାମାରୀ କରୋନା ଏପରି କଷ୍ଟକର ସମୟରେ ସଂଗଠନର ସଭ୍ୟମାନେ ନିସ୍ୱାର୍ଥପର ଭାବରେ ଲୋକଙ୍କ ସେବା କରିଛନ୍ତି। ଏହି ସେବା କାର୍ଯ୍ୟକୁ ଦେଖି ସହରର କିଛି ସଚେତନ ନାଗରିକ, ସାମ୍ବାଦିକ, ବିଭିନ୍ନ ସାମାଜିକ ସଂଗଠନର ବନ୍ଧୁମାନେ ଆମକୁ ଅନୁରୋଧ କରିଥିଲେ ଯେ ବଲାଙ୍ଗିର ରେ ରହୁଥିବା ଆର୍ଥିକ ଅନଗ୍ରସର ପୁଅ ଝିଅ ବାସନ୍ଦ କରିଦେଇଥିବା ଅସହାୟ ବୃଦ୍ଧ, ବୃଦ୍ଧା, ଗରିବ, ବାସହୀନଙ୍କୁ ଦୁଇ ବେଳା ସୁଷମା ରନ୍ଧାଖାଦ୍ୟ ଯଦି ସେମାନଙ୍କ ଘର ଦୁଆରେ ପହଂଚାଇ ଦିଆଯାଇ ପାରିବ ତେବେ ଏହା ଏକ ସର୍ବକାଳିନ ଶ୍ରେଷ୍ଠ ସମାଜସେବା ଭାବରେ ପରିଗଣିତ ହେବ। ଏପରି ସମ୍ବେଦନଶିଳ ଅନୁରୋଧକୁ ରକ୍ଷା କରି ସ୍ମାଇଲ ଫର ଅଲ୍ ଫାଉଣ୍ଡେସନ ଆଜି ଠାରୁ "ପେଟ କେ ମୁଠେ" ଅଭିଯାନ ଆରମ୍ଭ କରୁଛି। ଏହି କାର୍ଯ୍ୟକ୍ରମ ଅନୁସାରେ ଆମ ସଂଗଠନ ଏହି ଦୁସ୍ଥ ଦରିଦ୍ର ଅସହାୟ ଲୋକମାନଙ୍କୁ ମାଗଣା ସୁଷମ ରନ୍ଧା ଖାଦ୍ୟ ତାଙ୍କ ଘର ଦୁଆରେ ଟିଫିନ୍ ଡବା ଯୋଗେ ପହଂଚାଇ ଦେବ। ଏ ପର୍ଯ୍ୟନ୍ତ ସହରରୁ ୧୨ ଜଣ ବୃଦ୍ଧ ବୃଦ୍ଧା ଏହି ମାଗଣା ଖାଦ୍ୟ ଗ୍ରହଣ ପାଇଁ ପଞ୍ଜିକୃତ ହୋଇସାରିଛନ୍ତି। ଏହି କାର୍ଯ୍ୟକ୍ରମ ର ସଫଳ ରୂପାୟନ ପାଇଁ ସଂଗଠନ ତରଫରୁ ପ୍ରତ୍ୟେକ ଛାତ୍ର, ଯୁବକ, ସଚେତନ ନାଗରିକ, ସମାଜସେବୀ ଙ୍କ ଠାରୁ ସଂଗଠନ ସହଯୋଗ କାମନା କରୁଛି ବୋଲି ସାମ୍ବାଦିକ ସମ୍ମିଳନୀ କରି ସଂଗଠନର ସଦସ୍ୟମାନେ ଅନୁରୋଧ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ସଂଗଠନ ର ଉପଦେଷ୍ଟା ଲୋଟସ ଷଡଙ୍ଗୀ, ଟୁନା ମିଶ୍ର, ସଭାପତି ସାମସନ ମିସାଲ, ସଚିବ ସଂଜିବ ସାହୁ, କୋଷାଧକ୍ଷ ଜୟକୃଷ୍ଣ ମିଶ୍ର, ଚକ୍ରପାଣି ଦାଶ, ସୁଦର୍ଶନ ଚିର୍ଗୁନ ପ୍ରମୁଖ ମଂଚାସିନ ଥିବାବେଳେ ସୁଜିତ ଚନ୍ଦନ, ଅରୁପ ସିଂ, ପ୍ରଭାତ ମିଶ୍ର, ବାବୁ ଚନ୍ଦନ, ଆୟୁଷ ରାଉତ, ରାଜ ନାଏକ, ବବଲୁ ନନ୍ଦ, କିଶୋର ସିଂ ଏବଂ ସୁରେଶ ବାଗ, ବିଙ୍ଗ ହ୍ୟୁମେନର ପ୍ରତିଷ୍ଠାତା ଏବଂ ସଭାପତି ସୋମନାଥ ମିଶ୍ର, ସ୍ୱେଚ୍ଛାସେବୀ ସଂଗଠନର ଗୋବିନ୍ଦ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ।

# ପରିବେଶ ବିଗୁଡୁଛି: ବାଲି ବେପାର ପାଇଁ ଯାଉଛି ସାଧାରଣ ଲୋକଙ୍କ ଜୀବନ, ବୈତରଣୀରୁ ଲୁଟ ହେଉଛି ଟ୍ରିପ ଟ୍ରିପ ବାଲି

ଭଦ୍ରକ, ୦୧/୩ (ନି.ପ୍ର): ବୈତରଣୀ ନଦୀ କୂଳରେ ବିଭିନ୍ନ ସ୍ଥାନରୁ ବେଧଡକ ଭାବେ ଚାଲିଛି ବାଲି ପରିବହନ।ଏଥିପାଇଁ ପରିବେଶ ବିଗୁଡୁଛି।ସରକାର ରାଜସ୍ୱ ହରାଉଛନ୍ତି।ଲୋକଙ୍କ ଜୀବନ ବି ଯାଉଛି।ହେଲେ ମୁନାଫା କମାଇବା ପାଇଁ କିଛି ବାଲି ବେଆଇନ କାରବାର କରୁଥିବା ବେପାରୀଙ୍କ ବିରୋଧରେ ଆଖି ଦୃଶିଆ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଏହି ବେପାର ପାଇଁ କାହାର ଭୟ ରହୁନାହିଁ।ବରଂ ନୂଆ ନୂଆ ସ୍ଥାନ ଉପରେ ଆଉ କେତେକ ଏହି କାରବାର ସହ ଯୋଡ଼ି ହେଉଛନ୍ତି।ଭଣ୍ଡାରିପୋଖରୀ ଥାନା ଅଧିନ ବିଭିନ୍ନ ସ୍ଥାନରେ ହେଉଥିବା ବାଲି ଚୋରିକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କିଛି ଦିନ ପୂର୍ବରୁ ବୈତରଣୀ କୂଳବର୍ତି ସ୍ଥାନରେ ଗର୍ତ ସୃଷ୍ଟି କରା ଯାଇଥିଲା। ନଦୀ ପଠାରେ ଯେଉଁ ନାଳ ଚିରା ଯାଇଥିଲା ମାଫିଆ ମାନେ ସେଗୁଡିକୁ ପୋତି ଦେଇଛନ୍ତି। ଏବେ ପୂର୍ବ ଭଳି ନଦୀରୁ ବାଲି ପରିବହନ ଜାରି ରହିଛି। ବନ୍ୟା ସମୟକୁ ଛାଡିଦେଲେ ବର୍ଷ ତମାମ ବୈତରଣୀ ନଦୀରୁ ଅହରହ ବାଲି ଚୋରି ହୋଇଥାଏ। ନଦୀର ବନ୍ଧାଳମଢିଆଳୀ ଠାରୁ ଆରମ୍ଭ କରି ମୁଢାପଦା ଯାଏଁ ସ୍ଥିତି ଦୈନିକ ଶହଶହ ଟ୍ରିପ ବାଲି ଚାଲାଣ ହୋଇଥାଏ। ପୂର୍ବରୁ ଥାନା ଓ ତହସିଲ ଏହାକୁ ରୋକିବା ପାଇଁ ଶତ ଚେଷ୍ଟା କରିଥିଲେ ମଧ ତାହା ଶତପ୍ରତିଶତ ସଫଳ ହୋଇନଥିଲା। କିଛି ମାସ ପୂର୍ବରୁ ଜିଲ୍ଲା ଖଣି ନଗମ ବେଆଇନ ବାଲି ଚାଲାଣକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଅଂଟା ଭିଡିଥିଲା। ନୂଆ ଯୋଜନା ଅନୁଯାୟୀ ନଦୀ କୂଳିଆ ଗାଁରେ ଜନସଚେତନତା ସଭା ଓ ଗାଡି ଯିବା ରାସ୍ତାରେ ନାଳ ଖୋଳା ଯାଇଥିଲା। ଏହି ପରିପ୍ରେକ୍ଷୀରେ ସର୍ବ ପ୍ରଥମେ ବାଲିପୋଖରୀ ଏସକେପ ଠାରେ ବେଆଇନ ବାଲି ଚାଲଣ ହେଉଥିବା ପଥରେ ଗର୍ତ ଖନନ ହୋଇଥିବା ବେଳେ ପରେ ପରେ ମଣୀନାଥପୁର ବିରୋଳି, ମୁଢାପଦା ପ୍ରମୁଖ ସ୍ଥାନରେ ବାଲି ଚୋରି ରୋକିବା ସକାଶେ ନଦୀକୁ ଲାଗି ନାଳି ତିଆରି ହୋଇଥିଲା। ବେଆଇନ ବାଲି ଚୋରିକୁ ରୋକିବା ପାଇଁ ଖଣି ନିଗମ ପକ୍ଷରୁ ଉପାୟ ଅବଲମ୍ବନ କରା ଯାଇଥିବା ବେଳେ ଏବେ ତାହା ସମ୍ପୂର୍ଣ୍ଣ ଫେଲ ମାରିଛି ବୋଲି କୁହାଯାଇଛି। ବେଆଇନ ବାଲି ଉତୋଳନ ଯୋଗୁ ବଲ୍ଲଭି ଘାଟ ସେତୁ ପ୍ରତି ବିପଦ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି।

# ଶ୍ରୀ ଶ୍ରୀ ଶନିଦେବଙ୍କ ଚତୁର୍ଥ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉତ୍ସବ

ଭଦ୍ରକ, ୦୧/୩ (ନି.ପ୍ର): ଭଦ୍ରକ ଜିଲ୍ଲା ସାବରଙ୍ଗ ଥାନା ଅନ୍ତର୍ଗତ ଏରଡା ଗ୍ରାମ ରେ ପ୍ରତ୍ୟେକ ବର୍ଷ ଭଳି ଏବର୍ଷ ମଧ ଶ୍ରୀ ଶ୍ରୀ ଶନିଦେବଙ୍କ ଚତୁର୍ଥ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଏରଡା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଶ୍ରୀ ଶ୍ରୀ ଶନିଦେବଙ୍କ ଚତୁର୍ଥ ବିଶ୍ୱଶାନ୍ତି ବାଷିକ ଉତ୍ସବ ମହାଯଜ୍ଞ ଆରମ୍ଭ ପୂର୍ବରୁ ପ୍ରଥମ ଦିନରେ ଏରଡା ଗ୍ରାମବାସୀ ମାନଙ୍କ ଦ୍ୱାରା ଭଜନ, କିତନ, ଘଂଟା, ଝାଞ୍ଜ ବଜାଇ ଏକ ବିଶାଳ କଳସ ଶୋଭା ଯାତ୍ରାରେ ଏରଡା ଗ୍ରାମ ପରିକ୍ରମା କରି ଶ୍ରୀ ଶ୍ରୀ ଶନିଦେବଙ୍କ ମନ୍ଦିର ଠାରେ ପହଂଚିବା ପରେ ସେଠାରେ ଉପସ୍ଥିତ ଥିବା ପଣ୍ଡିତ ଓ ପୁରୋହିତ ମାନଙ୍କ ଦ୍ୱାରା ଶ୍ରୀ ଶ୍ରୀ ଶନିଦେବଙ୍କ ପୂଜା, ପାଠ, ହୋମ, ଯଜ୍ଞ ଆରମ୍ଭ କରାଯିବା ସହିତ ଏକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଶ୍ରୀ ଶ୍ରୀ ଶନିଦେବଙ୍କ ସମସ୍ତ ପୂଜା କାର୍ଯ୍ୟ ଶେଷ ହେବା ପରେ ପରେ ଏରଡା ଗ୍ରାମବାସୀ ମାନଙ୍କ ସହ ଶ୍ରୀ ଶ୍ରୀ ଶନିଦେବଙ୍କୁ ଦର୍ଶନ କରିବା ନିମନ୍ତେ ଆସୁ ଥିବା ସମସ୍ତ ଶନିଦେବ ଭକ୍ତ ମାନଙ୍କ ପାଇଁ ଏରଡା ଗ୍ରାମବାସୀ ମାନଙ୍କ ଦ୍ୱାରା ଏହି ଚାରି ଦିନ ଧରି ଏକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଯାହା ସମସ୍ତ ଶନିଦେବ ଭକ୍ତ ମାନେ ଆନନ୍ଦ ର ସହିତ ପ୍ରସାଦ ସେବନ କରିଥିଲେ। ଏହି ବାଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ରେ ଏରଡା ଗ୍ରାମବାସୀ ମାନଙ୍କ ସହ ପାଖ ଗ୍ରାମ ମାନଙ୍କ ରୁ ଆସିଥିବା ଶହ ଶହ ସଂଖ୍ୟାରେ ମହିଳା, ପୁରୁଷ, ଯୁବକ, ଯୁବତୀ ମାନେ ଯୋଗ ଦେଇ ଶ୍ରୀ ଶ୍ରୀ ଶନିଦେବଙ୍କ ନିକଟରୁ ନିଜ ନିଜର ପରିବାର ଲୋକ ମାନଙ୍କ ପାଇଁ ଆର୍ଶବାଦ ଭିକ୍ଷା କରିଥିବାର ଦେଖିବାକୁ ମିଳିଥିବା ବେଳେ। ଏଥି ସହ ଏହି ସମସ୍ତ ପ୍ରକାର ପୂଜା ରେ ଏରଡା ଗ୍ରାମବାସୀ ମାନଙ୍କ ସହ ପାଖ ଗ୍ରାମରୁ ଆସିଥିବା ଶହ ଶହ ସଂଖ୍ୟାରେ ଶନିଦେବ ଭକ୍ତ ମାନେ ଉପସ୍ଥିତ ରହି ସମସ୍ତ ପୂଜା କାର୍ଯ୍ୟ କୁ ଉପଭୋଗ କରିବା ସହ ଏରଡା ଗ୍ରାମରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ପରେ ଶ୍ରୀ ଶ୍ରୀ ମହାବୀର ଶନିଦେବଙ୍କ ସମସ୍ତେ ପୂଜା କାର୍ଯ୍ୟ ଶେଷରେ ପୂର୍ଣ୍ଣାହୁତୀ ଅନୁଷ୍ଠିତ ହୋଇ ପୂଜା କାର୍ଯ୍ୟ ସମାପ୍ତ ହୋଇଥିଲା। ଶ୍ରୀ ଶ୍ରୀ ଶନିଦେବଙ୍କ ବାର୍ଷିକ ଉତ୍ସବ ସହ ବିଶ୍ୱଶାନ୍ତି ମହାଯଜ୍ଞ ଟିକୁ ଏରଡା ଶନିଦେବ ମନ୍ଦିର କମିଟି ର ସଦସ୍ୟ ମାନଙ୍କ ସହ ଏରଡା ଗ୍ରାମ ର ଯୁବକ ସଂଘ ଓ ସମସ୍ତ ଏରଡା ଗ୍ରାମବାସୀ ମାନେ ଉପସ୍ଥିତ ରହି ସମସ୍ତ ପ୍ରକାର କାର୍ଯ୍ୟ ଶେଷ କରିଥିବାର ଦେଖିବାକୁ ମିଳିଛି।

# ନୂଆପଡ଼ା ଜିଲ୍ଲାରେ ଦିଶା ବୈଠକ ଅନୁଷ୍ଠିତ

ନୂଆପଡ଼ା, ୦୧/୩ (ନି.ପ୍ର): ନୂଆପଡ଼ା ଜିଲ୍ଲା ସଭାବନା ସଭା ଗୃହରେ ସମ୍ମାନୀୟା କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କମିଟି ସଭା, ଦିଶା ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାରେ ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାପାଳ ମଧୁସୂଦନ ଦାଶ କହିଲେ ଯେ, ଜିଲ୍ଲାରେ ବିଭିନ୍ନ ବିଭାଗର ଉନ୍ନୟନ କାମର ଦୃତ ପ୍ରଗତି ହୋଇଛି। ଏହାକୁ ଆହୁରି କ୍ରିୟାଶୀଳ କରିବା ପାଇଁ ଏହି ସାମୟିକ ସମୀକ୍ଷା ସହାୟକ ହେବ। ସାଂସଦ କହିଲେ ଯେ ଗତାନୁଗତିକ ଭାବରେ ବିଭାଗୀୟ ଅଧିକାରୀ ମାନେ ପ୍ରଗତି ରିପୋର୍ଟ ନଦେଇ ଜନ ପ୍ରତିନିଧିମାନେ ସେମାନଙ୍କ ସମସ୍ୟା ସବୁ ଗୃହରେ ଉତାପନ କରିବେ। ଏହାପରେ ସମସ୍ତ ବ୍ଲକ୍ ର ଅଧ୍ୟକ୍ଷା, ଖରୀଆର ରୋଡ ଏନ୍ଏସି ଅଧ୍ୟକ୍ଷା ଡଃ ସୋନିଆ ଜୈନ, ସାଂସଦଙ୍କ ପ୍ରତିନିଧି ପ୍ରେମ୍ ଅଗ୍ରୱାଲ ଏବଂ ଦିଶା ସଭ୍ୟ ମାନେ ଜନସାଧାରଣଙ୍କ ମୁଖ୍ୟ ସମସ୍ୟା ଯଥା ଘରଡିହ, ବାସଗୃହ, ବିଦ୍ୟୁତ୍, ପାନୀୟ ଜଳ, ସଡକ, ଶ୍ରମ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ମିଶନ, କୃଷି, ଶିଳ୍ପ, ଖାଦ୍ୟ ଯୋଗାଣ ଇତ୍ୟାଦି ବିଷୟ ଉପରେ ଗୃହରେ ବିଶଦ ଭାବରେ ଆଲୋଚନା କରିଥିଲେ। ଏହାପରେ ସାଂସଦ ଗୋଟି ଗୋଟି କରି ବିଭିନ୍ନ ବିଭାଗର ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହିସବୁ କ୍ଷେତ୍ରରେ ଯେତେ ସବୁ ସମସ୍ୟା ଅଛି ସେସବୁର ଶୀଘ୍ର ସମାଧାନ କରିବା ପାଇଁ ସାଂସଦ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ କ୍ଷଜିଲ୍ଲାର ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ସମୟ ସିମା ଭିତରେ ଶୀଘ୍ର ସାରିବା ପାଇଁ ଗୁରୁତ୍ୱ ଦେଇଥିଲେ। ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ନିଜ ବିଧାନସଭା କ୍ଷେତ୍ରର ବିଭିନ୍ନ ସମସ୍ୟା ଉପସ୍ଥାପନ କରି ଏହା ଉପରେ ବିଭିନ୍ନ ବିଭାଗ କଣ ପଦକ୍ଷେପ ନେଇଛନ୍ତି ଜାଣିବାକୁ ଚାହିଁଥିଲେ। ଜିଲ୍ଲାପାଳ କହିଲେ ଯେ ଜିଲ୍ଲାରୁ ପ୍ରବାସୀ ଶ୍ରମିକ ସମସ୍ୟା ସମାଧାନ କରିବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ସମୁଚିତ ପଦକ୍ଷେପ ଗ୍ରହଣ କରାଯାଉଛି। ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ରରେ ପିଇବା ପାଣି ଯୋଗାଣ ଓ ଶୌଚାଳୟ ନିର୍ମାଣକୁ ପ୍ରାଥମିକତା ଦିଆ ଯାଉଛି। ଜିଲ୍ଲାରେ ପ୍ରଥମଥର ପାଇଁ ବିଧବା ମହିଳା ମାନଙ୍କ ଡାଟା ବେସ ତିଆରି ହୋଇ ସେମାନଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆ ଯାଇଛି। ଏହାସହିତ ବିଭିନ୍ନ ଲାଇନ୍ ବିଭାଗ ସେମାନଙ୍କ ଜୀବନ ଜୀବିକା ପାଇଁ ସହାୟତା ଯୋଗାଇ ଦେଉଛନ୍ତି। ଆଜିକାର ଏହି ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଡଲି ମାଝି, ସମସ୍ତ ବ୍ଲକ୍‌ର ଅଧ୍ୟକ୍ଷା, ସାଂସଦଙ୍କ ପ୍ରତିନିଧି ପ୍ରେମ ଅଗ୍ରୱାଲ,ବିଭିନ୍ନ ଜନ ପ୍ରତିନିଧି, ଦିଶା କମିଟି ସଦସ୍ୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ,ବନଖଣ୍ଡ ଅଧିକାରୀ ଖଡିଆଳ, ଅଜିଜ୍ ଖାନ୍, ବନଖଣ୍ଡ ଅଧିକାରୀ ବନ୍ୟଜନ୍ତୁ, ସମିର ସାହୁ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ, ସମସ୍ତ ଏନ୍ଏସି କାର୍ଯ୍ୟନିର୍ବାହି ଅଧିକାରୀ ପ୍ରମୁଖ ଯୋଗଦେଇଥିଲ। ସମସ୍ତ ଜନପ୍ରତିନିଧି ଓ ଅଧିକାରୀଗଣ ମିଳିତ ଭାବରେ ଜିଲ୍ଲାର ସାମଗ୍ରିକ ଉନ୍ନତି କରିବା ପାଇଁ ସାଂସଦ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଆସନ୍ତା ଏପ୍ରିଲ୍ ଏକ ତାରିଖରୁ ଆରମ୍ଭ ହେଉଥିବା 'ମାରାଗୁଡା ଲୋକ ମହୋତ୍ସବ'ର ସଫଳ ରୂପାୟନ ପାଇଁ ଜିଲ୍ଲାପାଳ ସମସ୍ତ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀ ମାନଙ୍କ ସହଯୋଗ କାମନା କରିଥଲେ। ଶେଷରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସଂଘ ବିରୋଧୀ କାର୍ଯ୍ୟ କରିଥିବା ଯୋଗୁଁ ଥାନା ଦ୍ୱାରସ୍ଥ ହେଲେ ଠିକାଦାର

ଜୟପୁର, ୦୧/୩ (ନି.ପ୍ର): ଜୟପୁର ନୂତନ ଭାବେ ଗଠିତ ହୋଇଥିବା ବିସିଡି ଠିକାଦାର ସଂଘରେ ସମସ୍ତ ଠିକାଦାରଙ୍କୁ ନେଇ ଯେଉଁ ନିଷ୍ପତି ହୋଇଥିଲା ତାହାର ବିରୋଧ କରି ଯେଉଁ ଠିକାଦାର ମାନେ ଧାର୍ଯ୍ୟ ଦରରୁ କମ ଦରରେ ଟେଣ୍ଡର ପକାଇଥିଲେ ସେମାନଙ୍କ ନାମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ କର୍ମକର୍ତା ଥାନା ର ଦ୍ୱାରସ୍ତ ହେଲେ ଠିକାଦାର। ମିଳିଥିବା ସୂଚନା ଅନୁଯାୟୀ ଗତକିଛିଦିନ ପୂର୍ବେ ଜୟପୁର ପୌର ପାଳିକାରେ ୭୦ଟି କାମ ନିମନ୍ତେ ୬ କୋଟି ଟଙ୍କାର ଉର୍ଦ୍ଧ ଟେଣ୍ଡର ଡକାଯିବା ପରେ ଠିକାଦାର ସଂଘର ଏକ ବୈଠକ ଡକାଯାଇଥିଲା। ସେହି ବୈଠକରେ ଜୟପୁରର ସମସ୍ତ ଠିକାଦାର କିଭଳି ସୁରୁଖୁରୁରେ ଏବଂ ସମସ୍ତ ଠିକାଦାର କାର୍ଯ୍ୟ ପାଇବେ ସେଥିନେଇ ନିଷ୍ପତି ନିଆଯାଇଥିଲା। ଏପରିକି ଧାର୍ଯ୍ୟ ଦର ହିସାବରେ ସମସ୍ତେ ଟେଣ୍ଡର ଦାଖଲ କରିବାକୁ ନିଷ୍ପତି ନିଆଯାଇଥିଲା। କିନ୍ତୁ କିଛି ଠିକାଦାର ସଂଘକୁ ନଜଣାଇ ୨ପ୍ରତିଶତ କମରେ ଟେଣ୍ଡର ପକାଇ ଦେଇଥିଲେ। ଏବଂ କିଛି ଜିଲ୍ଲା ବାହାରର ଠିକାଦାର ମଧ ଟେଣ୍ଡର ପକାଇଥିଲେ। ଗତକାଲି ସଂଘ କର୍ମକର୍ତା ଜିଲ୍ଲା ବାହାରର ଠିକାଦାର ଓ ଧାର୍ଯ୍ୟ ଦରରୁ କମରେ ଟେଣ୍ଡର ପକାଇଥିବା ଠିକାଦାରଙ୍କୁ କାମ ମିଳିଥିବା ଜାଣିବାକୁ ପାଇବା ପରେ ଉକ୍ତ ଠିକାଦାରଙ୍କ ଘରକୁ ଯାଇ ବୁଝାମଣା କରିଥିଲେ ଏବଂ କାମରୁ ଓହରିଯିବାକୁ କହିଥିଲେ। ଆଜି ଉକ୍ତ ଠିକାଦାର ଜଣକ ଘରୁ ବାହାରି ଆସୁଥିବା ସମୟରେ ଅନ୍ୟ ଠିକାଦାରମାନେ ରାସ୍ତାରେ ଅଟକାଇ କଥା ହେବା ସମୟରେ ଟେଣ୍ଡର ହାସଲ କରିଥିବା ଠିକାଦାରର ସହଯୋଗୀ ପୁଲିସକୁ ଖବର ଦେଇଥିଲେ। ଯେ ସଂଘର ଠିକାଦାର ମାନେ ଟେଣ୍ଡର ପାଇଥିବା ଠିକାଦାରକୁ ଅପହରଣ କରି ନେଉଛନ୍ତି ତେଣୁ ସୁରକ୍ଷା ପ୍ରଦାନ କରନ୍ତୁ ବୋଲି ଥାନାରେ ଫୋନ କରିବା ପରେ ପୁଲିସ ଘଟଣା ସ୍ଥଳରେ ପହଁଚି ଟେଣ୍ଡର ପାଇଥିବା ବ୍ୟକ୍ତିକୁ ଉଦ୍ଧାର କରି ଆଣିବା ସହ ସମସ୍ତ ଠିକାଦାରଙ୍କୁ ଥାନାକୁ ଡକାଇଥିଲେ। ସକାଳ ୧୦ଟାରେ ସମସ୍ତ ଠିକାଦାର ସମ୍ବଘର କର୍ମକର୍ତା ଉପସ୍ଥିତ ରହି ଥାନା ସମ୍ମୁଖରେ ସ୍ୱର ଉତୋଳନ କରି ସମ୍ବଘ ବିରୋଧି କାର୍ଯ୍ୟ କରିଥିବା ଠିକାଦାର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ପ୍ରକାଶ ଥାଉକି ଟେଣ୍ଡର ହାତେଇଥିବା ଠିକାଦାର ଅପହରଣ କରୁଥିବା ନେଇ ଅଭିଯୋଗ କରିଥିବା ବେଳେ ସଂଘ ଠିକାଦାର ମାନେ ଏଟ୍ରୋସିଟି ଏତଲା ଦେଇଥିଲେ। ରାତ୍ର ୮ ପର୍ଯ୍ୟନ୍ତ ଥାନାରେ କେସ ରେଜିଷ୍ଟର ହୋଇନଥିବା ବେଳେ ଉଭୟ ଠିକାଦାରଙ୍କ ମଧ୍ୟରେ ଆପୋସ ବୁଝାମଣା ଚାଲିଥିବା ଠିକାଦାର ସଂଘର ସଭାପତି ପଦ୍ମନ ହରିଜନ ପ୍ରକାଶ କରିଛନ୍ତି।

# ବିଧବା ବୃଦ୍ଧା ଚାର୍ମି ମୁଣ୍ଡାଙ୍କୁ ସହଯୋଗର ହାତ ବଢାଇଲେ ବିଡ଼ିଓ

କେନ୍ଦୁଝର, ୦୧/୩ (ନି.ପ୍ର): 'ଭିକ ମାଗୁଛନ୍ତି ବାପା'ମା ଛେଉଣ୍ଡ ଦୁଇ ଆଦିବାସୀ ପିଲା'.ଏଭଳି ଏକ ସ୍ପର୍ଶକାତର ଘଟଣାକୁ ଖବରକାଗଜ ପୃଷ୍ଠାରୁ ଜାଣି ଆଜି ବାଂଶପାଳ ବ୍ଲକ୍ ର ଲୋକପ୍ରିୟ ବିଡ଼ିଓ ରାଜା ରଣଜିତ ପ୍ରତାପବଳ ତୁରନ୍ତ କୁଡିପଶା ପଂଚାୟତ କୁଣ୍ଡେଇ ଗ୍ରାମର ଅସହାୟ ବିଧବା ବୃଦ୍ଧା ଚାର୍ମି ମୁଣ୍ଡାଙ୍କ ଘରେ ପହଂଚି ତାଙ୍କୁ ତୁରନ୍ତ ଏକ ମାସର ରାସନ୍ ସାମଗ୍ରୀ ଏବଂ ଏକ ନୂତନ ରାସନ୍ କାର୍ଡ ପ୍ରଦାନ ସହିତ ଦୁଇ ପିଲାଙ୍କୁ ଖୁବ୍ ଶୀଘ୍ର ଶିଶୁ ସୁରକ୍ଷା ସେଂଟରକୁ ପଠାଇବା ବ୍ୟବସ୍ଥା କରିବାପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଚାର୍ମି ଆଦିମ ଜନଜାତି ମୁଣ୍ଡା ବର୍ଗର ଲୋକ ରୋଜଗାର କରିବାକୁ କେହି ନାହିଁ। ଏ ଦୁଇ ପିଲା ଓ ବୁଢ଼ୀ ମା' ର ନାହିଁ ନ ଥିବା ଅସୁବିଧା। ଘର ଭଙ୍ଗା ଦଦରା। ଦୁଆର ଅଛି, କବାଟ ନାହିଁ। ଖାଇବାକୁ ଭାତ ନାହିଁ। ପୋଷାକ ନାହିଁ। ମୁଣ୍ଡକୁ ତେଲ ନାହିଁ। ସବୁ କିଛି ନାହିଁ ନାହିଁ। ଚାରି ଆଡେ ଅନ୍ଧାର। କୌଣସି ଲୋକ ପ୍ରତିନିଧିଙ୍କ ଦେଖା ନାହିଁ। ପରିବାର ପୁରା ହତାଶ। ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ' ଆଶା' ନଜରକୁ ଆସିଛି ଏ ଅବସ୍ଥା। ସ୍ୱେଚ୍ଛାସେବୀ ମାନେ ଯୋଗାଇ ଦେଇଛନ୍ତି - ଚାଉଳ, ଡାଲି, ତେଲ, ଚୁଡା, ଗୁଡ, ସାବୁନ୍, ନଡ଼ିଆ ତେଲ, ଆଳୁ, ପିଆଜ, ମସଲା, ପରିବା ଇତ୍ୟାଦି। ଏହା ସହିତ ସରକାରଙ୍କ ଦୃଷ୍ଟିକୁ ଆଣିଛନ୍ତି ପିଲାଙ୍କ ଏ ଅବସ୍ଥା। ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ଥିଲେ ଶ୍ରୀମତୀ ମିନତୀ ମହାନ୍ତ, ଶ୍ରୀମତୀ ସତ୍ୟଭାମା ମହାନ୍ତ, ମନୋଜ କୁମାର ପଟେଲ୍, ବିଜୟ କୁମାର ଘଣା, ରାମଚନ୍ଦ୍ର ମହାନ୍ତ, ତୁଷାର ଭୂଷଣ ମହାନ୍ତ, ଶ୍ରୀମତୀ ସୁଲୋଚନା ମହାନ୍ତ, ଶ୍ରୀମତୀ ଜୟନ୍ତୀ ମହାନ୍ତ ପ୍ରଭୃତି।

# ଫୁଲବାଣୀରେ ସାମାଜିକ ସଦଭାବନା ନେତୃତ୍ୱ ବୈଠକ ଅନୁଷ୍ଠିତ

କନ୍ଧମାଳ, ୦୧/୩ (ନି.ପ୍ର): ଫୁଲବାଣୀ ପୌର ପରିଷଦ ଅଂଚଳର ନାରାୟଣୀ ଯାତ୍ରା କମିଟି ସମ୍ମିଳନୀ କକ୍ଷରେ ଫୁଲବାଣୀର ସାମାଜିକ ସଦଭାବନା ନେତୃତ୍ୱ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜଗଦୀଶ ଦାସ ଯୋଗଦେଇ ସମାଜରେ ପରିବର୍ତନ ଆଣିବାକୁ ହେଲେ ପ୍ରଥମେ ପରିବାର ରେ ସାମାଜିକ ସଂସ୍କାର ଆବଶ୍ୟକ। ସେହିପରି ନିରଞ୍ଜନ ମିଶ୍ର ଯୋଗଦେଇ ସମାଜରେ ପଂଚ ପରିବର୍ତନ ଶୈଳୀ ଉପରେ ଆଲୋକପାତ କରି। ସହିତ ସାମାଜିକ ସଦଭାବନା ନେତୃତ୍ୱ ହେଉଛି ବିଭିନ୍ନ ଜାତିଧର୍ମ ଓ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଏକତାଶାନ୍ତି ଏବଂ ଭାଇଚାରା ବଜାୟ ରଖିବା ପାଇଁ ପ୍ରୟାସ କରିବା। ଏହା ମହାପୁରୁଷଙ୍କ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ଯାହା ନୈତିକତାରାଷ୍ଟ୍ର ନିର୍ମାଣ ଏବଂ ସାମାଜିକ ସହଯୋଗ ଉପରେ ଗୁରୁତ୍ୱ ଦେଇଥାଏ। ଏଭଳି ନେତୃତ୍ୱ ସମାଜରେ ଘୃଣା ଓ ବିଭେଦକୁ ଦୂର କରି ସଦଭାବନା ସୃଷ୍ଟି କରିଥାଏ। ସେହିପରି ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ପ୍ରଶାନ୍ତ ବେହେରା ଯୋଗଦେଇ ସାମାଜିକ ସଦଭାବନା ପାଇଁ ପ୍ରଥମେ ପରିବାରରୁ ପ୍ରାରମ୍ଭ ହେବା ଆବଶ୍ୟକ ଏବଂ ପରବର୍ତ୍ତୀ ସମୟରେ ଶିକ୍ଷା ବ୍ୟବସ୍ଥାରେ ଗୁରୁକୁଳର ସମକକ୍ଷ ବ୍ୟବସ୍ଥା ଆଣିବା ସମେତ ସ୍ୱଦେଶୀ ଚିନ୍ତାଧାରାର ମାନସିକତା ଉପରେ ଆଧାରିତ ପ୍ରଶିକ୍ଷଣ କରିବା ଆବଶ୍ୟକ ବୋଲି କହିଥିଲେ। ବରିଷ୍ଠ ନାଗରିକ ନବକିଶୋର ରଥ, ଅମୀୟ କୁମାର ପଟ୍ଟନାୟକ ଏବଂ ବରିଷ୍ଠ ନାଗରିକ ମାନେ ଆଲୋଚ୍ୟ ବିଷୟ ସମ୍ପର୍କରେ ନିଜ ନିଜର ମତାମତ ରଖିଥିଲେ। କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଶିକ୍ଷକ ବଂଶୀଧର ପଣ୍ଡା ପରିଚାଳନା କରିଥିଲେ। ନିରଞ୍ଜନ ମିଶ୍ର ଆଲୋଚନାର ବିଷୟ ବସ୍ତୁ ଉପରେ ବିସ୍ତୃତ ଭାବରେ ଭାରତୀୟ ସଂସ୍କୃତି ଓ ପରମ୍ପରାର ପ୍ରାଥମିକ ଜୀବନ ଶୈଳୀ ଏବଂ ଏହାର ପରିଣାମ ଓ ପରବର୍ତ୍ତୀ ସମୟରେ ଏହାର ପରିବର୍ତନରେ ଲୋକମାନଙ୍କ ଜୀବନ ଶୈଳୀ ଓ ଏହାର ପରିଣାମ ସ୍ୱରୂପ ଦେଶ ଓ ଏହାର ପରିବେଶ ସମେତ ଅବକ୍ଷୟଗାମୀ ଲୋକଙ୍କ ଜୀବନ ଶୈଳୀ ବାବଦରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସଂଘ ଚାଳକ ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ନରେଶ ମହାନ୍ତି ଶାନ୍ତି ପାଠ କରିଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ଜାତିର ସଭାପତି ସମ୍ପଦକ ଓ କର୍ମକର୍ତା ମାନଙ୍କ ସମେତ ଶିଶୁ ବିଦ୍ୟାମନ୍ଦିରର ଗୁରୁଜୀ ଓ ଗୁରୁ ମା ମାନେ ଯୋଗ ଦେଇଥିଲେ। ଆଗକୁ ଏହିଭଳି ଆଲୋଚନାଚକ୍ର ଅନୁଷ୍ଠିତ ହେବ ବୋଲି ମତ ପ୍ରକାଶ ପାଇଥିଲା।



# ସୁସ୍ଥ ଜୀବନ ପାଇଁ...

ଶରୀର ପୋଷଣ ପାଇଁ ଖାଦ୍ୟ ଆବଶ୍ୟକ। ଖାଦ୍ୟ ମଧ ସାତ୍ତ୍ୱିକ ହେବା ଉଚିତ। ଖାଦ୍ୟର ମାନ, ମାତ୍ରା ଓ ସମୟ ମଧ ଠିକ୍ ନିର୍ଦ୍ଧାରଣ ହେବା ଉଚିତ। ଆହାର ଗ୍ରହଣ ପୂର୍ବରୁ ଭଗବାନଙ୍କୁ ଅର୍ପଣ କଲେ ଭଲ। ଖାଇବା ସମୟରେ କଥାବାର୍ତ୍ତା କରନ୍ତୁ ନାହିଁ ଏବଂ ଶାନ୍ତ ମନରେ ଭୋଜନ କରନ୍ତୁ। ଖାଇବା ପରେ ପରେ କୋଲ୍ଡ ଡ୍ରିଙ୍କ୍ସ ପିଅନ୍ତୁ ନାହିଁ କିମ୍ବା ଆଇସକ୍ରିମ ଖାଆନ୍ତୁ ନାହିଁ। ଖାଇବାର ଠିକ୍ ପୂର୍ବରୁ ଏବଂ ପରେ ପାଣି ପିଅନ୍ତୁ ନାହିଁ। ଏହାର ଅଧ ଘଣ୍ଟାଏ ପରେ ପାଣି ପିଅନ୍ତୁ। ବାରମ୍ବାର ଖାଇବା, ଅତ୍ୟଧିକ ପରିମାଣରେ ଖାଇବା, ତେଲ, ମାଛ, ମାଂସ ଓ ଅଣ୍ଡାଦି ଗରିଷ୍ଠ ଭୋଜନ ନିୟମିତ ବା ଅତ୍ୟଧିକ ସେବନ ଶରୀର ପାଇଁ କ୍ଷତିକାରକ। ଖାଦ୍ୟ ଖାଇବା ପରେ ତା'ର ପରିପାକ କ୍ରିୟା ସୁଚାରୁ ରୂପେ ହେବା ଆବଶ୍ୟକ। ଯଦି ଏହାର ପରିପାକ ଠିକ୍ ରୂପେ ନ ହୁଏ, ତେବେ ଏହାକୁ ଅପକ୍ୱ ଖାଦ୍ୟ କୁହାଯାଏ। ଏହାଦ୍ୱାରା ଖାଦ୍ୟ ପେଟରେ ଶଢ଼େ ଏବଂ ଟକ୍ସିକ୍ ବା ବିଷ ସୃଷ୍ଟି ହୋଇଥାଏ। ଏହାଦ୍ୱାରା ପ୍ରଥମେ ଗ୍ୟାସ୍ ତା'ପରେ ଏସିଡିଟି (ଅମ୍ଳ), ଅଲ୍‌ସର, ନାଳଝାଡ଼ା, ଆଣ୍ଠୁଗଣ୍ଠିବାତ, କୋଲେଷ୍ଟ୍ରଲ୍ ବଢ଼ିବା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ ଆଦି ରୋଗ ଆମ ଶରୀରରେ ସୃଷ୍ଟି ହୋଇଥାଏ।

# ୨୦୨୬ରେ ୨ଥର ଗୋଚର ହେବେ ବୃହସ୍ପତି: ନୂଆବର୍ଷରେ ଏହି ରାଶିଙ୍କ ଫିଟିଯିବ ଭାଗ୍ୟ

ଗୁରୁ ଗ୍ରହ ଅର୍ଥାତ୍ ବୃହସ୍ପତିଙ୍କ ଗୋଚର ବହୁତ ଗୁରୁତ୍ୱପୂର୍ଣ୍ଣ। କାରଣ ଜ୍ୟୋତିଷ ଶାସ୍ତ୍ରରେ ବୃହସ୍ପତିଙ୍କୁ ଜ୍ଞାନ, ଭାଗ୍ୟ, ଧର୍ମ, ସନ୍ତାନ ଏବଂ ବୈବାହିକ ଜୀବନର କାରକ ଭାବରେ ବିବେଚନା କରାଯାଏ। ବୃହସ୍ପତିଙ୍କ ଗୋଚର ବ୍ୟକ୍ତିର ବୁଦ୍ଧି, ନିଷ୍ପତ୍ତି ଗ୍ରହଣ, ଉଚ୍ଚଶିକ୍ଷା, ଭାଗ୍ୟ ଏବଂ ଆଧ୍ୟାତ୍ମିକତାକୁ ପ୍ରଭାବିତ କରେ। ବୃହସ୍ପତି ୨୦୨୬ରେ ଦୁଇଥର ଗୋଚର ହେବେ। ଏହା ବ୍ୟତୀତ ବର୍ଷର ଆରମ୍ଭରେ, ବୃହସ୍ପତିଙ୍କ ଅନ୍ୟ ଗ୍ରହ ସହିତ ସଂଯୋଗ ଗଜକେଶରୀ ରାଜଯୋଗ ସୃଷ୍ଟି କରିବ। ଏହାଦ୍ୱାରା କିଛି ରାଶିଗୁଡ଼ିକର ଭାଗ୍ୟ ପରିବର୍ତ୍ତନ ହେବ।

ଗୁରୁ ଗୋଚର ୨୦୨୬

ପ୍ରଥମ ଗୋଚର – ମଙ୍ଗଳବାର, ୨ ଜୁନ, ୨୦୨୬ରେ ୨:୨୫ରେ ବୃହସ୍ପତି ଚନ୍ଦ୍ରଙ୍କ ରାଶି କର୍କଟ ରାଶିରେ ପ୍ରବେଶ କରିବେ।

ଦ୍ୱିତୀୟ ଗୋଚର- ଶନିବାର, ୩୧ ଅକ୍ଟୋବର, ୨୦୨୬ ଦିନ ୧୨:୫୦ ରେ, ବୃହସ୍ପତି ସୂର୍ଯ୍ୟଙ୍କ ରାଶି ସିଂହ ରାଶିରେ ପ୍ରବେଶ କରିବେ।

ବୃହସ୍ପତି ୨୦୨୬: ରାଶି ପାଇଁ ଲାଭ



ବୃଷ – ୨୦୨୬ ବୃଷ ଜାଗତିକଙ୍କ ପାଇଁ ସୌଭାଗ୍ୟ ଆଣିଥାଏ। ଦୀର୍ଘ ଦିନର ଆର୍ଥିକ ସମସ୍ୟାର ସମାଧାନ ହେବ। ସ୍ୱାସ୍ଥ୍ୟ ଲାଭ ମିଳିବ। ସନ୍ତାନମାନଙ୍କ ବିଷୟରେ ଚିନ୍ତା ଦୂର ହେବ। ଅବିବାହିତମାନଙ୍କୁ ଭଲ ବିବାହ ପ୍ରସ୍ତାବ ମିଳିବ। କିଛି ନୂତନ ଦାୟିତ୍ୱ ବଢ଼ିପାରେ, କିନ୍ତୁ ଉପରିସ୍ଥ ଅଧିକାରୀମାନେ ଆପଣଙ୍କ କାମରେ ଖୁସି ହେବେ ଏବଂ ଆପଣଙ୍କ ପ୍ରୟାସକୁ ପ୍ରଶଂସା କରିବେ। ଆୟ ବୃଦ୍ଧି ହେବ।

ମିଥୁନ-ବର୍ଷର ଆରମ୍ଭରେ, ବୃହସ୍ପତି ମିଥୁନରେ ଚନ୍ଦ୍ର ସହିତ ଗଜକେଶରୀ ଯୋଗ ସୃଷ୍ଟି କରିବେ। ଏହା ଆପଣଙ୍କ ପାଇଁ ପୂର୍ଣ୍ଣ ଭାଗ୍ୟ ଆଣିବ। ଆୟ ବୃଦ୍ଧି ହେବ। ଆପଣ ନିବେଶରୁ ଲାଭ ପାଇବେ। ଚାଲିଥିବା ବୈବାହିକ ମତଭେଦ ଶେଷ ହେବ। ଆପଣ ବ୍ୟବସାୟିକ ସମସ୍ୟାର ସମାଧାନ ଖୋଜିବାରେ ସଫଳ ହେବେ। ଆପଣଙ୍କ ଆର୍ଥିକ ସ୍ଥିତି ମଜଭୁତ ହେବ।

ସିଂହ-୨୦୨୬ ସିଂହ ରାଶି ପାଇଁ ଶୁଭ ସାବ୍ୟସ୍ତ ହୋଇପାରେ। ବୃହସ୍ପତି ଏହି ବର୍ଷ ସିଧାସଳଖ ହୋଇଯିବେ, ଆୟ ଦୃଷ୍ଟିରୁ ଆପଣଙ୍କୁ ଲାଭ ଆଣିବ। ନୂତନ ଲୋକଙ୍କ ସହିତ ସମ୍ପର୍କ ବୃଦ୍ଧି ପାଇବ, ଯାହା ଆପଣଙ୍କ ବ୍ୟବସାୟକୁ ଲାଭ ଦେବ।

# ମାନସିକ ଓ ଶାରିରୀକ ସୁସ୍ଥ ରହିବେ କିପରି: ଆପଣାନ୍ତୁ ଜାପାନୀ ସୂତ୍ର...

ଆଜିର ବ୍ୟସ୍ତ ବହୁଳ ବିବ୍ରତ ବିଷାଦ ସାଙ୍ଗକୁ କ୍ଳାନ୍ତ କର୍ମମୟ ଜୀବନରେ ମଣିଷ ଯେତେବେଳେ ଅଶାନ୍ତିରେ ବାଟବଣା ହୋଇ ଘୂରିବୁଲୁଛି ଟିକେ ଶାନ୍ତି ପାଇବାକୁ ଆଜିର ଦୁନିଆରେ ଏକ ପ୍ରକାର ଅସମ୍ଭବ ହୋଇଯାଇଛି। ଏହି ଶାନ୍ତି ଟିକିଏ କିପରି ମଣିଷକୁ ମିଳିପାରିବ ସେଥିପାଇଁ ଜାପାନୀମାନେ ୫ଟି ଶୈଳୀକୁ ଅନୁସରଣ କରିଥାନ୍ତି। ଏହି ଅଭ୍ୟାସ ସବୁକୁ ଯଦି ଜଣେ ଧରି ଚାଲିବ ତେବେ କୌଣସି ଅଶାନ୍ତିର ବଶବର୍ତ୍ତୀ ହେବ ନାହିଁ। ଏହି ଅଭ୍ୟାସ ସବୁ କରିବାକୁ ହେଲେ ମନକୁ ପ୍ରଥମେ ଦୃଢ଼ କରିବା ଦରକାର। ତେବେ ଯାଇ ଜରେ ମାନସିକ ଓ ଶାରିରୀକ ସୁସ୍ଥ ଅନୁଭବ କରିପାରିବ। ଆଜିର ସଭ୍ୟତାରେ ମଣିଷ ବେଳେବେଳ ନିଜ ନିୟନ୍ତ୍ରଣରେ ନଥିବା ସାମଗ୍ରୀ ପାଇବାକୁ ସଂଘର୍ଷ କରୁଛି କିନ୍ତୁ ପାଇପାରୁ ନାହିଁ। ସେଥିପାଇଁ ଏଥିପ୍ରତି ସମୟ ନଷ୍ଟ ନ କରି ମନକୁ ଅନ୍ୟତ୍ର କାର୍ଯ୍ୟରେ ଲଗାଇବା ଉଚିତ। ସରଳ ଭାଷାରେ ବୁଝାଇବାକୁ ଗଲେ ଲୋଭକୁ ଛାଡ଼ିବା ଉଚିତ। ଏକ ସୁନ୍ଦର ଶାନ୍ତ ପରିବେଶରେ କିଛି ସମୟ ନିଜ ଭିତରେ କାଟିବା। ସୋସିଆଲ୍ ମିଡିଆରୁ କିଛି ସମୟ ଦୂରେଇ ରଖିପାରିଲେ ଆମେ ମନାରେ ଶାନ୍ତି ଆଣି ପାରିବା। ଏହା ଏକ ସରଳ ଏବଂ ଶକ୍ତିଶାଳୀ ଉପାୟ ଯାହା ମନକୁ ବାସ୍ତୁବାଦୀ ଚିନ୍ତାରୁ ସ୍ଥାନାନ୍ତରିତ କରିଥାଏ। ଈଶ୍ୱରଙ୍କ ଧ୍ୟାନ-ତପ-ଜପରେ ନିଜର କିଛି ସମୟ କାଟିବା ଦରକାର। ଏପରି ଦ୍ୱାରା ମନକୁ ହାଲୁକା ଲାଗେ ଓ ସକାରାତ୍ମକ ଚିନ୍ତାଧାରା ଆସିଥାଏ। ଯେକୌଣସି କାର୍ଯ୍ୟପ୍ରତି ମନକୁ ଦୃଢ଼ ପାଇବାର ଇଚ୍ଛା ଶକ୍ତି ରହିବା ଦରକାର। ସେଥିପାଇଁ ଗୋଟିଏ କାର୍ଯ୍ୟରେ ମନକୁ କେନ୍ଦ୍ରିତ କରି ନିଷ୍ପତ୍ତି ନେବା ଉଚିତ। ଯାହାଦ୍ୱାରା ଆମକୁ ଲକ୍ଷ୍ୟ ସ୍ଥାନରେ ପହଞ୍ଚିବାକୁ ସହଜ ହୋଇଥାଏ। ଜୀବନରେ ସବୁକିଛି କ୍ଷଣସ୍ଥାୟୀ। ସେଥିପାଇଁ ଗୋଟଏ ଜିନିଷକୁ ମନ ଭିତରେ ରଖି ମନକୁ ଚାପଗ୍ରସ୍ତ କରିବା ଠିକ୍ ନୁହେଁ। ସମୟ ସହିତ ମଣିକ୍କୁ ଚାଲିବାକୁ ପଡ଼ିଥାଏ। ସେଥିପାଇଁ ମନରେ ବାରମ୍ବାର ଗୋଟିଏ କଥା ପ୍ରତି ଘାରି ନ ହୋଇ ଅନ୍ୟ କାର୍ଯ୍ୟରେ ମନ ନିବେଶ କରିପାରିଲେ ମନକୁ ଶାନ୍ତି ମିଳିଥାଏ।



# ମାନସିକ ରୋଗର ଚିକିତ୍ସା...

ମାନସିକ ରୋଗଗୁଡ଼ିକ ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ ଅନେକ ଭୁଲ୍ ଧାରଣା ରହିଛି। ଲୋକମାନେ ଭାବନ୍ତି ମାନସିକ ରୋଗର ଚିକିତ୍ସା ସମ୍ଭବ ନୁହେଁ ଏବଂ ଏହା କେବେ ଭଲ ହୋଇପାରିବ ନାହିଁ। ଔଷଧ ସାରା ଜୀବନ ଖାଇବାକୁ ପଡ଼େ ଏବଂ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଉପରେ ଖରାପ ପ୍ରଭାବ ପଡ଼ିଥାଏ। ମାତ୍ର ଏ ସବୁ ଭୁଲ୍ ଧାରଣା। ସମସ୍ତ ମାନସିକ ରୋଗର ଚିକିତ୍ସା ସମ୍ପୂର୍ଣ୍ଣ ସମ୍ଭବ। ଏଥି ନିମନ୍ତେ ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶକରି ଚିକିତ୍ସା କରିବା ଜରୁରୀ। କେତେକ ନିର୍ଦ୍ଦିଷ୍ଟ ମାନସିକ ରୋଗ ଛଡ଼ା ଅନ୍ୟ କୌଣସି ରୋଗରେ ସାରା ଜୀବନ ଔଷଧ ଖାଇବାକୁ ପଡ଼େ ନାହିଁ। ପ୍ରାରମ୍ଭିକ ଅବସ୍ଥାରେ ଲୋକେ ମାନସିକ ରୋଗଗୁଡ଼ିକର ଲକ୍ଷଣକୁ ଚିହ୍ନିବାରେ ସାଧାରଣତଃ ବିଳମ୍ବ କରିଥାଆନ୍ତି। କେତେଜଣ ଲୋକ ମାନସିକ ସମସ୍ୟାଗୁଡ଼ିକୁ କୌଣସି ରୋଗର ଲକ୍ଷଣ ବୋଲି ନ ମାନି, ଆମ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଯୋଗୁ ରୋଗୀକୁ ଗୁଣିଆ ପାଖକୁ ନେଇ ଅଯଥା ସମୟ ନଷ୍ଟ କରାଯାଇଥାଏ। ଏସବୁ ଦ୍ୱାରା ରୋଗର ପ୍ରକୋପ ବଢ଼େ ଓ ଡେରିରେ ଚିକିତ୍ସା ଆରମ୍ଭ କଲେ ବେଶି ଦିନ ଔଷଧ ସେବନ କରିବାକୁ ପଡ଼ିଥାଏ କୋର୍ସ ଅନୁସାରେ ଔଷଧ ଖାଇଲେ ଆଉ ରୋଗର ଲକ୍ଷଣ ଦେଖାଯାଇ ନ ଥାଏ। ରୋଗର ତୀବ୍ରତା କମିଲେ ଔଷଧଗୁଡ଼ିକର ମାତ୍ରା ମଧ ଧୀରେ ଧୀରେ କମାଇ ଦିଆଯାଏ। ମାନସିକ ରୋଗ ବିଶେଷଜ୍ଞଙ୍କ ବିନା ପରାମର୍ଶରେ ଔଷଧ ବନ୍ଦ କରିଦେଲେ ରୋଗ ପୁନର୍ବାର ଦେଖାଯିବା ଆଶଙ୍କା ରହିଥାଏ। ବର୍ତ୍ତମାନର ଆଧୁନିକ ଚିକିତ୍ସା ଯୁଗରେ ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହାର କରାଯାଉଥିବା ଔଷଧଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଓ ଏଗୁଡ଼ିକର କୌଣସି ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଆମ ସମାଜରେ ଲୋକମାନଙ୍କ ମଧ୍ୟରେ ଧାରଣା ଅଛି ଯେ ବିବାହ ଦ୍ୱାରା ବିଭିନ୍ନ ମାନସିକ ରୋଗ ଠିକ୍ ହୋଇଯାଏ। ମାତ୍ର ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ୍। ବିବାହ ପୂର୍ବରୁ ରୋଗର ଅବସ୍ଥା ତଥା ଔଷଧ ପ୍ରକ୍ରିୟା ସମ୍ପର୍କରେ ରୋଗୀ ଓ ତା'ର ଜୀବନସାଥୀ ଡାକ୍ତରଙ୍କଠାରୁ ପରାମର୍ଶ ନେବା ଉଚିତ।

# ଏଆଇ କହିବ କେମିତି ନେବେ ମେକଅପ୍!

ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ଅଗମେଣ୍ଟେଡ୍ ରିଅଲିଟି ମେକଅପ୍ ଇଣ୍ଡଷ୍ଟ୍ରିକୁ ଏକ ନୂତନ ଯୁଗକୁ ନେଇଯିବାକୁ ବସିଛି। ମେକ୍‌ଅପ୍ କମ୍ପାନି ଓ ବ୍ରାଣ୍ଡଗୁଡ଼ିକ ବର୍ତ୍ତମାନ ଏଆଇ ଆଧାରିତ ସ୍ମାର୍ଟ ବିଉଟି ମିରର୍ ଓ ଭର୍ଚୁଆଲ୍ ମେକଅପ୍ ଆପ୍ ମାଧ୍ୟମରେ ଗ୍ରାହକଙ୍କୁ ସେମାନଙ୍କର ଉତ୍ପାଦ ପରୀକ୍ଷା ଓ ଟ୍ରାଏଲ କରିବାକୁ ଅଫର୍ ପ୍ରଦାନ କରୁଛନ୍ତି। ସବୁ ଗ୍ରାହକଙ୍କ ପାଇଁ ଗୋଟିଏ ଉତ୍ପାଦ ବଦଳରେ ଗ୍ରାହକଙ୍କ ତ୍ୱଚାର ରଙ୍ଗ ଅନୁଯାୟୀ ସ୍ୱତନ୍ତ୍ର ଉତ୍ପାଦ ପ୍ରସ୍ତୁତ କରାଯାଉଛି। ଏହା ବ୍ୟତୀତ ବଜାରର ଟ୍ରେଣ୍ଡକୁ ଆକଳନ କରିବା ପାଇଁ ଏଆଇର ମଧ ସାହାଯ୍ୟ ନିଆଯାଉଛି।

ଅନ-ସ୍କ୍ରିନ ମେକଅପ୍ ପାଇଁ 'ମୋଡିଫେସ୍' ପରି ଆପ୍‌ର ପ୍ରୟୋଗ:

ବିଶ୍ୱପ୍ରଖ୍ୟାତ ମେକଅପ୍ ବ୍ରାଣ୍ଡ ମେବେଲିନ ମାଇକ୍ରୋସଫ୍ଟ ସହ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଟେକ୍ନୋଲୋଜି ପାଇଁ ବୁଝାମଣା ସ୍ୱାକ୍ଷର ହୋଇଛି। ମେବଲିନ୍ ପ୍ୟାରେଣ୍ଟ୍ କମ୍ପାନି 'ଲ'ରିଏଲ' ପାଖରେ ଅନ୍‌ସ୍କ୍ରିନ୍ ମେକ୍‌ଅପ୍ ପାଇଁ 'ମୋଡିଫେସ୍' ଆପ୍ ଏବଂ ଏକ ଭର୍ଚୁଆଲ୍ ମେକ୍‌ଅପ୍ ବ୍ୟାଗ୍ ରହିଛି। ଏହି ବ୍ୟାଗ୍‌ରେ ଆପଣ ୧୨ ପ୍ରକାର ଲୁକ୍‌ସ୍ ଟ୍ରାଏ କରିପାରିବେ। 'ଲାକ୍‌ମେ'ର 'ସ୍କିନ୍ ଆଡ୍‌ଭାଇଜର' ଆପ୍‌ରେ ନିଜର ସେଲ୍‌ଫି ଡାଉନ୍‌ଲୋଡ୍ କରି ସ୍କିନ୍ ଟୋନ୍‌କୁ ଗଭୀର ଭାବେ ଅନୁକ୍ଷଣ କରିପାରିବେ। ଏଥିରେ ଆପଣଙ୍କୁ ସେ ଲିପ୍‌ଷ୍ଟିକ୍, ଆଇସାଡୋ



କିମ୍ବା ଫାଉଣ୍ଡେସନ୍ ଲଗାଇବା ପାଇଁ ଅଡିଓ ଫିଡ୍‌ବ୍ୟାକ୍ ପ୍ରଦାନ କରୁଛି।

ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ସହାୟତାରେ ଏହି ସୁବିଧା ସବୁ ଉପଲବ୍ଧ:

ଡିଏନ୍‌ଏ ଟେଷ୍ଟିଂ କିଟ୍: ଉପଭୋକ୍ତାଙ୍କ ଜିନ୍ ଉପରେ ଆଧାର କରି କମ୍ପାନିଗୁଡ଼ିକ ଉତ୍ପାଦ ବିକାଶ ଉପଭୋକ୍ତାଙ୍କ ତ୍ୱଚାର ରଙ୍ଗ, ଉଚ୍ଚତା ଇତ୍ୟାଦିକୁ ଆଧାର କରି ଉପଭୋକ୍ତାଙ୍କ ପାଇଁ ନିର୍ଦ୍ଦିଷ୍ଟ ଉତ୍ପାଦ ତିଆରି କରୁଛି।

ଫେସ୍ ସ୍କାନର: ଚେହେରାର ଗଠନ ଅନୁଯାୟୀ ଆପଣଙ୍କୁ ଭିନ୍ନ ଭିନ୍ନ ଲୁକ୍‌ସ୍ ପାଇଁ ପରାମର୍ଶ ଦେଉଛି।

ଭର୍ଚୁଆଲ୍ ମେକ୍‌ଅପ୍ ଟୁଲ୍: ଗ୍ରାହକମାନେ ଏହି ସ୍ୱତନ୍ତ୍ର ଏଆଇ ଟୁଲରେ ଥିବା ବିଭିନ୍ନ ପ୍ରସାଧନ ସାମଗ୍ରୀ ଚେଷ୍ଟା କରିପାରିବେ।

ଏଆର୍ ଫିଲ୍ଟର: ଏହି ଫିଲ୍ଟର ଆପଣଙ୍କୁ ଭିନ୍ନଭିନ୍ନ ଡିଜିଟାଲ୍ ଲୁକସ୍‌ଗୁଡ଼ିକୁ ଅନୁଭବ କରିବାର ସୁଯୋଗ ପ୍ରଦାନ କରିଥାଏ।



# ଉପକାରୀ ହଳଦୀ

ହଳଦୀରେ ଅନେକ ପ୍ରକାର ସ୍ୱାସ୍ଥ୍ୟପୋକାରୀ ଗୁଣ ଭରି ରହିଛି। ଏଥିରେ କୁରକୁମିନ୍ ନାମକ ଏକ ତତ୍ତ୍ୱ ରହିଛି, ଯାହା ଆମ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହି ତତ୍ତ୍ୱ ଶରୀରରେ ଥଣ୍ଡା କମାଇବାରେ କେତେକାଂଶରେ ସାହାଯ୍ୟ କରେ। ବିଶେଷଭାବରେ ଶରୀରରେ ଥଣ୍ଡା ସୃଷ୍ଟି କରୁଥିବା କୋଷଗୁଡ଼ିକୁ ଏହା ନଷ୍ଟ କରିଦିଏ, ଯାହା ଦ୍ୱାରା ଆମେ ଏଭଳି ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରିଥାଉ। ଉଷୁମ କ୍ଷୀର ସହ ହଳଦୀ, ଗୋଲମରିଚ, ଅଳେଇଚ ଆଦି ମିଶାଇ ପିଇପାରନ୍ତି। ସବୁଠାରୁ ଖାସ୍ କଥା ହେଲା ହଳଦୀ ଶରୀରରେ ଇନ୍‌ସୁଲିନ୍‌କୁ ନିୟନ୍ତ୍ରଣରେ ରଖେ। ହଳଦୀ ଖାଇବା ଦ୍ୱାରା ଏହା ଆମ ଶରୀରର ମାଂସପେଶୀ ଶକ୍ତ ରହିଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ଏହା ମଧ ମସ୍ତିଷ୍କର କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରେ। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ଏହି ସର୍ଭେ ରିପୋର୍ଟରେ ପୁଣି ଉଲ୍ଲେଖ କରାଯାଇଛି ଯେ ସ୍ମରଣ ଶକ୍ତିକୁ ବୃଦ୍ଧି କରିବାରେ ହଳଦୀ ମଧ ସାହାଯ୍ୟ କରେ।



# ଅଧିକ କାମ ମଧୁମେହର କାରଣ

ସରକାରୀ ଏବଂ ଘରୋଇ କାର୍ଯ୍ୟାଳୟଗୁଡ଼ିକରେ ମହିଳା କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । କେତେକ ସଂସ୍ଥାରେ କାର୍ଯ୍ୟଚାପ ଯୋଗୁ ମହିଳାଙ୍କୁ ଅଧିକ ସମୟ ଅଫିସରେ ରହିବାକୁ ପଡ଼େ । ସେହିପରି କେତେକ ଘରେ ମଧ ମହିଳାମାନେ ବହୁ ସମୟ କାମ କରନ୍ତି । କିନ୍ତୁ ଏହା ସେମାନଙ୍କ ପାଇଁ କ୍ଷତିକାରକ ହୋଇପାରେ । ସପ୍ତାହକୁ ୪୫ ଘଣ୍ଟାରୁ ଅଧିକ ସମୟ କାର୍ଯ୍ୟ କରୁଥିବା ମହିଳାମାନେ ଡାଇବେଟିସ୍ ଅର୍ଥାତ୍ ମଧୁମେହ ରୋଗରେ ପୀଡ଼ିତ ହୋଇପାରନ୍ତି । ପୁରୁଷଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏ ନେଇ ୭୦ ପ୍ରତିଶତ ଆଶଙ୍କା ରହିଛି । କାର୍ଯ୍ୟକ୍ଷେତ୍ର ଉପରେ ପର୍ଯ୍ୟବେକ୍ଷଣ କରି ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ଘରର ଦାୟିତ୍ୱ ସାଙ୍ଗକୁ ଅଫିସ କାମକୁ ମିଶାଇଲେ କର୍ମଜୀବୀ ମହିଳାମାନେ ଅନେକ ପରିଶ୍ରମ କରନ୍ତି । ସକାଳୁ ଶଯ୍ୟାତ୍ୟାଗ ଠାରୁ ରାତି ପର୍ଯ୍ୟନ୍ତ ସବୁତକ କର୍ତ୍ତବ୍ୟ ନିର୍ବାହ କରନ୍ତି । ତେଣୁ ଅତ୍ୟଧିକ କାର୍ଯ୍ୟଚାପ ମହିଳାଙ୍କ ଶରୀର ଉପରେ କୁପ୍ରଭାବ ପକାଏ । ହରମୋନ କ୍ଷରଣ ଅସ୍ୱାଭାବିକ ହେବା ସହ ଇନ୍‌ସୁନିଲ୍ ମାତ୍ରା କମିଯାଏ । କିନ୍ତୁ ସପ୍ତାହକୁ ୪୫ଘଣ୍ଟା କାର୍ଯ୍ୟ କରୁଥିବା ପୁରୁଷଙ୍କ ସ୍ୱାସ୍ଥ୍ୟ ଉପରେ ସେତେଟା ପ୍ରଭାବ ପଡ଼େନାହିଁ । କାନାଡ଼ାର କ୍ୟୁବେକ୍ ୟୁନିଭର୍ସିଟି ହସ୍ପିଟାଲ ପକ୍ଷରୁ ହୋଇଥିବା ସର୍ବେକ୍ଷଣରୁ ଏହା ଜଣାପଡ଼ିଛି । ସର୍ଭେ କରିଥିବା ଟିମ୍ ସଦସ୍ୟ କହିଛନ୍ତି ଯେ, ବିଶ୍ୱବ୍ୟାପୀ ଏବେ ମଧୁମେହ ସମସ୍ୟା ବଢ଼ିବାରେ ଲାଗିଛି । ଏଥିପାଇଁ ଦୀର୍ଘ ସମୟ କାର୍ଯ୍ୟସ୍ଥଳରେ ରହିବା ଏବଂ ବର୍ଷୀୟା ୭,୦୬୫ କର୍ମଜୀବୀ ମହିଳାଙ୍କ ଉପରେ ୧୨ବର୍ଷ ଏହି ସର୍ଭେ ହୋଇଛି । କାର୍ଯ୍ୟ ସମୟକୁ ୧୫-୩୪, ୩୫-୪୦, ୪୧-୪୪ ଘଣ୍ଟା ଏବଂ ୪୫ଘଣ୍ଟାରୁ ଉର୍ଦ୍ଧ୍ୱ ଆଦି ଚାରିଭାଗ କରି ଅନୁଧ୍ୟାନ କରାଯାଇଥିଲା । ୪୫ଘଣ୍ଟାରୁ ଅଧିକ କାମ କରୁଥିବା ମହିଳାଙ୍କ ଠାରେ ମଧୁମେହ ଆଶଙ୍କା ଅଧିକ ଦେଖିବାକୁ ମିଳିଲା । ବିଶ୍ୱ ସ୍ତରରେ ଏକ ଆକଳନ ଅନୁଯାୟୀ ୨୦୩୦ ସୁଦ୍ଧା ୪୩୯ ନିୟୁତ ପ୍ରାପ୍ତବୟସ୍କ ଲୋକ ମଧୁମେହର ଶିକାର ହେବେ ।



# କୂଟନୀତିର ପରାଜୟ, ମିନାବର ଅଶ୍ରୁ ଓ ଏକ ଅନାବଶ୍ୟକ ଯୁଦ୍ଧର କରୁଣ ଉପାଖ୍ୟାନ

ବିଶ୍ୱ ଇତିହାସର ପୃଷ୍ଠାରେ ୨୦୨୬ ମସିହାର ପ୍ରାରମ୍ଭିକ ମାସଗୁଡ଼ିକ ଏକ କଳା ଅଧ୍ୟାୟ ଭାବରେ ଲିପିବଦ୍ଧ ହୋଇ ରହିବ, ଯେଉଁଠାରେ ମାନବିକତା ପୁଣିଥରେ କ୍ଷମତା ଏବଂ ଅହଂକାର ନିକଟରେ ପରାସ୍ତ ହୋଇଛି । ଆଜି ଯେତେବେଳେ ଆମେ ମାର୍ଚ୍ଚ ମାସର ପ୍ରଥମ ଦିବସରେ ଉପନୀତ ହୋଇଛୁ, ସେତେବେଳେ ମଧ୍ୟପ୍ରାଚ୍ୟର ଆକାଶରେ ଉଡୁଥିବା ଯୁଦ୍ଧ ବିମାନର ଗର୍ଜନ ଏବଂ ଭୂମିରେ ପଡ଼ିଥିବା ନିରୀହ ଶିଶୁଙ୍କ ରକ୍ତର ଦାଗ ସଭ୍ୟ ସମାଜର ବିବେକକୁ ଦୋହଲାଇ ଦେଇଛି । ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇସ୍ରାଏଲର ମିଳିତ ସେନା ବାହିନୀ ଦ୍ୱାରା ଇରାନ ଉପରେ ଆରମ୍ଭ କରାଯାଇଥିବା 'ଅପରେସନ୍ ଏପିକ୍ ଫ୍ୟୁରି' କେବଳ ଏକ ସାମରିକ କାର୍ଯ୍ୟାନୁଷ୍ଠାନ ନୁହେଁ, ବରଂ ଏହା ଅନ୍ତର୍ଜାତୀୟ କୂଟନୀତିର ଏକ ଚରମ ବିଫଳତା ଏବଂ ପାଶ୍ଚାତ୍ୟ ଶକ୍ତିର ଏକଚାଟିଆ ମନୋଭାବର ପ୍ରତୀକ ଅଟେ । ବିଶେଷକରି, ଦକ୍ଷିଣ ଇରାନର ମିନାବ ସହରରେ ଥିବା ଏକ ବାଳିକା ବିଦ୍ୟାଳୟ ଉପରେ ହୋଇଥିବା ବର୍ବର ଆକ୍ରମଣ ଏହି ଯୁଦ୍ଧର ନୈତିକ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ରୂପେ ଧୂଳିସାତ୍ କରିଦେଇଛି । ଯେତେବେଳେ ସମଗ୍ର ବିଶ୍ୱ ଜଳବାୟୁ ପରିବର୍ତ୍ତନ, ଅର୍ଥନୈତିକ ମାନ୍ଦାବସ୍ଥା ଏବଂ ଖାଦ୍ୟ ନିରାପତ୍ତା ଭଳି ଗୁରୁତର ସମସ୍ୟା ସହ ମୁକାବିଲା କରିବା ପାଇଁ ଏକଜୁଟ ହେବାର ଆବଶ୍ୟକତା ଥିଲା, ଠିକ୍ ସେହି ସମୟରେ ଏକ ସାର୍ବଭୌମ ରାଷ୍ଟ୍ର ଉପରେ ଏଭଳି ଆକ୍ରମଣାତ୍ମକ ପଦକ୍ଷେପ ନେବା କେତେଦୂର ଯୁକ୍ତିଯୁକ୍ତ, ତାହା ଏବେ ବିତର୍କର ବିଷୟ ପାଲଟିଛି ।

ଏହି ସଂଘର୍ଷର ମୂଳକୁ ଗଲେ ଆମେ ଦେଖିବାକୁ ପାଇବା ଯେ ଏହି ରକ୍ତପାତ ସମ୍ପୂର୍ଣ୍ଣ ରୂପେ ଏଡ଼ାଇ ଦିଆଯାଇ ପାରିଥାନ୍ତା । ଗତ କିଛି ମାସ ଧରି ଓମାନର ମସ୍କାଟ୍ ଏବଂ ସୁଇଜରଲ୍ୟାଣ୍ଡର ଜେନେଭା ଠାରେ ଚାଲିଥିବା ଗୋପନୀୟ ତଥା ପ୍ରକାଶ୍ୟ ଆଲୋଚନାରେ ଇରାନ ଏକ ଅତ୍ୟନ୍ତ ସକାରାତ୍ମକ ଏବଂ ନମନୀୟ ଆଭିମୁଖ୍ୟ ପ୍ରଦର୍ଶନ କରୁଥିଲା । ୨୦୧୫ ମସିହାର ଜେସିପିଓଏ (JCPOA) ଚୁକ୍ତିର ଏକ ନୂତନ ସଂସ୍କରଣ ପାଇଁ ଇରାନ ପ୍ରସ୍ତୁତ ଥିଲା । ବିଶ୍ୱସ୍ତରୀୟ ଗୁଇନ୍ଦା ରିପୋର୍ଟ ଏବଂ କୂଟନୈତିକ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଇରାନ ନିଜର ୟୁରାନିୟମ ସମୃଦ୍ଧିକରଣ କାର୍ଯ୍ୟକ୍ରମକୁ ୬୦ ପ୍ରତିଶତରୁ କମ ରଖିବାକୁ, ଅନ୍ତର୍ଜାତୀୟ ଆଣବିକ ଶକ୍ତି ଏଜେନ୍ସି (IAEA)ର ପର୍ଯ୍ୟବେକ୍ଷକମାନଙ୍କୁ ନିଜର ପରମାଣୁ କେନ୍ଦ୍ରଗୁଡ଼ିକୁ ନିୟମିତ ଏବଂ ଅବାଧ ଯାଞ୍ଚ କରିବାକୁ ଅନୁମତି ଦେବାକୁ ରାଜି ଥିଲା । ଏପରିକି ଆଞ୍ଚଳିକ ଶାନ୍ତି ପାଇଁ ନିଜର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଉପରେ ମଧ କିଛି କଟକଣା ଲଗାଇବାକୁ ଇରାନ ସଙ୍କେତ ଦେଇଥିଲା । କିନ୍ତୁ ଆମେରିକା ଏବଂ ଇସ୍ରାଏଲର ଯୁଦ୍ଧଖୋର ନେତୃତ୍ୱ ଏହି କୂଟନୈତିକ ସୁଯୋଗକୁ ହାତଛଡ଼ା କରି ଯୁଦ୍ଧର ରାସ୍ତା ବାଛିଲେ । ଆଲୋଚନାର ଟେବୁଲ ଉପରେ ଥିବା ଫାଇଲ୍ ବନ୍ଦ ହେବା ପୂର୍ବରୁ ଯୁଦ୍ଧ ବିମାନର ଇଞ୍ଜିନ୍ ଗର୍ଜନ କରିବା ପ୍ରମାଣିତ କରୁଛି ଯେ ସେମାନଙ୍କର ଲକ୍ଷ୍ୟ କେବଳ ପରମାଣୁ ନିରସ୍ତ୍ରୀକରଣ ନଥିଲା, ବରଂ ଇରାନର ଶାସନ ବ୍ୟବସ୍ଥାକୁ ପରିବର୍ତ୍ତନ କରିବା ଏବଂ ମଧ୍ୟପ୍ରାଚ୍ୟରେ ନିଜର ଏକଚାଟିଆ ଆଧିପତ୍ୟ ବିସ୍ତାର କରିବା ଥିଲା ।

ଏହି ଯୁଦ୍ଧର ସବୁଠାରୁ ହୃଦୟବିଦାରକ ଏବଂ କଳଙ୍କିତ ଅଧ୍ୟାୟ ନିକଟରେ ଦକ୍ଷିଣ ଇରାନର ମିନାବ ସହରରେ ଲେଖାଯାଇଛି । ଇସ୍ରାଏଲର ବାୟୁସେନା ଦ୍ୱାରା ଏକ ବାଳିକା ବିଦ୍ୟାଳୟ ଉପରେ କରାଯାଇଥିବା ଆକ୍ରମଣ ମାନବିକତାର ସମସ୍ତ ସୀମା ଲଙ୍ଘିଯାଇଛି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଯେତେବେଳେ କ୍ଷେପଣାସ୍ତ୍ର ସ୍କୁଲ କୋଠା ଉପରେ ପଡ଼ିଲା, ସେତେବେଳେ ପିଲାମାନେ ନିଜ ଶ୍ରେଣୀଗୃହରେ ପାଠ ପଢୁଥିଲେ । ମୁହୂର୍ତ୍ତକ ମଧ୍ୟରେ ସେହି ପବିତ୍ର ଶିକ୍ଷାନୁଷ୍ଠାନଟି ଏକ ଧ୍ୱଂସସ୍ତୂପ ଏବଂ ଶ୍ମଶାନରେ ପରିଣତ ହୋଇଗଲା । ପ୍ରାଥମିକ ରିପୋର୍ଟ ଅନୁଯାୟୀ ଶହ ଶହ ଛାତ୍ରୀ ଏହି ଘଟଣାରେ ପ୍ରାଣ ହରାଇଛନ୍ତି ଏବଂ ଅନେକ ଗୁରୁତର ଆହତ ହୋଇଛନ୍ତି । କଅଁଳ ପିଲାମାନଙ୍କର ରକ୍ତରେ ଭିଜିଯାଇଥିବା ବହି ବସ୍ତାନି ଏବଂ ଖେଳନାଗୁଡ଼ିକର ଦୃଶ୍ୟ ସମଗ୍ର ବିଶ୍ୱର ବିବେକକୁ ଦୋହଲାଇ ଦେଇଛି । ଜେନେଭା ଚୁକ୍ତି ଅନୁଯାୟୀ ଯୁଦ୍ଧ ସମୟରେ ସ୍କୁଲ, ହସ୍ପିଟାଲ ଏବଂ ସାଧାରଣ ନାଗରିକଙ୍କୁ ସୁରକ୍ଷା ଦେବା ବାଧ୍ୟତାମୂଳକ ଅଟେ । ଏହି ଆକ୍ରମଣ କୌଣସି 'କୋଲାଟେରାଲ ଡ୍ୟାମେଜ୍' ନୁହେଁ, ବରଂ ଏହା ଏକ ସୁଚିନ୍ତିତ ଯୁଦ୍ଧ ଅପରାଧ । ଯେଉଁ ପାଶ୍ଚାତ୍ୟ ଦେଶଗୁଡ଼ିକ 'ମହିଳା, ଜୀବନ, ସ୍ୱାଧୀନତା'ର ସ୍ଲୋଗାନ ଦେଇ ଇରାନ ସରକାରଙ୍କୁ ସମାଲୋଚନା କରନ୍ତି, ଆଜି ସେହିମାନଙ୍କ ବୋମାରେ ଇରାନର ଝିଅମାନେ ପ୍ରାଣ ହରାଉଥିବା ବେଳେ ସେମାନଙ୍କର ନୀରବତା ଅତ୍ୟନ୍ତ ଲଜ୍ଜାଜନକ ଏବଂ ସେମାନଙ୍କ ଦ୍ୱିମୁଖୀ ନୀତିର ପରିଚୟ ଦେଉଛି ।

ଆମେରିକା ଏବଂ ଇସ୍ରାଏଲର ଯୁକ୍ତି ହେଉଛି ଯେ ଇରାନ ପରମାଣୁ ଅସ୍ତ୍ର ନିର୍ମାଣର ଅତି ନିକଟତର ହୋଇଯାଇଥିଲା, ଯାହା ବିଶ୍ୱ ଶାନ୍ତି ପାଇଁ ବିପଦ ସୃଷ୍ଟି କରିଥାନ୍ତା । କିନ୍ତୁ ଉପଲବ୍ଧ ତଥ୍ୟ ଏବଂ ପରିସଂଖ୍ୟାନ ଏହି ଦାବିକୁ ସମ୍ପୂର୍ଣ୍ଣ ରୂପେ ସମର୍ଥନ କରୁନାହିଁ । ଆଇଏଇଏ (IAEA)ର ସର୍ବଶେଷ ରିପୋର୍ଟ ଅନୁଯାୟୀ, ଯଦିଓ ଇରାନ ପାଖରେ ସମୃଦ୍ଧ ୟୁରାନିୟମ ମହଜୁଦ ଥିଲା, କିନ୍ତୁ ଏହାକୁ ଅସ୍ତ୍ରରେ ପରିଣତ କରିବା ପାଇଁ ଆବଶ୍ୟକ ବୈଷୟିକ ଜ୍ଞାନକୌଶଳ ଏବଂ କ୍ଷେପଣାସ୍ତ୍ର ଭଳି ଡେଲିଭରି ସିଷ୍ଟମ ବିକାଶ କରିବାକୁ ସେମାନଙ୍କୁ ଆହୁରି ଅନେକ ମାସ କିମ୍ବା ବର୍ଷ ସମୟ ଲାଗିଥାନ୍ତା । ଏହି ସମୟ ମଧ୍ୟରେ କୂଟନୈତିକ ଚାପ ପ୍ରୟୋଗ କରି ଏକ ଶାନ୍ତିପୂର୍ଣ୍ଣ ସମାଧାନ ବାହାର କରାଯାଇ ପାରିଥାନ୍ତା । କିନ୍ତୁ ଇସ୍ରାଏଲର ଦୀର୍ଘଦିନର ଇରାନ ବିରୋଧୀ କଠୋରପନ୍ଥୀ ମନୋଭାବ ଏବଂ ଆମେରିକାର ଘରୋଇ ରାଜନୀତିରେ ନିର୍ବାଚନୀ ଫାଇଦା ହାସଲ କରିବାର ଲକ୍ଷ୍ୟ ଏହି ଯୁଦ୍ଧକୁ ତ୍ୱରାନ୍ୱିତ କରିଛି । ଇତିହାସ ସାକ୍ଷୀ ଅଛି ଯେ ୨୦୦୩ ମସିହାରେ ଇରାକ ଉପରେ ଆକ୍ରମଣ କରିବା ପାଇଁ ମଧ ସମାନ ଭାବରେ 'ଗଣବିଧ୍ୱଂସୀ ଅସ୍ତ୍ର'ର ମିଥ୍ୟା ଆଳ ଦେଖାଯାଇଥିଲା, ଯାହା ପରବର୍ତ୍ତୀ ସମୟରେ ଭୁଲ୍ ବୋଲି ପ୍ରମାଣିତ ହୋଇଥିଲା । ଆଜି ପୁଣିଥରେ ସେହି ଇତିହାସର ପୁନରାବୃତ୍ତି ହେଉଛି, କିନ୍ତୁ ଏଥର ପରିଣାମ ଅଧିକ ଭୟାବହ ହେବାର ଆଶଙ୍କା ରହିଛି ।

ଏହି ଅନାବଶ୍ୟକ ଯୁଦ୍ଧର ଅର୍ଥନୈତିକ ପରିଣାମ ମଧ ବିଶ୍ୱ ପାଇଁ, ବିଶେଷକରି ଭାରତ ଭଳି ବିକାଶଶୀଳ ରାଷ୍ଟ୍ର ପାଇଁ ଅତ୍ୟନ୍ତ ଚିନ୍ତାଜନକ ସାବ୍ୟସ୍ତ ହେଉଛି । ହରମୁଜ ପ୍ରଣାଳୀ, ଯାହା ବିଶ୍ୱର 'ତୈଳ ଧମନୀ' ଭାବେ ପରିଚିତ ଏବଂ ଯାହା ଦେଇ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ପରିବହନ ହୁଏ, ସେଠାରେ ଯୁଦ୍ଧର ଘନଘଟା ଯୋଗୁଁ ତୈଳ ପରିବହନ ବାଧାପ୍ରାପ୍ତ ହୋଇଛି । ଯଦିଓ ବର୍ତ୍ତମାନ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ପ୍ରାୟ ୭୩ ଡଲାରରୁ ୮୦ ଡଲାର ମଧ୍ୟରେ ରହିଛି, ଯାହା ଗତ ସାତ ମାସର ସର୍ବୋଚ୍ଚ ସ୍ତର, କିନ୍ତୁ ବଜାରରେ ଅସ୍ଥିରତା ଯୋଗୁଁ ଏହା ଯେକୌଣସି ମୁହୂର୍ତ୍ତରେ ୧୦୦ ଡଲାର ଅତିକ୍ରମ କରିବାର ଆଶଙ୍କା ରହିଛି । ତୈଳ ଦର ବୃଦ୍ଧିର ସିଧାସଳଖ ପ୍ରଭାବ ଭାରତର ଅର୍ଥନୀତି ଉପରେ ପଡୁଛି । ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇଲେ ପରିବହନ ଖର୍ଚ୍ଚ ବଢ଼ିବ, ଯାହା ଫଳରେ ଖାଦ୍ୟଶସ୍ୟ, ପନିପରିବା ଏବଂ ଔଷଧ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇବ । ମୁଦ୍ରାସ୍ଫୀତି ନିୟନ୍ତ୍ରଣ ବାହାରକୁ ଚାଲିଯିବ ଏବଂ ସାଧାରଣ ଖାଉଟିଙ୍କ ମେରୁଦଣ୍ଡ ଭାଙ୍ଗିଯିବ । ଏହାଛଡ଼ା, ଯୁଦ୍ଧ ଯୋଗୁଁ ଅନ୍ତର୍ଜାତୀୟ ବାଣିଜ୍ୟ ଶୃଙ୍ଖଳା ବା ସପ୍ଲାଏ ଚେନ୍ (Supply Chain) ବାଧାପ୍ରାପ୍ତ ହୋଇଛି, ଯାହା ବିଶ୍ୱ ଅର୍ଥନୀତିକୁ ମାନ୍ଦାବସ୍ଥା ଆଡ଼କୁ ଠେଲି ଦେଇ ପାରେ । ଆମେରିକା ନିଜର ଅସ୍ତ୍ରଶସ୍ତ୍ର ବିକ୍ରି କରି ଅର୍ଥନୀତିକୁ ସୁଦୃଢ଼ କରୁଥିବା ବେଳେ ବିଶ୍ୱର ବାକି ଅଂଶ ଦାରିଦ୍ର୍ୟ ଏବଂ ଅଭାବ ଅନାଟନ ମଧ୍ୟକୁ ଠେଲି ହୋଇଯାଉଛି ।

ଏହି ଯୁଦ୍ଧର ଭୂ-ରାଜନୈତିକ ପରିଣାମ ସୁଦୂରପ୍ରସାରୀ ଏବଂ ବିପଜ୍ଜନକ ହେବ । ଇରାନକୁ ସାମରିକ ବଳ ପ୍ରୟୋଗ ଦ୍ୱାରା ଦମନ କରିବାକୁ ଚେଷ୍ଟା କରିବା ଫଳରେ ମଧ୍ୟପ୍ରାଚ୍ୟରେ ଅସ୍ଥିରତା ଆହୁରି ବୃଦ୍ଧି ପାଇବ । ଇରାନର ସମର୍ଥକ ଗୋଷ୍ଠୀମାନେ, ଯେପରିକି ଲେବାନନର ହିଜବୁଲ୍ଲା, ୟେମେନର ହୁତି ଏବଂ ଇରାକର ବିଭିନ୍ନ ସଶସ୍ତ୍ର ବାହିନୀ ଏବେ ଆମେରିକା ଏବଂ ଇସ୍ରାଏଲ ବିରୋଧରେ ପ୍ରତିଶୋଧ ପରାୟଣ ହୋଇଉଠିବେ । ଏହା ବିଶ୍ୱବ୍ୟାପୀ ଆତଙ୍କବାଦର ଏକ ନୂତନ ଅଧ୍ୟାୟ ସୃଷ୍ଟି କରିପାରେ । ବିଶେଷ କରି ମିନାବର ସ୍କୁଲ ଛାତ୍ରୀମାନଙ୍କ ହତ୍ୟା ଘଟଣା ସାଧାରଣ ଜନତାଙ୍କ ମନରେ ପାଶ୍ଚାତ୍ୟ ବିରୋଧୀ ମନୋଭାବକୁ ଦୃଢ଼ୀଭୂତ କରିଛି, ଯାହା ଭବିଷ୍ୟତରେ ଆମେରିକା ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିବ । ଅନ୍ୟପକ୍ଷରେ, ଇରାନ ଏବେ କୂଟନୈତିକ ସମାଧାନ ବଦଳରେ ପରମାଣୁ ଅସ୍ତ୍ର ନିର୍ମାଣକୁ ନିଜର ସୁରକ୍ଷା କବଚ ଭାବେ ଗ୍ରହଣ କରିପାରେ, ଯାହାକୁ ରୋକିବା ପାଇଁ ଏହି ଯୁଦ୍ଧ ଆରମ୍ଭ ହୋଇଥିଲା । ଅର୍ଥାତ୍, ଯୁଦ୍ଧ ସମସ୍ୟାର ସମାଧାନ କରିବା ବଦଳରେ ସମସ୍ୟାକୁ ଅଧିକ ଜଟିଳ କରିଦେଇଛି ।

ପରିଶେଷରେ, ଏହା ନିଃସନ୍ଦେହରେ କୁହାଯାଇପାରେ ଯେ ୨୦୨୬ର ଏହି ଯୁଦ୍ଧ ଆମକୁ ଶିକ୍ଷା ଦେଉଛି ଯେ ଶକ୍ତିର ଅହଂକାର କେବେବି ଶାନ୍ତିର ବିକଳ୍ପ ହୋଇପାରିବ ନାହିଁ । ଯେଉଁ ସମୟରେ କଥାବାର୍ତ୍ତା ଏବଂ ବୁଝାମଣା ମାଧ୍ୟମରେ ଏକ ସ୍ଥାୟୀ ସମାଧାନର ବାଟ ଫିଟୁଥିଲା, ସେତେବେଳେ ଯୁଦ୍ଧର ରାସ୍ତା ବାଛିବା ଏବଂ ବିଶେଷ କରି ନିରୀହ ଶିଶୁମାନଙ୍କୁ ହତ୍ୟା କରିବା ବିଶ୍ୱବ୍ୟାପୀ ଶାନ୍ତିକାମୀ ଜନତାଙ୍କ ପାଇଁ ଏକ ବଡ଼ ଧକ୍କା । ମିନାବର ସେହି ମୃତ ଛାତ୍ରୀମାନଙ୍କ ପରିବାରକୁ କୌଣସି କୂଟନୈତିକ ଯୁକ୍ତି ସାନ୍ତ୍ୱନା ଦେଇପାରିବ ନାହିଁ କିମ୍ବା କ୍ଷତିପୂରଣ ସେମାନଙ୍କ ଜୀବନ ଫେରାଇ ଆଣିପାରିବ ନାହିଁ । ବର୍ତ୍ତମାନ ସମୟର ଆହ୍ୱାନ ହେଉଛି ଅନ୍ତର୍ଜାତୀୟ ସମୁଦାୟ, ବିଶେଷକରି ଜାତିସଂଘ ଏବଂ ଭାରତ ଭଳି ନିରପେକ୍ଷ ରାଷ୍ଟ୍ରମାନେ ତୁରନ୍ତ ହସ୍ତକ୍ଷେପ କରି ଏହି ଯୁଦ୍ଧକୁ ବନ୍ଦ କରନ୍ତୁ ଏବଂ ଯୁଦ୍ଧ ଅପରାଧୀମାନଙ୍କୁ ଉତ୍ତରଦାୟୀ କରାନ୍ତୁ । ଆମେରିକା ଏବଂ ଇସ୍ରାଏଲକୁ ଏହା ବୁଝିବାକୁ ହେବ ଯେ ଶାନ୍ତି ବନ୍ଧୁକ ମୁନରେ କିମ୍ବା ମିସାଇଲ ମାଡ଼ରେ ଆସେ ନାହିଁ, ବରଂ ଏହା ନ୍ୟାୟ, ବିଶ୍ୱାସ ଏବଂ ସହଯୋଗର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ହୋଇଥାଏ ।

# ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ



## ଶ୍ରୀ ଭୋଳାନାଥ ସାହୁ



ଗୁଣ୍ଡିଚା ମା'ଙ୍କୁ ଦେଇଥିବା କଥାର ସତ୍ୟତା ରକ୍ଷା କରିବା ନିମନ୍ତେ, ପତିତ ଜନତାଙ୍କ ଉଦ୍ଧାର ନିମନ୍ତେ ମହାପ୍ରଭୁ ଅନନ୍ତକୋଟି ବ୍ରହ୍ମାଣ୍ଡନାୟକଙ୍କର ବିଶ୍ୱପ୍ରସିଦ୍ଧ ଗୁଣ୍ଡିଚାଯାତ୍ରା, ଘୋଷଯାତ୍ରା, ପତିତପାବନ ଯାତ୍ରା ବା ସର୍ବଜନ ବିଦିତ ରଥଯାତ୍ରା ଅନୁଷ୍ଠିତ ହୁଏ । ଯେଉଁ ଯାତ୍ରାରେ ସେ ବଡ଼ଭାଇ ବଳଭଦ୍ର ଓ ଅଲିଅଳି ଭଉଣୀ ସୁଭଦ୍ରାଙ୍କୁ ସଙ୍ଗରେ ନେଇ ଯାତ୍ରା କରନ୍ତି । ଏଥିପାଇଁ ରତ୍ନସିଂହାସନରୁ ବଡ଼ଦାଣ୍ଡରେ ରଥବିଜେ କରିବା ପାଇଁ ସେବାୟତଙ୍କ ଗହଣରେ ଧାଡ଼ି ପହଣ୍ଡିରେ ଆସିଥାନ୍ତି । ପହଣ୍ଡିବିଜେକୁ ଦେଖିବା ପାଇଁ ଲକ୍ଷ ଲକ୍ଷ ଭକ୍ତ ସିଂହଦ୍ୱାର ସମ୍ମୁଖରେ ଅପେକ୍ଷା କରି ରହିଥାନ୍ତି । କେତେବେଳେ କଚା-ଛେଚା ଖାଇ ଟାହିଆ ହଲାଇ ବଡ଼ଦାଣ୍ଡର ରଥରେ ବିଜେ କରିବେ । ଏହି ରଥ ବୈଶାଖ ମାସ ଶୁକ୍ଳପକ୍ଷ ଅକ୍ଷୟତୃତୀୟା ଠାରୁ ୨୦୦ରୁ ଉର୍ଦ୍ଧ୍ୱ ସେବାୟତ ଓ ସାତଗୋଟି ନିଯୋଗର ସମସ୍ତେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ନିର୍ମାଣ ପାଇଁ ଲାଗିଥାନ୍ତି । ଯେଉଁ ରଥରେ ବସି ସ୍ୱୟଂ ମହାପ୍ରଭୁ ଆନନ୍ଦକନ୍ଦ ସଚ୍ଚିଦାନନ୍ଦ ପ୍ରାଣ ପୁରୁଷୋତମ ଜଗନ୍ନାଥ ଗୁଣ୍ଡିଚାଯାତ୍ରା କରନ୍ତି । ଆଉ ରଥ ଉପରେ ମହାପ୍ରଭୁଙ୍କୁ ଦେଖି ଭକ୍ତମାନେ ନିଜର ମନରଂକାଙ୍କୁ ଛଡ଼ାଇ ନେବେ । ଏଥିପାଇଁ କିଏ ଜଗନ୍ନାଥଙ୍କ ଡ଼ୋରିରେ ବନ୍ଧା ହୋଇ ବଡ଼ଦାଣ୍ଡରେ ଦଣ୍ଡାୟମାନ ହୁଅନ୍ତିତ, ଆଉ କିଏ ମୋବାଇଲ କିମ୍ବା ଟିଭି ପରଦାକୁ ଚାହିଁରହି ଦେଖିଥାନ୍ତି । କି ଆନନ୍ଦ କି ଉତ୍ସୁକତା ।

ରଥଯାତ୍ରା ନିମନ୍ତେ ତିନି ଦିଅଁଙ୍କ ତିନି ରଥର ପ୍ରସ୍ତୁତି ହୁଏ । ମହାପ୍ରଭୁ ଶ୍ରୀଜଗନ୍ନାଥ ଯେଉଁ ରଥରେ ବିରାଜମାନ କରନ୍ତି ଏହାର ନାମ 'ନନ୍ଦିଘୋଷ' । ଏମିତି କେହି ଓଡ଼ିଆ ନଥିବେ କିମ୍ବା ଜଗନ୍ନାଥ ଭକ୍ତ ନଥିବେ ଯାହାଙ୍କୁ ମହାପ୍ରଭୁଙ୍କ ରଥର ନାମ ଅଜଣା ଥିବ । କେତେକ ଏହି ରଥକୁ 'ଗରୁଡ଼ଧ୍ୱଜ' ନାମରେ ମଧ ନାମିତ କରିଥାନ୍ତି । ମାତ୍ର ଯେତେବେଳେ ବହୁ ଶାସ୍ତ୍ରକାର ମାନଙ୍କୁ ପ୍ରଶ୍ନ ପଚରାଗଲା ଜଗନ୍ନାଥଙ୍କ ରଥର ନାମ ନନ୍ଦିଘୋଷ କାହିଁକି ହେଲା ?- ଶାସ୍ତ୍ରକାରମାନେ ନିରୁତର । ମାତ୍ର ଅଷ୍ଟାଦଶ ଶତାବ୍ଦୀରେ ଓଡ଼ିଶାର ବରପୁତ୍ର କବିସମ୍ରାଟ ଉପେନ୍ଦ୍ରଭଂଜ ତାଙ୍କର କାଳଜୟୀ 'ବୈଦେହୀଶ ବିଳାସ' କାବ୍ୟରେ ନନ୍ଦିଘୋଷ ରଥର ନାମକରଣକୁ ନେଇ ସୂଚନା ପ୍ରଦାନ କରିଥିବାର ଜଣାଯାଏ । ତ୍ରେତୟାଯୁଗରେ ରାମ ରାବଣ ମଧ୍ୟରେ ଯୁଦ୍ଧ ହେଲା । ଏହି ଯୁଦ୍ଧରେ ରାବଣ ରଥରେ ଚଢ଼ି ଆସୁଥିବା ବେଳେ ଶ୍ରୀରାମଚନ୍ଦ୍ର ପାଦରେ ଚାଲି ଚାଲି ଆସୁଥିଲେ । କାରଣ ଶ୍ରୀରାମଚନ୍ଦ୍ର ଥିଲେ ବନବାସୀ । ଯଦିଓ ସେ କ୍ଷତ୍ରିୟ ହସ୍ତରେ ଧନୁ ଓ କାନ୍ଧରେ ତୂଣୀରଥିଲା । ପଂଚବଟି ବନରେ ଅବସ୍ଥାନ କାଳରେ ପତ୍ନୀ ସୀତା ରାବଣଙ୍କଦ୍ୱାରା ଅପହୃତା ହେଲେ । କେବଳ ସୀତାଦେବୀଙ୍କୁ ଠାବ କରିବାକୁ ଯାଇ ଶ୍ରୀରାମଚନ୍ଦ୍ର ଲଙ୍କାରେ ପହଂଚିଥିଲେ । ପରିଣାମରେ ରାବଣ ଯୁଦ୍ଧର ଡ଼ାକରା ଦେବାରୁ ରାମ - ରାବଣ ଯୁଦ୍ଧ ହେଲା । ରାମଙ୍କର ବାନରସେନା ଏହାକୁ ଦେଖି ଭାବନା କରୁଥାନ୍ତି - 'ରାବଣ ଆଗରେ ଆମ ପ୍ରଭୁ ଛୋଟ ଅନୁମିତ ହୋଇ ଯାଉଛନ୍ତି ।' କାରଣ ରାବଣର ରଥ ଅଛି ମାତ୍ର ପ୍ରଭୁ ରାମଙ୍କର ରଥ ନାହିଁ । ଯୁଦ୍ଧ ସମାନ ସ୍ତରକୁ ନେଇ ହୁଏ । ତେଣୁ ବାନରସେନା ଓ ଭଲ୍ଲୁକ ମହାରାଜ ଜାମ୍ବବାନ ଦେବଗଣଙ୍କୁ ପ୍ରାର୍ଥନା କଲେ - 'ହେ ଦେବଗଣ ! ତୁମର ଉଦ୍ଧାର ନିମନ୍ତେ ପ୍ରଭୁ ରାମଚନ୍ଦ୍ର ଅଯୋଧ୍ୟା ଛାଡ଼ି ବନବାସ ବରଣ କରିଛନ୍ତି । ତୁମକୁ କୃତାର୍ଥ କରିବା ପାଇଁ ଶ୍ରୀରାମ ପତ୍ନୀ ଅପହରଣର ଶିକାର ହୋଇଛନ୍ତି । ଯଦି ତୁମେ ତାଙ୍କର ରକ୍ଷା ନକରିବ ତେବେ ରକ୍ଷା କରିବ କିଏ ? ରାମଚନ୍ଦ୍ରଙ୍କୁ ରଥଟିଏ ଓ ବାହନ ପ୍ରଦାନ କରିବାର ବ୍ୟବସ୍ଥା କରନ୍ତୁ ।' ସମାନ ସ୍ତରକୁ ନେଇ ଯୁଦ୍ଧ ହୁଏ । କିନ୍ତୁ ଏଠି ରାମଚନ୍ଦ୍ର ତଳେ ଓ ରାବଣ ଉପରେ । ଏହି ପ୍ରାର୍ଥନା ବଳରେ ଦେବରାଜ ଇନ୍ଦ୍ର ସମସ୍ତ ଦେବତାଙ୍କ ଶକ୍ତିକୁ ସମନ୍ୱିତ କରି ଶ୍ରୀରାମଙ୍କୁ ରଥଟିଏ ପ୍ରଦାନ କରିଥିଲେ । ଏହାପର ଠାରୁ ପ୍ରଭୁ ଶ୍ରୀରାମ ଏହି ରଥରେ ଚଢ଼ି ରାବଣ ସହିତ ଯୁଦ୍ଧ କରିବାକୁ ଗଲେ । ଶ୍ରୀରାମ ଯୁଦ୍ଧ କରିବାକୁ ଯିବା ସମୟରେ ଦେବ ଦେବ ମହାଦେବ ଶିବ କହିଲେ - 'ଇନ୍ଦ୍ରଦେବ ସିନା ରଥଟିଏ ପ୍ରଦାନ କଲେ, ମୁଁ କଣ ଆପଣଙ୍କ ସେବାରେ ଆସିପାରିବି ନାହିଁ ? ମତେ ଟିକିଏ ଅନୁଗ୍ରହ କରନ୍ତୁ ।' ଶ୍ରୀରାମ କହିଥିଲେ - ହେ ଦେବ ଦେବ ! ଆପଣ କେଉଁସେବା କରିବାକୁ ଚାହୁଁଛନ୍ତି ? ମହାଦେବ କହିଥିଲେ - ପ୍ରଭୁ ! ମୋର ଗଣ ହେଉଛନ୍ତି ନନ୍ଦି । ଆପଣଙ୍କ ରଥର ଗୋଟିଏ ଚକ ଉପରେ ସେ ବସିବ । ଆଉ ଯୁଦ୍ଧକୁ ଯିବା ସମୟରେ ସେ ଯେଉଁ ଘୋଷ ବା ବିକଟାଳ ଶବ୍ଦ ସୃଷ୍ଟି କରିବ ତତ୍‌ଦ୍ୱାରା ରାବଣର ଅର୍ଦ୍ଧାଧିକ ସୈନ୍ୟ ବା ଅସୁର ମୃତ୍ୟୁବରଣ କରିବେ । ଆପଣମାନେ ଜାଣନ୍ତି ପ୍ରଭୁ ଶିବ ଯେତେବେଳେ ତାଣ୍ଡବ କରନ୍ତି ସେତେବେଳେ ନନ୍ଦିହିଁ ନିନାଦ କରନ୍ତି । ଏହି ନିନାଦ ବା ଉଚ୍ଚ ଧ୍ୱନିରେ ଅର୍ଦ୍ଧପ୍ରଳୟ ସୃଷ୍ଟିହୁଏ । ଅବଶିଷ୍ଟ ଶିବଶଙ୍କରହିଁ ପୂର୍ଣ୍ଣ କରନ୍ତି । ତେଣୁ ନନ୍ଦିଙ୍କୁ ଆପଣ ଆପଣଙ୍କ ରଥରେ ବସାଇ ନିଅନ୍ତୁ । ତଦନୁସାରେ ନନ୍ଦିରଥର ସମ୍ମୁଖ ଗୋଟିଏ ଚକ ଉପରେ ବସିଲେ ଓ ରାମଚନ୍ଦ୍ରଙ୍କ ବିନୟ ଦୃଷ୍ଟି ବଳରେ ନନ୍ଦିର ଦୃଷ୍ଟି ରାବଣର ସୈନ୍ୟ ଉପରେ ରହିଲା । ନନ୍ଦି ରଥରେ ବସିଯାଇ ପ୍ରଭୁ ରାମଚନ୍ଦ୍ରଙ୍କ ଆଶୀର୍ବାଦ ନେଲେ ଓ କହିଲେ - 'ପ୍ରଭୁ ! ମହାଦେବଙ୍କ ଆଶୀର୍ବାଦରୁ ମୁଁ ଆଜି ଆଗରେ ଆଉ ଆପଣ ପଛରେ । ମାତ୍ର ସବୁବେଳେ ଆପଣ ଆଗରେ ଥାଆନ୍ତି ଆଉ ଏ ସମଗ୍ର ସଂସାର ଆପଣଙ୍କ ପଛରେ ଥାଏ ।' ନନ୍ଦି ଆଗରେ ଥାଇ ଯେଉଁ ଘୋଷ ବା ବିକଟାଳ ଶବ୍ଦ ସୃଷ୍ଟି କଲା ତହିଁରେ ରାବଣର ଅର୍ଦ୍ଧାଧିକ ସୈନ୍ୟ ବା ରାକ୍ଷସଗଣ ନିହତ ହେଲେ । ନନ୍ଦି ଇନ୍ଦ୍ରଙ୍କ ପ୍ରଦତ ଓ ରାମଚନ୍ଦ୍ରଙ୍କ ଦ୍ୱାରା ପରିଚାଳିତ ରଥରେ ବସି ଘୋଷ ସୃଷ୍ଟି କରି ରାବଣଙ୍କୁ ପରାସ୍ତ କରିଥିବାରୁ ଏହି ରଥର ନାମ ନନ୍ଦିଘୋଷ ନାମରେ ନାମିତ ହୋଇଛି । ନନ୍ଦିଏବଂ ତାର ଘୋଷ ବା ନିନାଦ ଏହାର ମୁଖ୍ୟ ଉତ୍ସ । ଉପେନ୍ଦ୍ରଭଞ୍ଜଙ୍କ ଏହି ମତକୁ ଉତ୍କଳଘଂଟ କବି ଯଦୁମଣି ମହାପାତ୍ର ସମ୍ମତି ପ୍ରଦାନ କରିଛନ୍ତି । ଯେଉଁ ରଥରେ ସାରଥୀ ଦାରୁକଙ୍କୁ ନେଇ ଶ୍ରୀକୃଷ୍ଣ ରୁକ୍ମିଣୀ ହରଣ କରିଥିଲେ । ଯେତେବେଳେ ରୁକ୍ମିଣୀ ଗୌରୀ ପୂଜନ କରିବା ପାଇଁ ଯାଇଥାନ୍ତି ସେତେବେଳେ ଶ୍ରୀକୃଷ୍ଣ ନନ୍ଦିଘୋଷକୁ ଲୁଚାଇରଖି ରୁକ୍ମିଣୀଙ୍କୁ ହରଣକରି ଘର୍ଘରନାଦରେ ପଳାୟନ କରିଥିବାରୁ ଏହା ନନ୍ଦିଘୋଷ ନାମରେ ନାମିତ ହୋଇଛି ବୋଲି ମତବାଦ ରହିଛି ।

ତୃତୀୟ ମତରେ 'ନନ୍ଦିଘୋଷ' ସହିତ 'ନନ୍ଦ' ଶବ୍ଦର ସମ୍ପର୍କ ରହିଛି । ପ୍ରଭୁ ଶ୍ରୀକୃଷ୍ଣଙ୍କର ଅତିପ୍ରିୟ ନନ୍ଦ ବା ନନ୍ଦରାଜା । ଯଦିଓ ସେ ବସୁଦେବଙ୍କ ଔରସରୁ ଜନ୍ମହୋଇଥିଲେ ତଥାପି ସେ ନିଜକୁ ନନ୍ଦନନ୍ଦନ ରୂପରେ ପ୍ରତିପାଦନ କରନ୍ତି । 'ନନ୍ଦ' ଶବ୍ଦର ଅର୍ଥ ନନ୍ଦୟତେ ଇତି ନନ୍ଦ । ଅର୍ଥାତ ଯିଏ ଅନ୍ୟକୁ ଆନନ୍ଦ ପ୍ରଦାନ କରେ ସେ ନନ୍ଦ । ଏହି ରଥ ଭକ୍ତଙ୍କୁ ଅଶେଷ ଆନନ୍ଦ ପ୍ରଦାନ କରୁଥିବାରୁ ଏହା ନନ୍ଦିଘୋଷ ନାମରେ ପରିଚିତ । ଏଥିରୁ ସ୍ପଷ୍ଟଯେ ମହାପ୍ରଭୁ ଗୋପପୁରବାସୀଙ୍କ ସ୍ମୃତିକୁ ମନେପକାଇ ଦିଅନ୍ତି । ଆଉ କହନ୍ତି - 'ମୁଁ ସେହି ଛୋଟ ବାଳକ ନନ୍ଦନନ୍ଦନ ହୋଇ ରହିଛି । ବଡ଼ପିଲା ହୋଇନାହିଁ । ଏ ନନ୍ଦିଘୋଷ ହେଉଛି ନନ୍ଦରାଜାଙ୍କର କାନ୍ଧ ଆଉ ତା ଉପରେ ମୁଁ ବସିଛି । ମୁଁ ଆଜି ଆନନ୍ଦକନ୍ଦ ସଚିଦାନନ୍ଦ ହେଲେହେଁ ମୁଁ ନନ୍ଦବାଳକ ହୋଇ ବସୁଛି ।' ଚତୁର୍ଥତଃ ମହାପ୍ରଭୁ ବୈଶାଖ ମାସରେ ୨୧ ଦିନ ଚାପ ବା ନାବକେଳି କରନ୍ତି । ସେ ଯେଉଁ ନାବରେ ବସନ୍ତି ତାର ନାମ 'ନନ୍ଦା' ବା 'ସୁନନ୍ଦା' । ଏଠାରେ ଆନନ୍ଦ ଦେବା ବ୍ୟକ୍ତିଟି ନନ୍ଦ । ମାତ୍ର ପ୍ରଭୁ ଏ ସମାଜକୁ ସୂଚନା ଦେବାକୁ ଚାହିଁଛନ୍ତି - ଯିଏ ଅନ୍ୟକୁ ଆନନ୍ଦ ପ୍ରଦାନ କରେ ସେ ମୋର ଏକାନ୍ତ ପ୍ରିୟ । ନନ୍ଦବିନା ମୁଁ ବଂଚିପାରିବି ନାହିଁ । ପଂଚମ ମତରେ 'ନନ୍ଦିଘୋଷ'ର ଅର୍ଥ ଆନନ୍ଦଘୋଷ । ଅର୍ଥାତ ଯେଉଁ ରଥରୁ ଆନନ୍ଦର ଘୋଷଧାରା ନିର୍ଗତ ହୁଏ ତାହାହିଁ ନନ୍ଦିଘୋଷ । ମହାପ୍ରଭୁ ଯେଉଁ ଆନନ୍ଦରଥରେ ବସିବେ ସେ ରଥହିଁ ଆପଣମାନଙ୍କୁ ଆନନ୍ଦପ୍ରଦାନ କରିଥାଏ । ସତରେ ନନ୍ଦିଘୋଷକୁ ଦେଖିଲେ ଭକ୍ତମନରେ ଉଦ୍‌ବେଳନ ସୃଷ୍ଟିହୁଏ । ତେଣୁ ଏହାକୁ ନନ୍ଦିଘୋଷ କହନ୍ତି । ଏହି ସଚରାଚର ଜଗତକୁ ଏହା ଆନନ୍ଦ ପ୍ରଦାନ କରୁଥିବାରୁ ଏହାର ନାମ ନନ୍ଦିଘୋଷ ।

ନନ୍ଦିଘୋଷର ରଥର ଉଚ୍ଚତା ୧୩.୫ ମିଟର ଅର୍ଥାତ ୪୪ଫୁଟ ୨ ଇଂଚ ବା ୪୫ ଫୁଟ । ଏଥିରେ ୧୬ଟି ଚକ ଲାଗିଥାଏ । ଏହିରଥ ୮୩୨ଖଣ୍ଡ କାଠଖଣ୍ଡକୁ ନେଇ ନିର୍ମିତ ହୁଏ । ନନ୍ଦିଘୋଷ ରଥର ଅଧିଶ୍ୱର ମହାପ୍ରଭୁ ଶ୍ରୀଜଗନ୍ନାଥ । ଏହାର ରକ୍ଷକ ସ୍ୱୟଂ ପକ୍ଷୀରାଜ ଗରୁଡ଼ । ରଥର ସାରଥୀ ଦାରୁକ । ରଥର ପତାକା ତୈଲୋକ୍ୟମୋହିନୀ । ରଥର ଅଶ୍ୱ- ଶଙ୍ଖ, ବଳାହକ, ଶ୍ୱେତ, ହରିଦାଶ୍ୱ । ରଥର ଦଉଡ଼ି ଶଙ୍ଖଚୁଡ଼ନାଗ । ରଥର ଆବରଣ - ଲୋହିତ ପୀତବର୍ଣ୍ଣ । ଧ୍ୱଜାରେ ହନୁମାନ । ରଥଶିରର ଦେବତା କଲ୍ୟାଣସୁନ୍ଦର । ଶକ୍ତି- ବିମଳା ଓ ବିରଜା । ରଥର ଦେବୀ ଯୋଗମାୟା । ରଥରମୁଖ ନନ୍ଦିମୁଖ । ରଥର ଚାରଣ -ନନ୍ଦ, କୁବେର । ରଥର କୁମ୍ଭ ହିରଣ୍ମୟ । ରଥର ଦ୍ୱାରପାଳ-ଜୟ ଓ ବିଜୟ । ରଥର ଯକ୍ଷ ହର୍ଯ୍ୟକ୍ଷ । ରଥର ଗର୍ଭାଧିଶ୍ୱର ହିରଣ୍ୟଗର୍ଭା । ରଥର ଶକ୍ତି ବିମଳା । ରଥର ଅଷ୍ଟଋଷି-ନାରଦ, ଦେବଳ, ବ୍ୟାସ, ଶୁକ, ପରାଶର, ବଶିଷ୍ଠ, ବିଶ୍ୱାମିତ୍ର ଓ ରୁଦ୍ର । ରଥର ନବପାର୍ଶ୍ୱଦେବତା- ହନୁମାନ, ରାମ, ଲକ୍ଷ୍ମଣ, ନାରାୟଣ, କୃଷ୍ଣ, ଗୋବର୍ଦ୍ଧନଧାରୀ, ଚିନ୍ତାମଣି, ରାଘବ ଓ ନୃସିଂହ ପ୍ରଭୃତି । ଏ ସମସ୍ତଙ୍କୁ ନେଇ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷରଥ ସୁସଜ୍ଜିତ । ଯେଉଁଥିରେ ବସି ସେ ଗୁଣ୍ଡିଚାଯାତ୍ରା କରନ୍ତି ।

କୁହାଯାଏ - 'ରଥେତୁ ବାମନଂ ଦୃଷ୍ଟା ପୁନର୍ଜନ୍ମ ନବିଦ୍ୟତେ ।' ଅର୍ଥାତ ରଥ ଉପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନକଲେ ପୁନର୍ଜନ୍ମ ହୁଏନାହିଁ । କୋଟି ଜନ୍ମର ପାପକ୍ଷୟ ହୋଇଥାଏ । ଯେଉଁ ନନ୍ଦିଘୋଷ ମହାପ୍ରଭୁଙ୍କର ଆନନ୍ଦ ପ୍ରଦାୟକ, ସେହି ରଥର ଅଧିଶ୍ୱର ସମସ୍ତ ଭକ୍ତଙ୍କର ଶାନ୍ତି ପ୍ରଦାୟକ । ଭକ୍ତ ଓ ତାର ଭାବକୁ ନେଇ ଗଢ଼ାହୁଏ ଭାବର ବନ୍ଧନ । ଯେଉଁ ବନ୍ଧନ ଯୁଗ ଯୁଗର, ଜନ୍ମ ଜନ୍ମାନ୍ତରର । ସେହି ମହାପ୍ରଭୁ ଗତିଦାତା ଓ ମୁକ୍ତିଦାତା । ଭାବ ଓ ବିଶ୍ୱାସକୁ ନେଇ ଭକ୍ତଟିଏ ମହାପ୍ରଭୁଙ୍କ ନିକଟରେ ସମର୍ପିତହୁଏ । ଭକ୍ତର ଏହି ସମର୍ପଣ ଭାବହିଁ ମୁକ୍ତିର ମାର୍ଗ ।

ଜୟ ଜଗନ୍ନାଥ...

+ପ୍ରାକ୍ତନ ପ୍ରାଧ୍ୟାପକ ଓ ମୁଖ୍ୟ
ଶିକ୍ଷା ବିଭାଗ
ଉଦଳା ମହାବିଦ୍ୟାଳୟ,
ଉଦଳା, ମୟୂରଭଞ୍ଜ
ମୋ: ୯୯୩୭୧୫୧୩୧୦

# ସରକାରୀ ବାବୁମାନଙ୍କର ଡରଭୟ ଅଛି କି ?



## ସୁବ୍ରତ କର

ଠିକ୍ ଅଛି, ଭିଜିଲାନ୍ସ ବିଭାଗକୁ ଡର ନାହିଁ, ସରକାରଙ୍କ ମଧ ବେଖାତିର କର କିନ୍ତୁ ନିଜ ପିଲାଛୁଆ ମାନଙ୍କ ପାଇଁ ଈଶ୍ୱରଙ୍କୁ ତ ଡର । ଦେବବ୍ରତ ବାବୁଙ୍କ କ୍ଷେତ୍ରରେ ଜଣାପଡୁଛି ସେ କାହାରିକୁ ଡର ନଥିଲେ । ଡରିବାର ଥିଲେ, ଯେତେବେଳେ ୨୦୦୯ ମହିହାରେ ବାରିପଦାଠାରେ ଥିବା ବେଳେ ଭିଜିଲାନ୍ସ ବିଭାଗରେ ମାମଲା ରୁଜୁ ହୋଇଥିଲା । ଏହି ମାମଲାଟି ଏବେ ମଧ ବିଚାରଧୀନ ଅବସ୍ଥାରେ ଅଛି । ଏହା ପରେ ମଧ ଏପରି ଘଟିବା ଉଚିତ ନଥିଲା । ଏହା ପ୍ରମାଣ କରୁଛି ତାଙ୍କର କାହାରିକୁ ଡରଭୟ ନଥିଲା । ଏହି କାର୍ଯ୍ୟରେ ନିଶ୍ଚିତ ଭାବରେ ତାଙ୍କର ଉପର ସ୍ତରର ଏବଂ ତଳ ସ୍ତରର ଅଫିସର ଏବଂ କର୍ମଚାରୀ ମାନେ ରିତିମତ ଜଡ଼ିତ ଥିବେ । ଏବେ ଭିଜିଲାନ୍ସର ପାଳି ଏହି ବାବୁମାନଙ୍କ ମୁଣା ଖୋଲିବା । ଏହା ଉପରେ ଗଭୀର ଅନୁସନ୍ଧାନ ହେବା ଦରକାର କାରଣ ଏ ଭଦ୍ରଲୋକ ଜଣେ ଉପରିସ୍ଥ ବାବୁ ଏବଂ କରିତ୍ କର୍ମା ଥିଲେ ବୋଲି ତାଙ୍କର କାର୍ଯ୍ୟକଳାପରୁ ଜଣା ପଡୁଛି । ଖଣି ବିଭାଗର କାର୍ଯ୍ୟକାରିତା ସାଧାରଣ ଜନତାଙ୍କ ଠାରୁ ଦୂରରେ ଏବଂ ଅତି ଅଳ୍ପ ସଂଖ୍ୟକ ବାବୁମାନେ ଏହା ସହିତ ଜଡ଼ିତ ରହନ୍ତି ଏବଂ ଏବତ ଏହି ବିଭାଗର ଖବର ମିଳିଥିବା ନିଶ୍ଚିତ ଭାବରେ କାଠିକର ପାଠ । ସାଧାରଣ ଭାବରେ ଏହି ବିଭାଗର ଅଫିସ ଗୁଡ଼ିକ ମଧ ଜିଲ୍ଲା ସଦର ମହକୁମାଠାରୁ ବହୁ ଦୂରରେ ଥାଏ । ଏହିସବୁ ଅଫିସ ଏବଂ ବିଭାଗରେ କୋଟି କୋଟି ଟଙ୍କାର କାରବାର ହୁଏ ଏବଂ କୋଟି ପଡ଼ି ଲୋକଙ୍କର ଯିବା ଆସିବା ଥାଏ । ଏ ସବୁ ତହସିଲ ଅଫିସ ବା ଯୋଗାଣ ଅଫିସ ଭଳି ନୁହଁ । ଏବେ ପ୍ରଶ୍ନ ଉଠୁଛି ଏହା ପରେ ପରେ ଆଉ କେଉଁ କେଉଁ ମାନେ ଏହି ଜାଲରେ ବନ୍ଧା ହେବେ ନା ଏଇଠି ଅନୁସନ୍ଧାନ ଶେଷ ହୋଇଯିବ । ଏହି ଭଦ୍ରଲୋକଙ୍କ କାରବାର କଣ ଖଣି ବିଭାଗର ଉପରିସ୍ଥ ବାବୁ ମାନଙ୍କୁ ଜଣା ନାହିଁ ନା ଜାଣି ଶୁଣି ଆଖି ବନ୍ଦ କରି ନିଜ ଭାଗଟାକୁ ପକେଟରେ ପୁରାଉଥିଲେ ? ଯାହା ହେବାର ହେଲାଣି କିନ୍ତୁ ଦେବବ୍ରତ ବାବୁ ନିଶ୍ଚୟ ଏକ ନୂଆ ରେକର୍ଡ କରିଲେ । ଏହା ଆଗରୁ ଏତେ ପରିମାଣର ଟଙ୍କା (୪କୋଟି ୩୦ଲକ୍ଷ ପ୍ରାୟ) କାହାରି ଘରୁ ବାହାରି ନଥିଲା । ଅବଶ୍ୟ ଏହି ବିଡ଼ା ବିଡ଼ା ଟଙ୍କା ଦେଖି ଇ.ଡି ନିଜ ଆଡୁ ଆଖି ପକେଇଛନ୍ତି । ଦେଖାଯାଉ ଏହା ଉପରେ ଇ.ଡି କଣ କରି ପାରୁଛି ? ଏହି ଟଙ୍କାକୁ ନେଇ (୪.୩ କୋଟି) ସରକାର ବିଭିନ୍ନ ବାବୁମାନଙ୍କ ଠାରେ ପ୍ରାୟ ଗତବର୍ଷ (୨୦୨୫) ପ୍ରାୟ ୧୨୦ କୋଟି ଟଙ୍କାର ସମ୍ପତ୍ତି ଠାବ କରାହୋଇ ୨୧୨ ଜଣ ସରକାରୀ କର୍ମଚାରୀଙ୍କୁ ଗିରଫ କରାହୋଇଛି । ସେଥିରୁ ପ୍ରଥମ ଶ୍ରେଣୀ ଅଫିସର ହେଉଛନ୍ତି ୫୩ ଜଣ ଏବଂ ଚାକିରୀରୁ ୨୩ଜଣଙ୍କୁ ଏପର୍ଯ୍ୟନ୍ତ ବହିଷ୍କାର କରାହୋଇଛି । ଅପେକ୍ଷା କରିବା ଭବିଷ୍ୟତକୁ ।



# ମୁଁ ଖଳନାୟିକା

## ସ୍ୱାଗତିକା ତରାଇ



ମୁଁ ଖଳନାୟିକା—
କାହାଣୀର ଶେଷ ପୃଷ୍ଠାରେ
ନାୟିକା ହେବାର ଅଧିକାର
ମୋତେ କେବେ ମିଳିନାହିଁ ।

ମୋ ନିରବତାକୁ ଲୋକେ
ଅହଂକାର କହିଲେ,
ମୋ ସହିଷ୍ଣୁତାକୁ
ଦୁର୍ବଳତାର ନାମ ଦେଲେ ।

ମୁଁ ହସିଲେ—ନାଟକ,
ମୁଁ କାନ୍ଦିଲେ—ଚକ୍ରାନ୍ତ ।

ମୁଁ ଆଇନା ସାମ୍ନାରେ
ଦିନେ ଦିନେ ଭାଙ୍ଗିପଡ଼େ,
କିନ୍ତୁ ବିଶ୍ୱ ସାମ୍ନାରେ
ଶକ୍ତ ରହିବାର
ଅଭିନୟ କରେ ।

ମୋ ଭୁଲକୁ
ପାପ ଭାବେ ଲେଖାଗଲା,
ଅନ୍ୟମାନଙ୍କ ଅପରାଧକୁ
ଭାଗ୍ୟର ବିଡମ୍ବନା ବୋଲି
କହି କ୍ଷମା ଦିଆଗଲା ।

ହଁ,
ମୁଁ ଖଳନାୟିକା—
କାରଣ ମୁଁ ପ୍ରଶ୍ନ କଲି,
ଚୁପ୍ ରହିବା ଶିଖିଲିନି;
ନିଜ ସ୍ୱପ୍ନକୁ
ଅଗ୍ନିରେ ଦାହ ଦେଲିନି ।

ଆଜି ଯଦି ମୁଁ ଏକା,
ତେବେ ସେ ଏକାପଣ
ମୋର ସଂଘର୍ଷର ମୁକୁଟ ।
ଖଳନାୟିକା ମୁଁ ନିଜେ—
କିନ୍ତୁ
ନିଜ କାହାଣୀର ମୁଁ
ଏକମାତ୍ର ସତ୍ୟ ନାୟିକା ।

+ଜେଲରୋନ, ବାଲେଶ୍ୱର

# ଅଭୁଲା ଅତୀତ

## ଜଗଦୀଶ ସାହୁ



ମାମୁଁଘର ବୁଲି ଆସୁଛ ଦୋଳକୁ
ଏକଥା ଶୁଣିବା ପରେ
ଅଭୁଲା ଅତୀତ କରେ ଅସ୍ତବ୍ୟସ୍ତ
ଭାବନାରେ ରାତି ସରେ ।

ତୁମେ ଥିଲ ରାଧାକୃଷ୍ଣ ବିଦ୍ୟାଳୟ
ନବମ ଶ୍ରେଣୀର ଛାତ୍ରୀ
ଶ୍ରେଣୀ ମୋ' ଦଶମ ତୁମକୁ ମନରେ
ଭାବି ଉପଯୁକ୍ତ ପାତ୍ରୀ
ଭଲପାଏ ବୋଲି କହିଦେଲି ଶୁଣି
ରାଗି ଚାଲିଗଲ ଖରେ ।

ସମୟ ଭାବନା ବଦଳାଇ ଦେଲା
ପ୍ରେମରେ ପଡ଼ିଲ ହାଏ
କହିଲ ଭରସି ମୋ' ପାଖକୁ ଆସି
ତୁମକୁ ମୁଁ ଭଲ ପାଏ
ରାଣ ପକେଇଲ ଏକଥା ଯେମିତି
ନ ଜାଣନ୍ତୁ ମାମୁଁ ଘରେ ।

ପୁଣି ସେ ସମୟ ହେଲା ନିରିଦୟ
ମୋ' ଠାରୁ ଦୁରେଇ ଗଲ
ଦେଖାହେବ ଯେବେ ଉତ୍ତର ଚାହିଁବି
କାହିଁକି ଏମିତି କଲ
ସେଇକଥା ଭାବି ଅପେକ୍ଷାରେ ଅଛି
ପଚାରିବି ଗୋପନରେ ।

+ସଂଜପଡା
ହିନ୍ଦୋଳ, ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬

# ସେ ବି ମା’



ସ୍ନିଗ୍ଧା ପଣ୍ଡା



ତା’ ମୁହଁରେ ଆଜି ବହୁତ ଦିନ ପରେ ହସ ଚହଟୁଥିବାର ଦେଖି ଚମକି ପଡ଼ିଲି ମୁଁ। ମୁଁ ଦିନରେ ସ୍ୱପ୍ନ ଦେଖୁ ନାହିଁ ତ!! ବର୍ଷବର୍ଷରୁ ଖୁସିଛେଉଣ୍ଡ ମନଟି ତା’ର ଆଜି କୋଉ କାରଣରୁ ଏତେ ଉତ୍‌ଫୁଲ୍ଲିତ ହୋଇପାରିବ? ମୁଁ ଅନୁମାନ ଲଗାଇବାକୁ ଚେଷ୍ଟା କରୁଥିଲି, କିନ୍ତୁ ମୋ ଚିନ୍ତାର ପରିଧି ଭିତରେ କୌଣସି ଉତ୍ତର ଖୋଜି ପାଉନଥିଲି । ମୁହଁ ଖୋଲି ପଚାରି ପାରୁନଥିଲି ବି, କାଳେ ତା’ର ଖୁସି କୁଆଡେ ହଜିଯିବ !

ମନ୍ଦିର ଆଗରେ ଏମିତି ଆମେ ବସି ପଇସା ମାଗି ଚଳୁ । ଆମେମାନେ ମୁଁ ସୁଲି, ସେ କେତକୀ ଓ ଆଉ ଦି’ଜଣ ବୁଢୀ । ଆମର କେହି ନାହାନ୍ତି । ଆଗରୁ ମୂଲ ଲାଗୁଥିଲୁ ସହର କୋଠାବାଡି କାମରେ, ଏବେ ବଳ ପାଉ ନଥିବାରୁ ସେତକ ବି କରିପାରୁନୁ । କେବେ ବି ହସୁ ନଥିଲା କେତକୀ- ସବୁବେଳେ ଦୁଃଖୀ ଦୁଃଖୀ ଚାହାଣି ଯାହା କାହାକୁ ଯେମିତି ଖୋଜି ହେଉଥାଏ । ଆଜି କିନ୍ତୁ ଅଲଗା । ମୁହଁସାରା ତା’ର ଖୁସିର ଅବିର।

କେତକୀ ମୋ ଆଡକୁ ବୁଲି ଚାହିଁଲା । ଏଥର ତା’ ଆଖିରୁ ଦୁଇ ଟୋପା ଲୁହ ଗଡ଼ି ଆସି ଥରୁଥିବା ଓଠକୁ ଛୁଇଁଲା। ସେ ଲୁହରେ ବି ଚିକ୍‌ଚିକ୍ କରୁଥିଲା ଖୁସି। ତା’ର ପଇସା ପୋଟଳିରୁ ସେ ବାହାରକଲା ରଙ୍ଗ ଛାଡିଛାଡି ଆସୁଥିବା ଗୋଟିଏ ଫଟୋ, ବହୁତ ପୁରୁଣା ଯାହାକି ଗୋଟେ ଛୋଟ ପିଲାର ଥିଲା । ସେ ପଚାରିଲା "ଏଇଟି କାହାର କହିଲୁ? "ଅଚିହ୍ନା ପରି ଚାହିଁଲି ମୁଁ। ସେ ସାମ୍ନାରେ ଲାଗିଥିବା ପ୍ରଚାର ବୋର୍ଡକୁ ଦେଖାଇ କହିଲା "ସେଇ ଯୋଉ ହସୁକୁରା ଯୁବକର ଚିତ୍ର ଦେଖେ, ଆଉ କହ କିଛି ଜାଣିପାରିଲୁ କି ନାହିଁ।"

ଦୁଇ ଚାରିଥର ଦେଖି କହିଲି "ହଁ, ଏ ଫଟୋଟି ଟିକେ ମିଶୁଚି ସେଥିରେ ।"

"ଟିକେ କଣ, ୟେ ସେଇ ହିଁ ।"

"ମାନେ ଏ ପୁରୁଣା ଫଟୋ ଆମ ନୂଆ କିଲଟର ସାଇବଙ୍କର ଯିଏ ଆଜି ଆମ ଦୁଃଖ ଶୁଣିବାକୁ ଏଇଟି ଗାଡିରୁ ଓହ୍ଲେଇ ପଡିଲେ?"

"ହଁ, ସେ ମୋର ପୁଅ, ବାପ ଜଣା ନଥିବା ପୁଅ, ମୋର କଳିଜାର ଟୁକୁଡା ଯାହାକୁ ମୁଁ ତିନି ବର୍ଷର ହେଇଥିବା ବେଳେ ଜଣେ ଧନୀ ଲୋକଙ୍କ ହାତରେ ଟେକି ଦେଇଥିଲି—କେବଳ ଏଇଥିପାଇଁ ଯେ, ସେ ଭୋକ ରାକ୍ଷସ କବଳରୁ ବଞ୍ଚିଯିବ ଓ ଭଲ ପାଠ ପଢ଼ି ମଣିଷ ହେବ। ସେଦିନ ମୋ ପାଖରେ ତାକୁ ଖୁଆଇବାକୁ ମୁଠେ ଦାନା ନଥିଲା। ଲୋକମାନେ କହନ୍ତି ମା’ର ହୃଦୟ ପଥର ହୋଇପାରେ, ହେଲେ ନିଜ ଛୁଆଠାରୁ ଅଲଗା ହୋଇପାରେନା । ମୁଁ କିନ୍ତୁ ନିଜ ମମତାକୁ ପାଣିରେ ଭସେଇ ପଥର ପାଲଟି ଯାଇଥିଲି ଓ ନିଜ ଛୁଆଠାରୁ ଅଲଗା ହୋଇଯାଇଥିଲି କେବଳ ତା’ର ଭବିଷ୍ୟତ ପାଇଁ। ଏତକ କହି ସେ ପୁଣି ଖୁସିରେ ଚହଟିଗଲା ଆଉଥରେ ।

"କାଲିଠାରୁ ଏ ବୋର୍ଡ ଦେଖୁଚୁ, କହି ନଥିଲୁ ତ?"

"ମୋର ଡର ଥିଲା କାଳେ ସେ ହୋଇ ନଥିବ, ହେଲେ ମା’ ଆଖି କ’ଣ କେବେ ନିଜ ସନ୍ତାନକୁ ଭୁଲିପାରେ? ସେ ଯେତେବେଳେ କମ୍ବଳ ବାଣ୍ଟି ବାଣ୍ଟି ମୋ ପାଖକୁ ଆସିଲା, ତା’ ହାତ ମୋ ହାତରେ ବାଜିଲା ବେଳେ ମୋ ଦେହ ଶିହରି ଉଠିଲା। ସେ ନଇଁ ପଡି ତଳେ ପଡିଯାଉଥିବା କମ୍ବଳଟି ଉଠାଇ ଆଣିଲା ବେଳେ ତା’ର ମୁଣ୍ଡକୁ ଚାହିଁ ରହିଲି ମୁଁ । ସେଇଠି ଦୁଇଟା ଭଉଁରୀ ଆଉ ଆଖି ଉପର କପାଳରେ ଥିବା ନାଲିଜାଇ ମନ୍ଦାକ ମତେ ତାକୁ ଚିହ୍ନାଇ ଦେଇଥିଲା।

ପୁଣି କହିଲା "ତୁମେ କାଲିଠାରୁ ଆଉ ଏଠି ବସିବ ନାହିଁ ମା’ । ଏଇ ସମସ୍ତଙ୍କ ସହିତ ତୁମେ ବି କାଲିଠାରୁ ପାଖ ବାଳାଶ୍ରମରେ ରହିବ, ଛୋଟ ଛୁଆଙ୍କର ଜେଜେ ମା’ ହୋଇ ଯତ୍ନ ନେବ । ସେଠାରେ ତୁମର ଖାଇବା, ରହିବା, ଦେହପା’ ସବୁ ବୁଝାଯିବ।"

"ସେଇ ମା’ ଡାକ ମୋର ଏବେ ବି ମନେ ଅଛି ସୁଲି। ଦେଖିଲୁ, ମୋ ପୁଅ ଆଜି ରାଜା ହୋଇ ଫେରିଛି। ମୁଁ ତାକୁ ନିଜଠାରୁ ଦୂରେଇ ଦେଇ ବି ଗୋଟିଏ ସୁନ୍ଦର ଭବିଷ୍ୟତ ଉପହାର ଦେଇପାରିଛି।'

"ତେବେ ତୁ ତା’କୁ କିଛି କହିଲୁନାହିଁ କାହିଁକି?"

"ହଁ, ମୁଁ କହିଲେ ହୁଏତ ତା’ର ବଡ଼ପଣିଆରେ ଆଞ୍ଚ ଆସିବ। ସେ ଏବେ ଜଣେ ବଡ଼ ଅଫିସର, ତା’ର ପରିଚୟ ସମ୍ଭ୍ରାନ୍ତ। ଗୋଟିଏ ଗରିବ ଭିକାରୁଣୀର ପୁଅ ବୋଲି କାହିଁକି କେହି ତାକୁ ନାନା ପ୍ରଶ୍ନ ପଚାରିବ? ଦେଖୁନୁ ସେ କେତେ ଖୁସିଥିଲା । ସେ ତା’ର ଅଫିସ୍‌କୁ ଫେରିଗଲା। ଆଉ ସମ୍ମାନର ସହିତ ବଞ୍ଚିବା ପାଇଁ ଆମମାନଙ୍କର ବ୍ୟବସ୍ଥା ବି କରିଗଲା । ମୁଁ ତାକୁ ଚିହ୍ନି ପାରିଲି- ଆଉ କଣ ଅଧିକା ଖୁସି ଲୋଡିବି ଠାକୁରଙ୍କଠାରୁ?"

ଏତେବେଳକୁ କେତକୀ ମୁହଁରୁ ମୋ ମୁହଁକୁ ବି ସଂକ୍ରମଣ କରିସାରିଥିଲା ସେଇ ହସତକ।

+ମୋ-୯୮୬୧୩୨୩୬୫୦

# ସ୍ୱାର୍ଥପର



ବିଷ୍ଣୁ ପ୍ରସାଦ ଦାସ

ଖଣ୍ଡଗିରି ପାହାଡର ଏକ ନିର୍ଜନ ସ୍ଥାନରେ ମାଳବିକା ବସି ନିଜ ଭାବନା ରାଜ୍ୟରେ ବୁଡ଼ି ରହିଛି । ଅନେକ ପରିଦର୍ଶକଙ୍କ ଯିବା ଆସିବା ମଧ୍ୟରେ ମାଳବିକାର ଧ୍ୟାନ ଭଙ୍ଗ ହେଉ ନାହିଁ । ସତେ ଯେପରି ସେ ଏକ ପ୍ରସ୍ତର ମୂର୍ତ୍ତି ପାଲଟି ଯାଇଛି । ମସ୍ତିଷ୍କ ଭିତରେ ନିଜ ଅତୀତକୁ ତର୍ଜମା କରି ଚାଲିଛି କିନ୍ତୁ କୌଣସି କୂଳ କିନାରା ପାଉନାହିଁ । ଚକ୍ଷୁରୁ ଧାର ଧାର ଲୁହ ବୋହି ଯାଉଛି। ନିଜର ଭାଗ୍ୟ, ନିଜର ବର୍ତ୍ତମାନ୍ ଏବଂ ଭବିଷ୍ୟତ ତାକୁ ଏକ ଅଜଣା ଆଶଙ୍କା ଆଡ଼କୁ ଟାଣି ନେଉଛି । ଏଇ ଖଣ୍ଡଗିରୀ ପାହାଡ ତା ଜୀବନରେ ଏକ ଅଭୁଲା ସ୍ମୃତିକୁ ବାରମ୍ବାର ମନେ ପକାଇ ଦେଉଛି।

ଦଶ ବର୍ଷ ତଳେ ମାଳବିକା ମୟୂରଭଞ୍ଜ ଜିଲ୍ଲାର ବେତନଟୀ କଲେଜ୍‌ରୁ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ବାଣୀବିହାରରେ ଇତିହାସରେ ସ୍ନାତକୋତ୍ତର କରିବାକୁ ଆସିଥିଲା । ସେହି ବର୍ଷ ବାଣୀବିହାରର କିଛି ସାଙ୍ଗ ମାନଙ୍କ ସହିତ ପ୍ରଥମ ଥର ମାଘ ମେଳା ଦେଖିବାକୁ ଖଣ୍ଡଗିରି ଆସିଥିଲା । ଖଣ୍ଡଗିରି ଉଦୟଗିରିର ଅପୂର୍ବ କୀର୍ତ୍ତିରାଜି ଜଣେ ଇତିହାସ ଛାତ୍ରୀ କୁ ଖୁବ୍ ଆକର୍ଷିତ କରିଥିଲା। ପ୍ରତିଟି ଐତିହାସିକ କୀର୍ତ୍ତିରାଜି ମାଳବିକା ଆଖିରେ ଜୀବନ୍ତ ହୋଇ ଯାଉଥିଲା । ସତେ ଯେମିତି ସେ ସେହି ଐତିହାସିକ ଯୁଗର ଜଣେ ଚରିତ୍ର ବା ପାଷାଣକୁ ଖୋଦେଇ କରି ସୁନ୍ଦର୍ ରୂପ ଦେଉଥିବା ଜଣେ ଭାସ୍କର୍ଯ୍ୟ ଶିଳ୍ପୀ। ଅନ୍ୟ ସାଙ୍ଗ ମାନେ କିଣା କିଣି ରେ ବ୍ୟସ୍ତ ଥିବା ସମୟରେ ମାଳବିକା କେଉଁ ଏକ ଐତିହାସିକ ଯୁଗର କୁହେଳିକା ଭିତରେ ହଜି ଯାଇଥିଲା । ମାଳବିକା ଲକ୍ଷ୍ୟ କଲା ଯେ ଜଣେ ଯୁବକ ତା ସହିତ ପ୍ରତିଟି କାରୁକାର୍ଯ୍ୟ ଦେଖି ଚାଲିଛନ୍ତି, ତାଙ୍କ ଆଡ଼କୁ ନଜର ନ ଦେଇ ମାଳବିକା ଆଗକୁ ଆଗକୁ ଚାଲିଥିଲା । ମ୍ୟାଡାମ୍ ଆପଣ କଣ ଜଣେ ଐତିହାସିକ? ପ୍ରତିଟି ଶିଳାଲିପି କାରୁକାର୍ଯ୍ୟ ଆପଣ ଖୁବ୍ ନିରେଖି ଦେଖୁ ଥିବାରୁ ବାଧ ହୋଇ ପ୍ରଶ୍ନ ପଚାରିଲି । ମାଳବିକା ନିଜକୁ ବାଣୀ ବିହାରର ଜଣେ ଇତିହାସ ଛାତ୍ରୀ ବୋଲି ପରିଚୟ ଦେଇଥିଲା । ଦୁହେଁ ଦୁହିଁଙ୍କୁ ନମସ୍କାର ବିନିମୟ ପରେ ଭଦ୍ର ଲୋକ ନଜର ପରିଚୟ ଦେଇ କହିଲେ, ମୁଁ ଡ଼କ୍ଟର ମନୋରଞ୍ଜନ ସାହୁ, ସହକାରୀ ପ୍ରଫେସର ଇଂରାଜୀ ବିଭାଗ ରମାଦେବୀ ମହାବିଦ୍ୟାଳୟରେ କାର୍ଯ୍ୟରତ । ସେଦିନ ଅପରାହ୍ନର ସେହି ଛୋଟ ପରିଚୟ ଧିରେ ଧିରେ ଦୁହିଁଙ୍କୁ ଆକର୍ଷିତ କରିଥିଲା । ଦୁହିଙ୍କ ପ୍ରେମ ଛୋଟ ଚାରା ଗଛଟି ପରି ଧୀରେ ଧୀରେ କାୟା ବିସ୍ତାର କରିବାକୁ ଆରମ୍ଭ କରିଦେଲା । ଏକ ନୂତନ ବନ୍ଧୁତା ତଥା ଭବିଷ୍ୟତରେ ଦୁହେଁ ଦୁହିଁକୁ ସାରା ଜୀବନ ପାଇଁ ବାନ୍ଧି ରଖିବାର ସୁନେଲୀ ସ୍ୱପ୍ନ ରେ ଦୁହେଁ ହଜି ଯାଇଥିଲେ । ସମୟ ସହିତ ତାଳ ଦେଇ ଆତ୍ମୀୟତା ବଢ଼ି ଯାଇଥିଲା, କାମନା ବାସନା ଏବଂ ଶରୀରର ଆକର୍ଷଣ ଦୁହିଁଙ୍କୁ ସ୍ୱର୍ଗ ସୁଖ ଦେଇ ଥିଲା । ମାଳବିକା ମନୋରଞ୍ଜନ ଅନେକ ଥର ଖଣ୍ଡଗିରିର ନିର୍ଜନ ପ୍ରସ୍ତର ଉପରେ ପୂର୍ଣ୍ଣିମା ଜହ୍ନକୁ ଉପଭୋଗ କରିଛନ୍ତି । କୋଣାର୍କ ମନ୍ଦିରର କାରୁକାର୍ଯ୍ୟ ଦେଖି ପ୍ରାକ୍ ଐତିହାସିକ ଯୁଗର ପାଷାଣ ମୂର୍ତ୍ତି ଭିତରେ ନିଜକୁ ହଜାଇ ଦେଇଛନ୍ତି । ଶୀତଳ ରାତ୍ରୀରେ ଚନ୍ଦ୍ରଭାଗା ସାଗରର ଅଗଣିତ ଢେଉର ଆକର୍ଷଣରେ ପାଗଳ ପ୍ରେମୀ ଯୁଗଳ ବିଭୋର ହୋଇ ଉଠିଛନ୍ତି । ଆକାଶରେ ଜହ୍ନର ଉଜ୍ଜଳ କିରଣ, ଜଳରେ ତାର ଭାସମାନ ପ୍ରତିଫଳନ, ନରମ ଓଦା ବାଲୁକା ରାଶି ଦୁଇଜଣଙ୍କୁ କେଉଁ ଏକ ସ୍ୱପ୍ନ ରାଇଜକୁ ନେଇ ଯାଇଥିଲା । ପ୍ରେମୀ ଯୁଗଳଙ୍କ ପାଇଁ ଦୁନିଆର ଭଲ ମନ୍ଦ, ହିତାହିତ ଜ୍ଞାନ କାମନା ବାସନା ନିକଟରେ ତୁଚ୍ଛ ହୋଇ ଯାଇଥିଲା । ଅନେକ ଭଲପାଇବା ଅନେକ ଆଶା ଅନେକ ସଂକଳ୍ପ ସମୟ ସମୟରେ ଦୁଃଖର ପସରା ମେଲାଇ ଚାଲି ଆସେ ।

ଜୀବନ ଏତେ ସହଜ କିମ୍ବା ସରଳ ନୁହେଁ, ବଞ୍ଚିବାକୁ ହେଲେ ଅନେକ ସଂଗ୍ରାମ କରିବାକୁ ହୁଏ । କେତେବେଳେ ଏକୁଟିଆ ଅଥବା କେତେବେଳେ ନିଜର ଅତି ବିଶ୍ୱାସୀଙ୍କ ସହାୟତା ଦ୍ୱାରା ମୁକାବିଲା କରିବା ଜରୁରୀ ହୋଇ ପଡେ। ମନୋରଞ୍ଜନ ମାଳବିକା ପରସ୍ପର ବିବାହ ବନ୍ଧନରେ ବାନ୍ଧି ହେବାର ସମୟ ଆସି ଯାଇଥିଲା। ମାଳବିକା ପ୍ରଥମ ଶ୍ରେଣୀରେ ପାସ୍ କରି ଏକ ବେସରକାରୀ ସ୍କୁଲ୍‌ରେ ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟ ନିର୍ବାହ କରୁଛି ବିବାହ ପାଇଁ ମନୋରଞ୍ଜନ ଘରେ କେହି ଆପତ୍ତି ଉଠାଇ ନ ଥିବା ସମୟରେ ମାଳବିକାଙ୍କ ଘରେ ଅନେକ ଆପତ୍ତି ଉଠି ଥିଲା । ସେମାନେ ବ୍ରାହ୍ମଣ ପରିବାର ତେଣୁ ଅଣ ବ୍ରାହ୍ମଣ ପରିବାରରେ ବିବାହ ସମ୍ଭବ ନୁହେଁ ବୋଲି ବାପା ରୋକ୍ ଠୋକ୍ ମନା କରିଦେଲେ । ମାଳବିକା କ’ଣ କରିବ କିଛି ବୁଝି ପାରୁ ନଥିଲା, ରକ୍ତର ସମ୍ପର୍କକୁ ଦୂରେଇ ଦେବ ନା ପ୍ରେମର ସମ୍ପର୍କକୁ ଦୂରେଇ ଦେବ? ଏ ଯୁଗରେ ସମୟ ଆଉ ସମାଜ ଦୁହେଁ ବଳବାନ ବୋଲି ଧରି ନେବାକୁ ହେବ । ବାପା ମାଆଙ୍କୁ ବୁଝାଇ ଶେଷରେ ଅସଫଳ ହୋଇ ମାଳବିକା ସବୁ ରକ୍ତର ସମ୍ପର୍କ କାଟି ମନୋରଞ୍ଜନଙ୍କୁ ଭୁବନେଶ୍ୱର କୋର୍ଟରେ ବିବାହ କରିଥିଲା । ବୈବାହିକ ଜୀବନ ଖୁବ୍ ଶାନ୍ତିପୂର୍ଣ୍ଣ ଭାବେ ଚାଲୁଥିଲା, ସ୍ୱାମୀ ସ୍ତ୍ରୀ ପରସ୍ପର ସହିତ ସହଯୋଗର ହାତ ବଢ଼ାଇ ଚାଲି ଥିଲେ । ନୂତନ ଆଗନ୍ତୁକ ଆସିବାର ସୂଚନା ଦୁଇଜଣଙ୍କୁ ଆନନ୍ଦିତ କରିଥିଲା । ସମୟ ସହିତ ତାଳ ଦେଇ ମାଳବିକା ଜରାୟୁରେ ଛୋଟ ଭ୍ରୁଣଟି କାୟା ବିସ୍ତାର କରି ନିର୍ଦ୍ଦିଷ୍ଟ ସମୟରେ ଧରା ପୃଷ୍ଠକୁ ଆସିଗଲା । ପୁତ୍ର ସନ୍ତାନ ଲାଭ କରି ଦମ୍ପତ୍ତି ଅନେକ ଖୁସି ଥିଲେ। ମନୋରଞ୍ଜନ ମାଳବିକା ମିଶି ପୁତ୍ରର ନାମ ଜ୍ଞାନ ରଞ୍ଜନ ରଖିଲେ। ଦୁହେଁ ଚାକିରିଆ ତେଣୁ ଶିଶୁଟିର ଯତ୍ନ ନିମନ୍ତେ ଶାଶୁ ମା’ ଆସି ଭୁବନେଶ୍ୱର ଠାରେ ରହିଲେ । ମାଳବିକାର ପରିବାର ମାଳବିକା ସହିତ ସମ୍ପର୍କ କାଟି ଦେଇଥିଲେ, ତଥାପି ମାଳବିକା ଚିଠି ଲେଖି ପୁତ୍ର ସନ୍ତାନ ବିଷୟ ଜଣାଇ ଦେଇଥିଲା । ସେପଟୁ କୌଣସି ଉତ୍ତର ଆସି ନଥିଲା, ସେ ଜାଣେନା ହୁଏତ ଚିଠି ପହଞ୍ଚିଲା କି ନାହିଁ? କିମ୍ବା ସେମାନେ ତାଙ୍କ ଜିଦ୍‌ରେ ଅଟଳ ଥାଇ କୌଣସି ଉତ୍ତର ଦେଇ ନଥିଲେ । ସେ ଯାହା ହେଉ ମାଳବିକା ତା’ର କର୍ତ୍ତବ୍ୟ କରି ଥିଲା ।

ଜ୍ଞାନ ରଞ୍ଜନ ତିନି ବର୍ଷରେ ପହଞ୍ଚି ଗଲା, ତା’ର ଗୁଲୁ ଗୁଲିଆ କଥା ସମସ୍ତଙ୍କୁ ଆକର୍ଷଣ କରୁ ଥିଲା । ପାଖ ନର୍ସରୀ ସ୍କୁଲ୍‌ରେ ତା’ର ନାଁ ଲେଖା ମଧ ହୋଇ ଗଲା । ଇତି ମଧ୍ୟରେ ମନୋରଞ୍ଜନଙ୍କ ବଦଳି ବଲାଙ୍ଗୀର କଲେଜ୍‌କୁ ହୋଇଗଲା। ମାଳବିକାର ଚାକିରୀ, ଜ୍ଞାନ ରଞ୍ଜନର ପାଠ ପଢ଼ାକୁ ନଜରରେ ରଖି ମନୋରଞ୍ଜନ ଏକୁଟିଆ ବଲାଙ୍ଗୀର ଚାଲି ଗଲେ। ପ୍ରତି ମାସରେ ମନୋରଞ୍ଜନ ୨/୪ ଦିନ ପାଇଁ ଭୁବନେଶ୍ୱର ଆସି ମାଆ, ମାଳବିକା ଏବଂ ପୁତ୍ର ସହିତ ସମୟ ବିତାଇ ଚାଲି ଯାଉଥିଲେ । ପ୍ରାୟ ଏକ ବର୍ଷ ପର୍ଯ୍ୟନ୍ତ ସବୁ ଠିକ୍ ଠାକ୍ ଚାଲିଥିଲା । ମାଳବିକା ଅନୁଭବ କରୁଥିଲା ସତେ ଯେପରି ତାର ପରିବାରରୁ ମନୋରଞ୍ଜନ ଧିରେ ଧିରେ ଦୂରେଇ ଯାଉଛନ୍ତି । ପୂର୍ବ ପରି ପ୍ରତି ମାସରେ ନିର୍ଦ୍ଦିଷ୍ଟ ସମୟରେ କିଛି କାର୍ଯ୍ୟ ଚାପ ଦେଖାଇ ମନୋରଞ୍ଜନ ଭୁବନେଶ୍ୱର ଆସନ୍ତି ନାହିଁ । ମାସ ଶେଷରେ ଟଙ୍କା ପଠାଇ ଦେଇ ଦୁଇ ଚାରି ପଦ ଫୋନ୍ ଯୋଗେ କଥା ହୋଇ ଯାଆନ୍ତି । ନିଜ ମାଆଙ୍କ ସହିତ ମଧ୍ୟ ସେତେଟା ଯୋଗାଯୋଗ ରଖନ୍ତି ନାହିଁ । ଏହି ସବୁ ମାଳବିକା ମନରେ ଖୁବ୍ ରେଖାପାତ କରିବା ସହିତ ଏକ ଅଜଣା ଭୟକୁ ମଧ୍ୟ ଜନ୍ମ ଦେଇଥିଲା । ଆଲୋଚନା ସମାଲୋଚନା ମଧ୍ୟରେ ମାଳବିକା ମନୋରଞ୍ଜନ ଦୁହେଁ ଦୁହିଁଙ୍କୁ ବୁଝିବାରେ ହୁଏତ ଅସମର୍ଥ ଥିଲେ। ଦିନକୁ ଦିନ ମାଳବିକା ମନରେ ବଢୁଥିବା ସନ୍ଦେହ ଦିନେ ସତ୍ୟରେ ପରିଣତ ହେଲା । ବଲାଙ୍ଗୀର କଲେଜ୍‌ର ଜଣେ ସ୍ନାତକ ଛାତ୍ରୀ କଳ୍ପନା ଦାସ୍ ସହିତ ମନୋରଞ୍ଜନଙ୍କ ସମ୍ପର୍କ ଗଢ଼ି ଉଠିଥିଲା । କଳ୍ପନାକୁ ବିବାହ କରିବାର ନିଷ୍ପତ୍ତି ମନୋରଞ୍ଜନ ନେଇ ସାରିଥିଲେ । ପରିବାର ମଧ୍ୟରେ ଉଠିଥିବା ଭୟଙ୍କର ଅଶାନ୍ତି ଶେଷରେ ଭୀଷଣ ଝଡରେ ପରିଣତ ହୋଇ ତାଣ୍ଡବ ରଚିଦେଇ ଗଲା । ଅନେକ ବୁଝାସୁଝା ପରେ କୌଣସି ସମାଧାନର ବାଟ ନ ପାଇ ଦୁହେଁ ଦୁହିଁଙ୍କୁ ଆପୋଷ ଛାଡ ପତ୍ର ଦେଇ ଥିଲେ ତେବେ ସର୍ତ୍ତ ଥିଲା ଯେ, ଜ୍ଞାନ ରଞ୍ଜନ ମାଳବିକା ସହିତ ସାବାଳକ ହେବା ପର୍ଯ୍ୟନ୍ତ ରହିବ । ମାଳବିକା ନିଜ ଭାଗ୍ୟକୁ ଦୋଷ ଦେବା ଛଡ଼ା ତା’ର ଅନ୍ୟ କୌଣସ ବିକଳ୍ପ ନ ଥିଲା । ଯାହା ପାଇଁ ଘର ଦ୍ୱାର ପରିବାରର ସମସ୍ତ ରକ୍ତ ସମ୍ପର୍କ କାଟି ଚାଲି ଆସିଥିଲା ସେହି ଲୋକଟି ଛଳନା କରି ସ୍ୱାର୍ଥ ପର ପାଲଟି ଗଲା । ଅନ୍ୟ ଜଣେ ନାରୀ ପାଇଁ ନିଜ ବିବାହିତା ସ୍ତ୍ରୀ ପୁତ୍ରକୁ ଛାଡ଼ି ଚାଲିଗଲା । ମନୋରଞ୍ଜନଙ୍କ ପରିବାର ମାଳବିକାକୁ ଅନେକ ଭଲ ପାଉଥିଲେ ଏବଂ ସହଯୋଗ କରୁଥିଲେ । ନିଜ ପୁତ୍ରର କାର୍ଯ୍ୟ କଳାପ ନିମନ୍ତେ ଲଜ୍ଜିତ ହେଉଥିଲେ । ମନୋରଞ୍ଜନ ନିଜ ପରିବାର ଘର ଦ୍ୱାର ସବୁ ଛାଡ଼ି ବଲାଙ୍ଗୀରରେ କଳ୍ପନା ସହିତ ସଂସାର କରୁଛି । ସମୟ ସହିତ ତାଳ ଦେଇ ଜ୍ଞାନ ରଞ୍ଜନକୁ ୮ ବର୍ଷ ହୋଇ ଗଲାଣି । ମାଳବିକାର ସ୍ନେହ ମମତା ତଥା ପିଲାକୁ ଶୃଙ୍ଖଳିତ ଭାବେ ଦେଖା ଶୁଣା ଦ୍ୱାରା ଜ୍ଞାନ ଖୁବ୍ ସୁନ୍ଦର୍ ପାଠ ପଢୁଛି । ମଝିରେ ମଝିରେ ବାପାଙ୍କୁ ଖୋଜେ କିନ୍ତୁ ମାଳବିକା ତାକୁ ଅନ୍ୟ କଥା କହି ବୁଝାଇ ଦିଏ । ଜେଜେମା, ଜେଜେ ଯେତେବେଳେ ଆସନ୍ତି ଜ୍ଞାନକୁ ଖୁବ୍ ଆଦର କରନ୍ତି ଏବଂ ମନେ ମନେ ନିଜ ପୁଅକୁ ତାର ଅମାନବିକ କାର୍ଯ୍ୟ ନିମନ୍ତେ ଅଭିଶାପ ଦିଅନ୍ତି।

ଏହା ମଧ୍ୟରେ ମନୋରଞ୍ଜନର ଗୋଟିଏ ଝିଅ ହୋଇଯାଇଛି । କଳ୍ପନା ସହିତ ସେ ବଲାଙ୍ଗୀର ସହରରେ ଘରଟିଏ କରି ସ୍ଥାୟୀ ଭାବେ ବସ ବାସ କରୁଛି । ନିଜ ଗାଁ , ପିତା ମାତା, ସ୍ତ୍ରୀ ପିଲା ଆଜି ତାର ଅତୀତ । ସେ ଅନେକ ଦିନରୁ ଭୂଲି ଯାଇଛି ଯେ ସେ ଗୋଟିଏ ନୀରିହ ଶିଶୁ ପୁତ୍ରକୁ ତା’ର ପିତୃ ପରିଚୟରୁ ବଞ୍ଚିତ କରିଛି । ଆଲୋକର ଆଶା ଦେଖାଇ ଅନ୍ଧକାର ଭିତରେ ମାଳବିକାର ସିନ୍ଥିରୁ ସିନ୍ଦୁର କାଢି ନେଇ କଳ୍ପନାକୁ ପିନ୍ଧାଇ ଦେଇଛି । ସ୍ତ୍ରୀ ପୁତ୍ରକୁ ଛାଡ଼ି ଚାଲି ଯାଉଥିବା ସ୍ୱାର୍ଥପର ମଣିଷଟି ମନରେ ନା ଦୁଃଖ ଅଛି ନା ଅନୁତାପ ଅଛି । ଭରି ରହିଛି କେବଳ କାମନା ବାସନା ର ରାକ୍ଷସ ପ୍ରକୃତି ।

ସନ୍ଧ୍ୟା ଉପନୀତ, କୋଳାହଳ ଧିରେ ଧିରେ କମି ଗଲାଣି । ଟିକେ ଟିକେ ଥଣ୍ଡା ମଧ୍ୟ ପଡ଼ିଛି । ସିକ୍ୟୁରିଟି ଗାର୍ଡଙ୍କ ହୁଇସିଲ ଶବ୍ଦ ଜଣାଇ ଦେଉଛି ଯେ ଦର୍ଶକ ମାନେ ଏବେ ଫେରି ଆସନ୍ତୁ ଗେଟ ବନ୍ଦ୍ ହେବା ସମୟ ଉପନୀତ । ମାଳବିକା ହୁଇସିଲ୍ ଶବ୍ଦରେ ଉଠି ଧିରେ ଧିରେ ତଳକୁ ଆସି ନିଜ ଘର ଆଡେ ଚାଲିବାକୁ ଆରମ୍ଭ କରି ଦେଇଛି । ଘରେ ପୁଅ ଜେଜେମାଙ୍କ ସହିତ ଅଛି । ମାଳବିକା ମନରେ ପୁଅର ଭବିଷ୍ୟତକୁ ନେଇ ଅନେକ ପ୍ରଶ୍ନ ଅନେକ ଆଜେ ବାଜେ ଉତ୍ତର ଯାହାର ମାନେ ସେ ନିଜେ ବି ଜାଣି ପାରୁ ନଥିଲା । ଜ୍ଞାନ ରଞ୍ଜନକୁ ଯାହା ହେଲେବି ଜଣେ ମଣିଷ ପରି ମଣିଷ କରି ଗଢି ତୋଳିବାର ଶପଥ ନେଇଛି ମାଳବିକା । ଜଣେ କୃତି ଶିକ୍ଷୟିତ୍ରୀ ହିସାବରେ ତାକୁ ସମସ୍ତେ ଭଲ ପାଆନ୍ତି । ମାଳବିକାକୁ ଶାଶୁ ଶ୍ୱଶୁର ଅନେକ ଥର ପୁନଃ ବିବାହ ପାଇଁ କହିଛନ୍ତି କିନ୍ତୁ ମାଳବିକା ନମ୍ର ଭାବରେ ନିଜର ଉତ୍ତର କେବଳ ‘ନାହିଁ’ରେ ଦେଇଛି । ଅଶାନ୍ତ ମନକୁ ନିଜ ଅକ୍ତିଆର ରେ ରଖିବାକୁ ମାଳବିକା ଯୋଗ ପ୍ରାଣାୟାମ କରିବାରେ ଅଭ୍ୟସ୍ତ । ସେ ଚାହେଁ ତା’ର ପୁତ୍ର ସମାଜର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ହେଉ ଏବଂ ତା’ ପାଖରେ ମାନବୀୟ ଗୁଣ ଗୁଡ଼ିକ ଭରି ରହିଥାଉ । ସେ ନିଜ ଜୀବନର ସୁଖକୁ ଜଳାଞ୍ଜଳି ଦେଇଛି କେବଳ ନିଜ ସନ୍ତାନର ଭବିଷ୍ୟତ ପାଇଁ। ସ୍ୱାର୍ଥପର ମନୋରଞ୍ଜନଙ୍କୁ ସେ ଦେଖାଇ ଦେବାକୁ ଚାହେଁ ଯେ, ସେ ତା ବିନା ବଞ୍ଚି ପାରିବ, ନିଜ ଦାୟିତ୍ୱ ମଧ ସୂଚାରୁ ରୂପେ ସମ୍ପାଦନ କରି ପରିବ । ନାରୀ ସ୍ୱୟଂସିଦ୍ଧା, ନାରୀ ଅବଳା ନୁହେଁ କି ଦୁର୍ବଳା ନୁହେଁ, ନାରୀ ଶକ୍ତି ପୃଥିବୀର ଶ୍ରେଷ୍ଠ ଶକ୍ତି ବୋଲି ପ୍ରମାଣିତ । ମାଳବିକା ପାଇଁ ଅତୀତଠାରୁ ଭବିଷ୍ୟତ ଅନେକ ଗୁଣରେ ଏକ ଆହ୍ୱାନ ହେବାକୁ ଯାଉଛି । ସକାରାତ୍ମକ ଚିନ୍ତା ଧାରା, ଈଶ୍ୱର ବିଶ୍ୱାସ, ଶାଶୁ ଶ୍ୱଶୁରଙ୍କ ଆଶୀର୍ବାଦ ନିଶ୍ଚିତ ଭାବରେ ମାଳବିକାର ଅଧୁରା ସ୍ୱପ୍ନ ପୂରଣ କରିବ। ଜୟ ଜଗନ୍ନାଥ ।

+ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା
କଟକ- ୭୫୩୦୦୯
ମୋ: ୯୯୩୭୧୭୪୦୯୭



# ପୁରୀ ପୋଲିସ ପକ୍ଷରୁ ଦୋଳପୂର୍ଣ୍ଣିମା ଓ ହୋଲି ପାଇଁ ସମୀକ୍ଷା ବୈଠକ

ପୁରୀ, ୦୧/୩ (ନି.ପ୍ର): ପୁରୀ ଜିଲ୍ଲାରେ ଆସନ୍ତା ଦୋଳ ପୂର୍ଣ୍ଣିମା ଓ ହୋଲି ପର୍ବକୁ ଶାନ୍ତିପୂର୍ଣ୍ଣ, ସୁଶୃଙ୍ଖଳିତ ଏବଂ ସୁରକ୍ଷିତ ଭାବେ ପାଳନ କରିବା ପାଇଁ ଶନିବାର ପୁରୀ ପୋଲିସ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଏସପି ପ୍ରତୀକ ସିଂ ଅଧ୍ୟକ୍ଷତା କରିଥିଲେ । ଏଥିରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଶୀଲ ମିଶ୍ର, ଦେବୀ ପ୍ରତାପ, ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ, ସିଟି ଡିଏସପି ରଶ୍ମିରଞ୍ଜନ ମହାପାତ୍ର, ସଦର ଡିଏସପି ମାନସ ରଞ୍ଜନ ବାରିକ ସହ ସମସ୍ତ ଏସଡିପିଓ ଏବଂ ଜିଲ୍ଲାର ସମସ୍ତ ଥାନାର ଆଇଆଇସିମାନେ ଉପସ୍ଥିତ ଥିଲେ। ମିଟିଙ୍ଗରେ ଆଗାମୀ ପର୍ବ ପାଳନ ସମୟରେ ଆଇନ-ଶୃଙ୍ଖଳା ବ୍ୟବସ୍ଥାକୁ ସୁଦୃଢ଼ ରଖିବା, ସମ୍ଭାବ୍ୟ ସେନ୍ସିଟିଭ୍ ସ୍ଥାନଗୁଡ଼ିକରେ ବିଶେଷ ପୋଲିସ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା, ମଦ୍ୟପାନ, ବାଣ ଉପରେ ରୋକ ଓ ଅସାମାଜିକ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିବା ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା। ପୋଲିସ ଅଧୀକ୍ଷକ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ପର୍ବ ସମୟରେ ସାଧାରଣ ଲୋକଙ୍କ ସହ ସୁମଧୁର ବ୍ୟବହାର ରଖିବା ସହିତ ସଚେତନତା ମୂଳକ ପ୍ରଚାର କରାଯିବ। ସୋସିଆଲ୍ ମିଡିଆ ମାଧ୍ୟମରେ କୌଣସି ବିଭ୍ରାନ୍ତିକର ସୂଚନା ପ୍ରସାର ହେଲେ ତାହାକୁ ତୁରନ୍ତ ଚିହ୍ନଟ କରି ଆବଶ୍ୟକ ପ୍ରସ୍ତୁତି କରିବାକୁ କହିଥିଲେ। ସେ ଆହୁରି କହିଥିଲେ ଯେ, ଦୋଳ ପୂର୍ଣ୍ଣିମା ଓ ହୋଲି ପର୍ବ ସମୟରେ ଶାନ୍ତି ରଖିବା ପୁରୀ ପୋଲିସର ପ୍ରଥମ ପ୍ରାଥମିକତା। ଯେକୌଣସି ଅସାମାଜିକ କାର୍ଯ୍ୟକଳାପ, ଦୁଷ୍କୃତି କିମ୍ବା ଅନିୟମିତତା ପ୍ରତି ଶୂନ୍ୟ ସହନଶୀଳତା ଅନୁସରଣ କରାଯିବ। ସମସ୍ତ ଥାନାରେ ପେଟ୍ରୋଲିଂ ବୃଦ୍ଧି, ଚେକିଂ କଡ଼ାକଡ଼ି ଏବଂ ଆବଶ୍ୟକତାନୁସାରେ ବିଶେଷ ପୋଲିସ ମୁତୟନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଟ୍ରାଫିକ ବ୍ୟବସ୍ଥା ପାଇଁ ଭିନ୍ନ ଭିନ୍ନ ସ୍ଥାନରେ ପୋଲିସ କର୍ମଚାରୀ ମୁତୟନ ହେବେ ଏବଂ ସିସିଟିଭି ମାଧ୍ୟମରେ ସତର୍କ ନଜର ରଖାଯିବ। ପୁରୀ ପୋଲିସ ସମସ୍ତ ନାଗରିକଙ୍କୁ ଆହ୍ୱାନ କରୁଛି ଯେ, ସେମାନେ ଆଇନକୁ ସମ୍ମାନ କରି ଏବଂ ଦୋଳ ଓ ହୋଲି ପର୍ବ ପାଳନ କରନ୍ତୁ। କୌଣସି ଅସୁବିଧା ଦେଖାଦେଲେ ନିକଟସ୍ଥ ଥାନା କିମ୍ବା ୧୧୨ ସହ ତୁରନ୍ତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

# ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ

ବଲାଙ୍ଗୀର, ୦୧/୩ (ନି.ପ୍ର): ସ୍ଥାନୀୟ ଗାନ୍ଧୀନଗର ପଡା ସ୍ଥିତ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମହାନ ବିଜ୍ଞାନୀ ସି.ଭି.ରମଣଙ୍କ ପ୍ରଭାବ ଆବିଷ୍କାର କୁ ସ୍ମରଣ କରି ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସେବାଶ୍ରୀ ଭୋଇଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ-୨୦୨୬ ର ଜାତୀୟ ବିଜ୍ଞାନ ଦିବସ ର ବିଷୟ 'ବିଜ୍ଞାନରେ ମହିଳା:ବିକଶିତ ଭାରତର ଅନୁପ୍ରେରକ' ଯାହାର ମୂଳ ଉଦ୍ଦେଶ୍ୟ ହେଉଛି ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ପ୍ରାପ୍ତି ପାଇଁ ମହିଳା ବୈଜ୍ଞାନିକଙ୍କ ଯୋଗଦାନ କୁ ଉତ୍ସାହିତ କରିବା ସେ ଉପରେ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷୟତ୍ରୀ ଜ୍ୟୋତିର୍ମୟୀ ପୃଷ୍ଟିହାରୀ ଓ ନୂତନ ନାୟକ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନ ଶିକ୍ଷୟତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରା ନିଜ ବକ୍ତବ୍ୟରେ ରମଣ ପ୍ରଭାବ ବିଷୟରେ ଛାତ୍ରୀମାନଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଛାତ୍ରୀ ଦମୟନ୍ତୀ ଖୁଆସ,ସ୍ମୃତି ଶିଖା କୁମ୍ଭାର ଓ ମାନସୀ ରାଣୀ ଦାଶ ସି.ଭି.ରମଣଙ୍କ ଜୀବନୀ ତଥା ବିଜ୍ଞାନ ଦିବସର ଅନୁଚିନ୍ତା ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆୟୋଜିତ କୁଇଜ କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷୟତ୍ରୀ ଧାରାଶ୍ରୀ ଧୀମୟୀ ବେହେରା, ସୋମନାଞ୍ଜଳୀ ସାହୁ ପରିଚାଳନା କରିଥିଲେ। କୃତୀ ଛାତ୍ରୀ ଅର୍ଚ୍ଚନା ବେହେରା, ସ୍ମୃତି ଶିଖା କୁମ୍ଭାର, ରୁଚିକା ସାଏ, ମାନସୀ ରାଣୀ ଦାଶ, ଦମୟନ୍ତୀ ଖୁଆସ, ଅଙ୍କିତା ନାଏକ, ସ୍ମୃତିପ୍ରିୟା ସାହୁ, ଅମନଲାଲ ଶତପଥି, ଶ୍ୟାମ କୁଶୁଲିଆ, ରୁପାଲୀ ମଧୁସ୍ମିତା ମହାଲିଙ୍ଗଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜ୍ଞାନ ଶିକ୍ଷୟତ୍ରୀ ପ୍ରିୟମ୍ବଦା ଦେବ, ସବିତା ମିଶ୍ର, ସ୍ୱରୂପା ହୋତା, ଜସ୍ମିନ ସାହୁ, ଲିଲି ଭୋଇ, ପୂଜା ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ଜାତୀୟ ବିଜ୍ଞାନ ଦିବସ ପାଳିତ

ବଲାଙ୍ଗିର, ୦୧/୩ (ନି.ପ୍ର): ଆଜି ପଂଚାୟତ ଉଚ୍ଚ ବିଦ୍ୟାଳୟ, ବନ୍ଧପଡ଼ାର ରମଣ ଭିପନେଟ ସକ୍ଷଇନ୍ସ କ୍ଲବ ତରଫରୁ ଜାତୀୟ ବିଜ୍ଞାନ ଦିବସ ପାଳନ ହୋଇଯାଇଛି । ଶିକ୍ଷୟତ୍ରୀ ଅପର୍ଣ୍ଣା ପଟେଲଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ଆନନ୍ଦ ବଡ଼ପଣ୍ଡା ଅଧ୍ୟକ୍ଷତା କରିଥିଲେ । ଶିକ୍ଷୟିତ୍ରୀ ଅପର୍ଣ୍ଣା ପଟେଲ ସାର ସି.ଭି.ରମନଙ୍କ ଜୀବନୀ ଓ ରମଣ ପ୍ରଭାବ ବିଷୟରେ ଆଲୋକପାତ କରିଥିଲେ । ଶ୍ରୀ ବଡ଼ପଣ୍ଡା ଏହି ଦିବସ ଅବସରରେ ବିଜ୍ଞାନକୁ ଲୋକପ୍ରିୟ କରିବା ଓ ବିଜ୍ଞାନର ଉପକାର ଉପରେ ଛାତ୍ର ଛତ୍ରୀମାଙ୍କୁ ଦିଗଦର୍ଶନ ଦେଇଥିଲେ କ୍ଷ ପୁଣି ଏ ବର୍ଷର ମୁଖ୍ୟ ବିଷୟ-'ବିଜ୍ଞାନରେ ମହିଳା : ବିକଶିତ ଭାରତର ଉତପ୍ରେରକ 'ବିଷୟରେ ବକ୍ତବ୍ୟ ରଖିଥିଲେ ।

# ନନ୍-କ୍ୟାଡର ପବ୍ଲିକ୍ ପ୍ରୋସିକ୍ୟୁଟରମାନଙ୍କ ପାଇଁ ଇଣ୍ଡକ୍ସନ୍ ଓ ରିଫ୍ରେଶର୍ ଟ୍ରେନିଂ ପ୍ରୋଗ୍ରାମ୍ ଆରମ୍ଭ

ପୁରୀ, ୦୧/୩ (ନି.ପ୍ର): ପୁରୀ ଜିଲ୍ଲାରେ ନନ୍-କ୍ୟାଡର ପବ୍ଲିକ୍ ପ୍ରୋସିକ୍ୟୁଟରମାନଙ୍କ ପାଇଁ ଦୁଇ ଦିନିଆ ଇଣ୍ଡକ୍ସନ୍ ଓ ରିଫ୍ରେଶର୍ ଟ୍ରେନିଂ ପ୍ରୋଗ୍ରାମ୍ ଶନିବାର ସଦ୍ଭାବନା ସଭାଗୃହ ଠାରେ ଆରମ୍ଭ ହୋଇଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମଟି ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶନାୟ ଏବଂ ଅଫିସ ଅଫ ଦ ଡିରେକ୍ଟର ଅଫ ପବ୍ଲିକ ପ୍ରୋସ୍‌ୟୁକସନ ଓଡ଼ିଶାଙ୍କ ସମନ୍ୱୟରେ ଆୟୋଜିତ ହୋଇଛି । ଏହି ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୨୮.୦୨.୨୦୨୬ ଓ ୦୧.୦୩.୨୦୨୬ ର ଉଦ୍ଦେଶ୍ୟ ହେଉଛି ନନ୍-କ୍ୟାଡର ପବ୍ଲିକ୍ ପ୍ରୋସିକ୍ୟୁଟରମାନଙ୍କ ବୃତିଗତ କୌଶଳକୁ ଆରୋହିତ କରିବା, ନ୍ୟାୟ ପ୍ରକ୍ରିୟାର ଗୁଣତ୍ୱ ବୃଦ୍ଧି କରିବା ଓ ଅଭିଯୋଗ ପକ୍ଷର କାର୍ଯ୍ୟକ୍ଷମତାକୁ ସୁଦୃଢ଼ କରିବା । ବିଶେଷ କରି ଅପରାଧିକ ମାମଲାରେ ଦଣ୍ଡାଦେଶ କନଭେନସନ ହାର ବୃଦ୍ଧି ପାଇଁ ଆବଶ୍ୟକ ଆଇନ ଜ୍ଞାନ, ପ୍ରକ୍ରିୟାତ୍ମକ ପାରଦର୍ଶିତା ଓ ମାମଲା ପରିଚାଳନା କୌଶଳରେ ଗୁରୁତ୍ୱ ଦିଆଯାଉଛି । ଆଜିର ଅଧିବେଶନରେ ପୁରୀ ଏସପି ପ୍ରତୀକ ସିଂହ ଏଥିରେ ଅଧ୍ୟକ୍ଷତା କରିଥିଲେ । ତାଙ୍କ ଉଦବୋଧନରେ ସେ କହିଥିଲେ ଯେ, ଅପରାଧିକ ନ୍ୟାୟ ବ୍ୟବସ୍ଥାରେ ପୁଲିସ ଓ ପ୍ରୋସିକ୍ୟୁସନ୍ ମଧ୍ୟରେ ସମନ୍ୱୟ ଅତ୍ୟନ୍ତ ଆବଶ୍ୟକ । ତଦନ୍ତର ଗୁଣତ୍ୱ, ସାକ୍ଷ୍ୟ ସଂଗ୍ରହ, ଆଇନଗତ ପରାମର୍ଶ ଓ ଆଦାଲତରେ ପ୍ରଭାବଶାଳୀ ଯୁକ୍ତିପ୍ରତିଯୁକ୍ତି ପ୍ରସ୍ତୁତି ଦ୍ୱାରା ମାମଲାର ସଫଳ ପରିଚାଳନା ସମ୍ଭବ । ସେ ଆହୁରି କହିଥିଲେ ଯେ, ପ୍ରଶିକ୍ଷଣ ମାଧ୍ୟମରେ ନୂତନ ଆଇନ ସଂଶୋଧନ, ନ୍ୟାୟାଳୟର ନିର୍ଦ୍ଦେଶନାମା ଓ ପ୍ରାୟୋଗିକ ଅନୁଭବ ବିନିମୟ ହେବାରେ ସମସ୍ତଙ୍କ ପାଇଁ ଉପକୃତ ହେବ । ପ୍ରଥମ ଦିନର ଅଧିବେଶନରେ ସାରଗର୍ଭିତ ଆଇନ, ପ୍ରକ୍ରିୟାତ୍ମକ ଦିଗ ଓ କାର୍ଯ୍ୟକ୍ଷମ ଟ୍ରାଏଲ୍ ମ୍ୟାନେଜମେଣ୍ଟ ବିଷୟରେ ଆଲୋଚନା କରାଯାଇଥିଲା । ମାମଲା ରଜୁ କରିବାରୁ ଆରମ୍ଭ କରି ଚାର୍ଜଶିଟ୍ ପ୍ରସ୍ତୁତି, ସାକ୍ଷୀ ପରିଚାଳନା, ଆଦାଲତରେ ଦଲିଲ ପ୍ରଦାନ ଓ ବିଚାର ପ୍ରକ୍ରିୟାର ମୂଳ ଦିଗ ସମ୍ବନ୍ଧରେ ଖୁବ ବିସ୍ତୃତ ଭାବେ ଅଲୋଚନା ହୋଇଥିଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଭିନ୍ନ ଆଇନ ବିଶେଷଜ୍ଞ, ବରିଷ୍ଠ ଅଭିଯୋଗକାରୀ ଓ ଅନୁଭବୀ ଅଧିକାରୀମାନେ ତାଙ୍କ ଅନୁଭବ ଓ ଜ୍ଞାନ ଅଂଶୀଦାର କରିଥିଲେ । ନୂତନ ଆପରାଧିକ ଆଇନ, ସାକ୍ଷ୍ୟ ଆଇନର ପ୍ରୟୋଗ, ଡିଜିଟାଲ୍ ସାକ୍ଷ୍ୟର ବୈଧତା, ସେନ୍ସିଟିଭ୍ ମାମଲାର ପରିଚାଳନା ଓ ଆଦାଲତୀୟ ପ୍ରକ୍ରିୟାର ଆଧୁନିକ ପଦ୍ଧତି ବିଷୟରେ ଗଭୀର ଆଲୋଚନା ହୋଇଥିଲା । ଏହି ପ୍ରଶିକ୍ଷଣ ମାଧ୍ୟମରେ ପୁଲିସ ଓ ପ୍ରୋସିକ୍ୟୁସନ୍ ମଧ୍ୟରେ ଆପୋଷ ସମନ୍ୱୟ ବୃଦ୍ଧି ପାଇବା ସହିତ ମାମଲା ପରିଚାଳନାରେ ଗୁଣାତ୍ମକ ପରିବର୍ତ୍ତନ ଆସିବ । ଏହା ଅପରାଧ ନିରୋଧ, ନ୍ୟାୟ ପ୍ରଦାନ ପ୍ରକ୍ରିୟାର ତ୍ୱରାନ୍ୱିତିକରଣ ଓ ଦଣ୍ଡାଦେଶ ହାର ବୃଦ୍ଧିରେ ମୁଖ୍ୟ ଭୂମିକା ନିଭାଇବ ବୋଲି ଆଶା କରାଯାଉଛି । ପୁରୀ ପୁଲିସ ସଦା ସର୍ବଦା ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ଲୋକମାନଙ୍କ ଭରସା ଅତୁଟ ରଖିବା ପାଇଁ ପ୍ରତିବଦ୍ଧ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

# ଚିତ୍ରକୋଣ୍ଡା ବ୍ଲକରେ ଆବାସ ଯୋଜନା ପାଲଟିଛି ପ୍ରହସନ

ମାଲକାନଗିରି, ୦୧/୩ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକରେ ଆବାସ ଯୋଜନା ସାତ ସପନ । କେଉଁଠି ଘର ନିର୍ମାଣ ସରିଛି, ହେଲେ ଏପର୍ଯ୍ୟନ୍ତ ହିତାଧିକାରୀଙ୍କୁ ହସ୍ତାନ୍ତର ହୋଇନି, ଆଉ କେଉଁଠି ମୂଳରୁ କାମ ଆରମ୍ଭ ହୋଇନାହିଁ । ଫଳରେ ଅନେକ ଅଭାବୀ ପରିବାର ଆଜି ବି ଦଦରା ଘରେ ପିଲାଛୁଆଙ୍କୁ ଧରି ମୁଣ୍ଡ ଗୁଞ୍ଜିଛନ୍ତି । ବର୍ଷ ବର୍ଷର ଅପେକ୍ଷା ପରେ ବି ଆବାସ ତାଲିକାରେ ସାମିଲ ହୋଇପାରୁନାହାନ୍ତି । ସେପଟେ ବ୍ଲକ ପ୍ରଶାସନ କହୁଛି, ଆବାସରେ ରହିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି ହିତାଧିକାରୀ । ପକ୍କାଘର କାର୍ଯ୍ୟାଦେଶ ମିଳିଛି, ଘର ନିର୍ମାଣ ସରିଛି, ହେଲେ ହିତାଧିକାରୀଙ୍କୁ ମିଳିନାହିଁ । ଅନ୍ୟପଟେ ନିର୍ମାଣ ସରିଥିବା ଆବାସ ଗୃହ ଏବେ ବଣ ଜଙ୍ଗଲ ପାଲଟିଛି । ଚିତ୍ରକୋଣ୍ଡା ବ୍ଲକ ସଦର ମହକୁମା ନିକଟରେ ଥିବା ଶ୍ରୀହରି କଲୋନୀ ଠାରେ ନିର୍ମାଣ କରାଯାଇଥିବା ଆବାସ ଗୃହ ବିକାଶର ଅସଲ ଚିତ୍ର ବୟାନ କରୁଛି । ପାଂଚ ବର୍ଷ ତଳୁ ପକ୍କାଘର ନିର୍ମାଣ ସାରିଛି ଚିତ୍ରକୋଣ୍ଡା ବ୍ଲକ ପ୍ରଶାସନ । ହେଲେ ଆଜି ପର୍ଯ୍ୟନ୍ତ ହିତାଧିକାରୀଙ୍କୁ ଘର ହସ୍ତାନ୍ତର ହୋଇ ପାରିଲା ନାହିଁ । ୧୦ରୁ ୧୫ ହିତାଧିକାରୀଙ୍କ ଲାଗି ଆସିଥିବା ଘରର ଅବସ୍ଥା ନକହିବା ଭଲ । କେଉଁଠି ଝରକା ଭାଙ୍ଗି ଗଲାଣି ତ ଆଉ କେଉଁଠି କବାଟ ନାହିଁ । ଘରର ଚାରିପଟେ ଜଙ୍ଗଲ ପରିବେଶ ସୃଷ୍ଟି ହେଲାଣି, ଆଉ ଏହାର ସୁଯୋଗ ନେଇ ଆଡ୍ଡା ଜମାଇଲେଣି ଅସାମାଜିକ ବ୍ୟକ୍ତି ।

ପକ୍କାଘର ଅପେକ୍ଷାରେ ଥିବା ଚିତ୍ରକୋଣ୍ଡା ପଂଚାୟତ ସ୍ଥିତ ଶ୍ରୀହରି କୋଲନୀର ଦେବକୀ ସାଗର । ସ୍ୱାମୀ-ସ୍ତ୍ରୀ ମୁଲ ଲାଗିଲେ ଘର ଚଳେ । ଦିନେ କାମ ନକଲେ ଉପାସ ରହୁଥିବା ପରିବାର, ନିଜ ସମ୍ବଳରେ ପକ୍କାଘର କରିବାକୁ ସାହାସ ଜୁଟେଇ ପାରୁନାହିଁ । ତେଣୁ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି । ଆବାସ ଘରଟିଏ ପାଇଁ ବାରମ୍ବାର ପଞ୍ଚାୟତଠୁ ବ୍ଲକ କାର୍ଯ୍ୟାଳୟ ଧାଇଁଛନ୍ତି, ଆବେଦନ ବି କରିଛନ୍ତି । ହେଲେ ଆବାସ ହିତାଧିକାରୀ ତାଲିକାରେ ଯୋଡ଼ି ହୋଇପାରିନାହିଁ ତାଙ୍କ ନା । କେବଳ ଦେବକୀ ନୁହନ୍ତି, ଅନେକ ପରିବାର ଘର ଅପେକ୍ଷାରେ ଅଛନ୍ତି, ତଥ୍ୟ ଅନୁଯାୟୀ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ୧୮ଟି ପଂଚାୟତ ପାଇଁ ୨୦୨୧-୨୨ ଓ ୨୪-୨୫ ଆର୍ଥିକ ବର୍ଷରେ ୧୨୬୭ଟି ପ୍ରଧାନମନ୍ତ୍ରୀ ଆବାସ ଆସିଥିଲା । ନିର୍ମାଣ ହୋଇଛି ୫୬୨ ଘର, ୭୦୫ଟି ଘର ଅସମ୍ପୂର୍ଣ୍ଣ । ସେହିଭଳି ୨୦୨୪-୨୫ ଓ ୨୫-୨୬ ଆର୍ଥିକ ବର୍ଷରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆସିଛି ୫୯୪ ଘରଏବେ ସୁଦ୍ଧା ମାତ୍ର ୨୪ଟି ଘର ସମ୍ପୂର୍ଣ୍ଣ ହୋଇଛି । ଯାହା ଏବେ ଚିତ୍ରକୋଣ୍ଡା ବ୍ଲକର ଆବାସ ଯୋଜନା ବଂଟନରେ ଅବ୍ୟବସ୍ଥାକୁ ପଦାରେ ପକାଇଛି ।

ଆବାସ ସଂପର୍କରେ ଚିତ୍ରକୋଣ୍ଡା ବିଡିଓ କହିଛନ୍ତି, ନିର୍ମାଣ ହୋଇଥିବା ଘରେ ରହିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି ହିତାଧିକାରୀ । ଆଉ ଯେଉଁ ସବୁ ଆବାସ ଗୃହ ନୂତନ ଭାବରେ ଦିଆଯାଇଛି ତାହା ତୁରନ୍ତ ସମ୍ପୂର୍ଣ ହେବ । ତେବେ ଦେଖିବାକୁ ବାକି ରହିଲା କେବେ ଆବାସ ଯୋଗାଇବାରେ ସଫଳ ହେଉଛି ବ୍ଲକ ପ୍ରଶାସନ ।

# ବୈଜ୍ଞାନିକ ଓ ଉଦ୍ଭାବନାତ୍ମକ ଚିନ୍ତାଧାରା ମାଧ୍ୟମରେ କୋରାପୁଟ ଅଂଚଳ ଏବଂ ଭାରତର ବିକାଶ ସମ୍ଭବ : ଅମୁଜୁରୀ ବିଶ୍ୱନାଥ

ଜୟପୁର, ୦୧/୩ (ନି.ପ୍ର): ଭାରତୀୟ ବୈଜ୍ଞାନିକ ଭାରତରତ୍ନ ସାର୍ ଚନ୍ଦ୍ରଶେଖର ଭେଙ୍କଟରମଣ ୧୯୨୮ ମସିହାରେ ରମଣ ପ୍ରଭାବ ଆବିଷ୍କାର କରିଥିଲେ, ଯାହା ପାଇଁ ୧୯୩୦ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିଲେ। ଏହି ସଫଳତାକୁ ସ୍ୱୀକୃତି ଦେଇ ୨୮ ଫେବୃଆରୀରେ ସାରା ଭାରତରେ ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଏ। ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ଜାତୀୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଯୋଗାଯୋଗ ପରିଷଦ (ଏନ୍.ସି.ଏସ୍.ଟି.ସି.) ଦେଶରେ ଜାତୀୟ ବିଜ୍ଞାନ ଦିବସ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲା। ୨୦୨୬ ବର୍ଷ ନିମନ୍ତେ 'ବିଜ୍ଞାନରେ ମହିଳା: ଏକ ବିକଶିତ ଭାରତକୁ ପ୍ରୋତ୍ସାହିତ କରିବା' ବିଷୟବସ୍ତୁ ବିକଶିତ ଭାରତ ନିର୍ମାଣରେ ମହିଳା ବୈଜ୍ଞାନିକ ଏବଂ ଉଦ୍ଭାବକଙ୍କ ଅବଦାନକୁ ଗୁରୁତ୍ୱ ଦିଏ। ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ଭାରତୀୟ ଜାତୀୟ ବିଜ୍ଞାନ ସଂସ୍ଥା ଆଜୀବନ ସଦସ୍ୟ ଏବଂ କୋଟପାଡ଼ର ଶିକ୍ଷାବିତ୍ ତଥା ବୈଜ୍ଞାନିକ ଅମୁଜୁରୀ ବିଶ୍ୱନାଥ କହିଛନ୍ତି ଯେ, ଏହି ବର୍ଷର ବିଷୟବସ୍ତୁ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ଏବଂ ବୈଜ୍ଞାନିକ ଗବେଷଣାରେ ମହିଳାମାନଙ୍କର ଅଂଶଗ୍ରହଣ ବୃଦ୍ଧି କରିବା ପାଇଁ ଚୟନ କରାଯାଇଅଛି। ଭାରତ ତଥା ଓଡ଼ିଶା ନବସୃଜନ ଏବଂ ଷ୍ଟେମ୍ (ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ) କ୍ଷେତ୍ରରେ ସେମାନଙ୍କର ପ୍ରୟାସକୁ ସ୍ୱୀକୃତି ଦେଇଛି। ଜାତୀୟ ବିଜ୍ଞାନ ଦିବସରୁ ପ୍ରେରଣା ନେଇ, ଦୈନନ୍ଦିନ ଜୀବନରେ ବିଜ୍ଞାନର ଗୁରୁତ୍ୱ ବିଷୟରେ ବାର୍ତ୍ତା ପ୍ରସାର କରିବା ଏବଂ ଅନ୍ଧବିଶ୍ୱାସ ଦୂର କରିବା ଏହାର ଲକ୍ଷ୍ୟ ଅଟେ।

ଷ୍ଟେମ୍ ବିଶେଷଜ୍ଞ ଅମୁଜୁରୀ ବିଶ୍ୱନାଥ ପ୍ରକାଶ କରିଛନ୍ତି ଯେ, କୋଟପାଡ଼ ତଥା କୋରାପୁଟ ଅଂଚଳରେ ମାନବ କଲ୍ୟାଣ ଏବଂ ପରିବେଶ ସନ୍ତୁଳନ ପାଇଁ ବିଜ୍ଞାନ କ୍ଷେତ୍ରରେ ସମସ୍ତ କାର୍ଯ୍ୟକଳାପ, ପ୍ରୟାସ ଏବଂ ସଫଳତାର ଅତ୍ୟାବଶ୍ୟକ ରହିଛି। ଭାରତ ସରକାରଙ୍କ ନୀତି ଆୟୋଗର ମହତ୍ୱାକାଂକ୍ଷୀ ଅବିଭକ୍ତ କୋରାପୁଟ ଅଂଚଳ (କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଏବଂ ରାୟଗଡ଼ା ଜିଲ୍ଲା) ବିଜ୍ଞାନ କ୍ଷେତ୍ରର ବିକାଶ ପାଇଁ ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ଏବଂ ନୂତନ ପ୍ରଯୁକ୍ତିବିଦ୍ୟା କାର୍ଯ୍ୟକାରୀ କରିବା ପାଇଁ ସମ୍ପୃକ୍ତ ସମସ୍ତଙ୍କ ପ୍ରୟାସ ଆବଶ୍ୟକ କରେ। ଭାରତ ବୈଜ୍ଞାନିକ ମାନସିକତା ଥିବା ନାଗରିକମାନଙ୍କୁ ସୁଯୋଗ ପ୍ରଦାନ କରିବା, ସେମାନଙ୍କୁ ଉତ୍ସାହିତ କରିବା ଏବଂ ସମସ୍ତଙ୍କ ଜୀବନର ଏକ ଅଂଶ ଭାବରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରିବା ଉଚିତ। ଦେଶ ଏବଂ ରାଜ୍ୟର ବିଭିନ୍ନ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ, ଗବେଷଣା ପ୍ରତିଷ୍ଠାନ, ବିଜ୍ଞାନ କେନ୍ଦ୍ର ଏବଂ ସାମାଜିକ ସଂଗଠନଗୁଡ଼ିକ ଲୋକଙ୍କ ଅବଦାନକୁ ପାଳନ କରିବା ଏବଂ ଭବିଷ୍ୟତ ପିଢ଼ିର ବୈଜ୍ଞାନିକମାନଙ୍କୁ ପ୍ରେରଣା ଦେବା ପାଇଁ ତୃଣମୂଳ ସ୍ତରରେ ବିଜ୍ଞାନ ପ୍ରଦର୍ଶନୀ, କର୍ମଶାଳା, ପ୍ରତିଯୋଗିତା ଏବଂ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ଉଚିତ। ତେବେ ହିଁ ବିକଶିତ ଭାରତ ଏବଂ ବିକଶିତ ଓଡ଼ିଶା ସହ ବିକଶିତ ଅବିଭକ୍ତ କୋରାପୁଟ ଅଂଚଳ ଏବଂ ବିକଶିତ କୋଟପାଡ଼ ପ୍ରକୃତରେ ସମ୍ଭବ ହେବ।

# ବଲାଙ୍ଗୀର ଜିଲ୍ଲା ବିଜେପି ତରଫରୁ ଜିଲ୍ଲା ଯୋଜନା ବୈଠକ ଅନୁଷ୍ଠିତ

ବଲାଙ୍ଗିର, ୦୧/୩ (ନି.ପ୍ର): ଆଜି ବଲାଙ୍ଗୀର ଜିଲ୍ଲା ଭାରତୀୟ ଜନତା ପାର୍ଟି ତରଫରୁ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ (ଜିଲ୍ଲା ଯୋଜନା ବୈଠକ ) କାର୍ଯ୍ୟକ୍ରମ ଜିଲ୍ଲା ବିଜେପି କାର୍ଯ୍ୟଳୟ ପଥରଚେପା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ସିମାଚଂଳ ଖଟେଇ, ଜିଲ୍ଲା ବିଜେପି ସଭାପତି ଶ୍ରୀବତ୍ସ ବେହେରା, ରାଜ୍ୟ ବିଜେପି ଉପସଭାପତି ଶିବାଜୀ ମହାନ୍ତି, ଜିଲ୍ଲା ବିଜେପି ବିଧାନସଭା ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ ଓ ଦେବଜ୍ୟୋତି ମୁଣ୍ଡ ମଂଚରେ ଉପସ୍ଥିତ ଥିଲେ। ଜିଲ୍ଲା ବିଜେପିର ସମସ୍ତ ମଣ୍ଡଳ ସଭାପତି ଓ ବରିଷ୍ଠ କାର୍ଯ୍ୟକର୍ତା ମାନେ ଉପସ୍ଥିତ ଥିଲେ। ମହିଳା ମୋର୍ଚ୍ଚା ସଭାପତି ଓ ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତା ମାନେ ବିଜେପିର ବରିଷ୍ଠ କାର୍ଯ୍ୟକର୍ତା ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ମହାଅଭିଯାନ । ଭାରତୀୟ ଜନତା ପାର୍ଟି ତରଫରୁ ବିଜେପି କାର୍ଯ୍ୟକର୍ତା ମାନଙ୍କୁ ସମସ୍ତ ବିଷୟରେ ଯେମିତି ଜିଲ୍ଲାର ସମସ୍ତ ବ୍ଲକ ସ୍ତରୀୟ ଓ ପଂଚାୟତ ସ୍ତରୀୟ ବୁଥ ସ୍ତରୀୟ, ମଣ୍ଡଳ ସ୍ତରୀୟ ବିଜେପି କର୍ମୀ ମାନଙ୍କୁ ନେଇ ପ୍ରଶିକ୍ଷଣ ଦିଆଯିବ। ଏହି କାର୍ଯ୍ୟକ୍ରମର ନାମ ଦିଆଯାଇଛି ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ।

ଆଜିର ଏହି କାର୍ଯ୍ୟକ୍ରମରେ ପ୍ରଥମେ ବନ୍ଦେ ମାତରଂ ଗାନ କରାଯାଇଥିଲା ଓ ଜିଲ୍ଲା ଯୋଜନା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶହ ଶହ ସଂଖ୍ୟାରେ ବିଜେପି କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

# ଜଳ, ଜଙ୍ଗଲ, ଜମି, ଜୀବିକା ଏବଂ ବୈତରଣୀ ନଦୀର ସୁରକ୍ଷା ଦାବି କଲା ଲୋକଶକ୍ତି ଅଭିଯାନ

କେନ୍ଦୁଝର, ୦୧/୩ (ନି.ପ୍ର): ଆମ ରାଜ୍ୟରେ ଦୁଇ ବର୍ଷ ତଳେ ନବଗଠିତ ଡବଲ ଇଞ୍ଜିନ ସରକାରର ବହୁ ପ୍ରଚାରିତ ସ୍ଲୋଗାନ ହେଉଛି ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା । ଏହାର ପୂର୍ବବର୍ତୀ ଦୀର୍ଘ ୨୪ ବର୍ଷର ସରକାର ଦ୍ରୁତ ଶିଳ୍ପାୟନର ଦ୍ୱାହି ଦେଇ ଯେଉଁ ବିକାଶଧାରା ଚଳେଇଥିଲେ, ବର୍ତମାନ ସରକାର ସେହି ଧାରାକୁ ଅଧିକ ତୀବ୍ରତର କରିବା ପାଇଁ ବଦ୍ଧପରିକର। ପ୍ରଚଳିତ ବିକାଶଧାରାର ମୂଳମନ୍ତ୍ର ହେଉଛି ମାଟିତଳେ ଥିବା ପ୍ରାକୃତିକ ଖଣିଜସମ୍ପଦକୁ ଅବିଚାରିତ ଦୋହନ କରିବା, ମୁଖ୍ୟତଃ ରପ୍ତାନିଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରିବା। ୩୦ବର୍ଷ ତଳେ ଆମ ଦେଶରେ ଯେଉଁ ନବ-ଉଦାରବାଦୀ ଯୁଗ ଆରମ୍ଭ ହେଲା, ଘରୋଇ ଦେଶୀ ବିଦେଶୀ କମ୍ପାନୀମାନଙ୍କୁ ଖଣି ଖାଦାନ ଟେକି ଦେବାର ନୀତି ସହ ଏହି ବିକାଶ ଧାରା ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି ହୋଇଥିଲା। ଏହି ବିକାଶଧାରାର ଫଳସ୍ୱରୂପ ରାଜ୍ୟର ବାର୍ଷିକ ବଜେଟ୍ ରେ ଖଣି ରାଜସ୍ୱର ମାତ୍ରା ବହୁଗୁଣିତ ହୋଇଛି ସତ, ମାତ୍ର ଆମ ରାଜ୍ୟ ଆଜି ବି ତଳଆଡୁ ଦ୍ୱିତୀୟ ଦରିଦ୍ରତମ ରାଜ୍ୟର କଳଙ୍କ ବୋହି ଚାଲିଛି ବୋଲି ଅଭିଯୋଗ କରିଛନ୍ତି ଲୋକଶକ୍ତି ଅଭିଯାନର ଅଧ୍ୟକ୍ଷ ପ୍ରଫୁଲ୍ଲ ପ୍ରଫୁଲ୍ଲ ସାମନ୍ତରା । ଏନେଇ ଆଜି ଲୋକ ଅଧିକାର ଯାତ୍ରାର ଏକ ଆଲୋଚନାଚକ୍ର ଓ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ନଗର ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ସଂଗଠନ ପକ୍ଷରୁ ବିଭିନ୍ନ ଦାବୀ କରାଯାଇଥିଲା। ସେଥି ମଧ୍ୟରୁ ରାଜ୍ୟର ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ସଂରକ୍ଷଣ ପାଇଁ ଅବିଚାରିତ, ଅବୈଜ୍ଞାନିକ, ଅତ୍ୟଧିକ ଖଣି ଖନନକୁ ନିଷେଧ କରାଯାଉ । ଭବିଷ୍ୟତ ପିଢ଼ି ଓ ବର୍ତମାନର ସର୍ବସାଧାରଣଙ୍କ ମୌଳିକ ଆବଶ୍ୟକତା ପାଇଁ ସୀମିତ ପ୍ରାକୃତିକ ସମ୍ପଦକୁ ବ୍ୟବହାର କରାଯାଉ। କୃଷିଜାତ, ଜଙ୍ଗଲଜାତ ଓ ସାମୁଦ୍ରିକ ଉତ୍ପାଦନ କେନ୍ଦ୍ରିତ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପାୟନ ପାଇଁ ନୀତି ଓ ଯୋଜନା ପ୍ରଣୟନ କରାଯାଉ। ଇସ୍ପାତ, ଆଲୁମିନିୟମ ତଥା ଅନ୍ୟାନ୍ୟ ଶିଳ୍ପଜାତ ପଦାର୍ଥକୁ ବ୍ୟବହାର କରି Intermediatary Industry ବା 'ଫିନିସଡ୍ ଗୁଡ୍' ପ୍ରସ୍ତୁତ କରିବା ଶିଳ୍ପ ପ୍ରତିଷ୍ଠା କରାଯାଉ । ଏହି ବିକଳ୍ପ ଶିଳ୍ପାୟନଦ୍ୱାରା ଅଧିକ ନିଯୁକ୍ତି ସୃଷ୍ଟି ହୋଇପାରିବ। କୃଷିକୁ ଗୁରୁତ୍ୱ ଦେଇ କୃଷିଜାତ ଶସ୍ୟର ଉଚିତ୍ ମୂଲ୍ୟପାଇଁ ଆଇନ ପ୍ରଣୟନ ହେଉ । ଜବରଦସ୍ତ ଜମି ଓ ଜଙ୍ଗଲ ଅଧିଗ୍ରହଣ ବନ୍ଦ ହେଉ । ଗଣତାନ୍ତ୍ରିକ ଜନ ଆନ୍ଦୋଳନଗୁଡ଼ିକ ଉପରେ ରାଷ୍ଟ୍ରଦମନ ବନ୍ଦ କରାଯାଉ । ସାମ୍ବିଧାନିକ ଅଧିକାରକୁ ସୁରକ୍ଷିତ ରଖି ଗଣତାନ୍ତ୍ରିକ ପ୍ରକ୍ରିୟାରେ ଗ୍ରାମସଭାର ନିଷ୍ପତ୍ତିକୁ ସ୍ୱୀକାର କରାଯାଉ ବୋଲି ଦାବୀ କରାଯାଇଥିଲା।

# ଶିଶୁମନ୍ଦିରରରେ ଜାତୀୟ ବିଜ୍ଞାନ ଦିବସ ପାଳିତ

ଜୟପୁର, ୦୧/୩ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର, ଜୟପୁରଠାରେ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସତ୍ୟ ନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ ଜାତୀୟ ବିଜ୍ଞାନ ଦିବସ ଅତି ଉତ୍ସାହର ସହିତ ପାଳିତ ହୋଇଯାଇଛି । ଏହି ଦିନ ପ୍ରଥମେ ଶିଶୁ ଭାଇ ଭଉଣୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଯେପରିକି – ବିଜ୍ଞାନ ପ୍ରଶ୍ନମଂଚ, ବିଜ୍ଞାନ ପ୍ରୟୋଗ, ବିଜ୍ଞାନ ପ୍ରକଳ୍ପ ଇତ୍ୟାଦି ଅନୁଷ୍ଠିତ କରାଯାଇଥିଲା । ପ୍ରତିଯୋଗିତା ପରେ ଦ୍ୱିତୀୟ ଅଧିବେଶନରେ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସମସ୍ତ ଶିଶୁଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ଅତିଥିଙ୍କ ତରଫରୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ କ୍ଷୀରୋଦ କୁମାର ଭଞ୍ଜ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ । ସେହିପରି ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି କିଶୋର ଚନ୍ଦ୍ର ପଣ୍ଡା, ସଂପାଦକ ବିଜୟ କୁମାର ଭଞ୍ଜ, ବିଦ୍ୟାଳୟର ପ୍ରମୁଖ ବିଜ୍ଞାନ ଶିକ୍ଷକ ଦିଲ୍ଲୀପ କୁମାର ଶତପଥୀ ଉପସ୍ଥିତ ରହି ଶିଶୁଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟ ଅତିଥି ନିଜର ଅଭିଭାଷଣରେ ଶିଶୁଙ୍କୁ ଭାରତର ଅଗ୍ରଗତିରେ ବିଜ୍ଞାନର ଭୂମିକା କ'ଣ ରହିଛି ସେ ବିଷୟରେ ଆଲୋକପାତ କରିଥିଲେ । ଶ୍ରୀ ଶତପଥୀ ଆଜିର ଦିବସର ଉଦ୍ଦେଶ୍ୟ ବିଷୟରେ ଶିଶୁଙ୍କୁ ଜଣାଇଥିଲେ । ସେହିପରି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଅନନ୍ତ ନାରାୟଣ ମହାପାତ୍ର, ଅତିଥି ପରିଚୟ ପ୍ରଦାନ କରିଥିଲେ ବିଦ୍ୟାମନ୍ଦିର ବିଭାଗର ପର୍ଯ୍ୟାୟ ପ୍ରମୁଖ କୈଳାସ ଚନ୍ଦ୍ର ପଣ୍ଡା ଏବଂ କାର୍ଯ୍ୟକ୍ରମ ପରିଶେଷରେ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ରାମଚନ୍ଦ୍ର ମହାନ୍ତି ।

# କନ୍ଧମାଳ ପୋଲିସର ମାଓ ଦମନ ଅଭିଯାନ, ଅନ୍ତିମ ପର୍ଯ୍ୟାୟରେ : ମୁଖ୍ୟ ଟାର୍ଗେଟ୍ ଶୁକ୍ରୁ

କନ୍ଧମାଳ, ୦୧/୩ (ନି.ପ୍ର): କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ରାଜ୍ୟରେ ମାଓବାଦୀ ମୂଳୋତ୍ପାଟନ ଅଭିଯାନ ଜାରି ରହିଛି। ଇତିମଧ୍ୟରେ ସମଗ୍ର ରାଜ୍ୟର ଅନ୍ୟ ଜିଲ୍ଲା ଗୁଡିକ ମାଓ ମୁକ୍ତ ଜିଲ୍ଲା ଘୋଷଣା କରାଯାଇଛି। ରାଜ୍ୟରେ କେବଳ କନ୍ଧମାଳ ଜିଲ୍ଲାରେ ମାଓବାଦୀ ମାନଙ୍କ ସ୍ଥିତି ରହିଛି। ହେଲେ କନ୍ଧମାଳ ଜିଲ୍ଲାରେ ମୁଷ୍ଟିମେୟ ୨୫ ଜଣ ମାଓବାଦୀଙ୍କ ଗତିବିଧି ରହିଥିବା ନେଇ, ଆଂଟି ନକ୍ସଲ ଅପରେସନର ମୁଖ୍ୟ, ଅରିକ୍ତ ପୋଲିସ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା କହିଛନ୍ତି। ମାଓ ସଂଗଠନର ଏହି ଦୁର୍ବଳ ସ୍ଥିତି ଓ ପୋଲିସ୍ ବାହିନୀର ଘନଘନ କୁମ୍ବିଂ ଅପରେସନରେ ସଂଗଠନର ଛାମୁଆ ନେତା ଗଣେଷର ଏନକାଉଣ୍ଟର ସମେତ ଅନେକ ଆଗ ଧାଡିର କ୍ୟାଡରର ନେତା ଆତ୍ମସମର୍ପଣ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ସଂଗଠନର ନେତା ଅନ୍ୱେଷ, ଆଉ ୧୨ ରୁ ୧୩ ଜଣ ମାଓବାଦୀ ମାନଙ୍କ ସହ ଆତ୍ମସମର୍ପଣ କରିବା ପାଇଁ ପ୍ରସ୍ତୁତ ହେଉଥିବା ଶୁଣି ରାଜ୍ୟ କମିଟି ନେତା ଶୁକ୍ରୁ ନିରୁପାୟ ହୋଇ ଅନ୍ୱେଷକୁ ହତ୍ୟା କରି ତା'ର ଶବକୁ ପୋତି ଦେଇଛି । ଏହି ଘଟଣା ଶୁକ୍ରୁର କିଂକର୍ତବ୍ୟ ବିମୁଢ଼ତାକୁ ସ୍ପଷ୍ଟ ଭାବରେ ବାରି ନେଇଛି ପୋଲିସ୍ ବିଭାଗ। ଏହି ଘଟଣା ପଦାକୁ ଆସିବା ପରେ ଘନଘନ ନିଜର ଠିକଣା ବଦଳେଇବାରେ ଲାଗିଛି ଶୁକ୍ରୁ। ଅନ୍ୟପକ୍ଷରେ ସଂଗଠନ ଭୁଷୁଡ଼ି ପଡ଼ିବା ଏବଂ ନିଜର ଜୀବନ ସୁରକ୍ଷିତ ରଖିବା ପାଇଁ ଅଧିକ ଆକ୍ରମଣାତ୍ମକ ମଧ୍ୟ ହୋଇଛି ସେ।କେନ୍ଦ୍ର ସରକାରଙ୍କ ଟାର୍ଗେଟ୍ ନିକଟତର ହେବା ଓ ମାଓ ସଂଗଠନ ନିକଟରେ କମ୍ ଅସ୍ତ୍ରଶସ୍ତ୍ର ଓ କମ୍ ସଂଖ୍ୟକ ମାଓବାଦୀ ଥିବା ଜାଣିବାକୁ ପାଇ ମାଓ ମୁକ୍ତ କନ୍ଧମାଳ ଜିଲ୍ଲା ଘୋଷଣାର ଉତ୍ସାହ ନେଇ ଫୁଲ ଦମ୍ ରେ ଏବଂ ଅଧିକ ସଂଖ୍ୟାରେ କୁମ୍ବିଂ ଓ ସର୍ଚ୍ଚ ଅପରେଶନକୁ ଓହ୍ଲାଇ ଆସିଛନ୍ତି ପୋଲିସ୍ ଜବାନ । ଜିଲ୍ଲାର ଦାରିଙ୍ଗବାଡ଼ି, ରାଇକିଆ, କୋଟଗଡ଼, ଘୁ.ଉଦୟଗିରି, ଫିରିଙ୍ଗିଆ ଓ ବାଲିଗୁଡାର କିଛି ଅଂଚଳରେ ତନ୍ନତନ୍ନ କରି ଅପରେସନ ଜାରି ରହିଛି। ଅନ୍ୟପକ୍ଷରେ ମାଓବାଦୀଙ୍କ ଆତ୍ମସମର୍ପଣ ରାସ୍ତାକୁ ମଧ୍ୟ ଖୋଲା ରଖାଯାଇଛି। ପୋଲିସ ପକ୍ଷରୁ, ଇତିମଧ୍ୟରେ ପୂର୍ବରୁ ଆତ୍ମସମର୍ପଣ କରିଥିବା ମାଓବାଦୀ ମାନଙ୍କ ଜରିଆରେ ମଧ୍ୟ ଆତ୍ମସମର୍ପଣ କରିବା ପାଇଁ ସେମାନଙ୍କୁ ଯୋଗାଯୋଗ ପାଇଁ ମୋବାଇଲ ନମ୍ବର ମଧ୍ୟ ସାର୍ବଜନୀନ କରିଛି ପୋଲିସ ବିଭାଗ।

# ସତ୍ୟସାଇ ଇଞ୍ଜିନିୟରିଂ କଲେଜର ବାର୍ଷିକ ଉତ୍ସବ ଦ୍ୱିତୀୟ ଦିବସ




ବାଲେଶ୍ୱର, ୦୧/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର ରୋଡ ରେ ସତ୍ୟ ସାଇ ଇଞ୍ଜିନିୟରିଂ କଲେଜର ବାର୍ଷିକ ଉତ୍ସବ ପୂର୍ବତନ ମନ୍ତ୍ରୀ ଓ ବର୍ତ୍ତମାନ ର ଖଇରା ବିଧାୟକ ପଦ୍ମ ଲୋଚନ ପଣ୍ଡା ଙ୍କ ସଭାପତିତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରୀ ଚିପ ଶ୍ରୀଯୁକ୍ତ ସରୋଜ କୁମାର ପ୍ରଧାନ , ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଉତ୍ତର ଓଡ଼ିଶା ର ମୁଖ୍ୟ ସତ୍ୟ ଶିବ ଦାସ , ସମ୍ମାନୀୟ ଅତିଥି ଭାବେ ଓ ଉପଦେଷ୍ଟା ଭାବେ ଆଇନ ଜିବି ହରେକୃଷ୍ଣ ଦାସ , ପ୍ରିନ୍ସିପାଲ୍ ଯତୀନ୍ଦ୍ର କୁମାର ଦାସ, ଚେୟାର ମେନ୍ ଅନୁମାଧବ ପଣ୍ଡା, ବେଣୁ ମାଧବ ପଣ୍ଡା ଙ୍କ ସୁପୁତ୍ର ବୈଦିକ ପଣ୍ଡା , ପ୍ରିନ୍ସିପାଲ ପ୍ରଭାସ କୁମାର ସ୍ୱାଇଁ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ସଭାପତି ପଦ୍ମ ଲୋଚନ ପଣ୍ଡା ସଭା ପରିଚାଳନା କରିଥିଲେ ଓ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟ ଅତିଥି ସରୋଜ କୁମାର ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ସଭାପତି ପଦ୍ମ ଲୋଚନ ପଣ୍ଡା କହିଥିଲେ ସତ୍ୟ ସାଇ ଇଞ୍ଜିନିୟରିଂ କଲେଜ ଓଡ଼ିଶାର ପ୍ରଥମ ଅନୁଷ୍ଠାନ ପ୍ରାୟ ବିଭିନ୍ନ ପ୍ରାନ୍ତରୁ ତିନିହଜାର ପିଲା ଆସି ଅଧ୍ୟୟନ କରୁଛନ୍ତି । ଏହି ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ବେଣୁ ମାଧବ ପଣ୍ଡା। ମୁଖ୍ୟ ବକ୍ତା ସତ୍ୟ ଶିବ ଦାସ କାହାଣୀ ମାଧମରେ ଯୁବକ ଯୁବତୀଙ୍କୁ ଆଗକୁ କିପରି ଯିବେ ସେହି ଉପଦେଶ ଦେଇଥିଲେ। ମୁଖ୍ୟ ଅତିଥି ସରୋଜ କୁମାର ପ୍ରଧାନ ସ୍ୱର୍ଗତ ବେଣୁ ମାଧବ ପଣ୍ଡା ଙ୍କ ଗୁଣ କୀର୍ତ୍ତନ କରିବା ସଙ୍ଗେ ସଙ୍ଗେ ସଭାପତି ପଦ୍ମ ଲୋଚନ ପଣ୍ଡା ଙ୍କୁ ସାଧୁବାଦ ଜଣାଇଥିଲେ ଓ ଅନୁଷ୍ଠାନ କିପରି ଦୃତ୍ ଗତିରେ ଉନ୍ନତି ହେବ ସେଥିପାଇଁ ଚେଷ୍ଟା କରିବା ଦରକାର ବୋଲି କହିଥିଲେ। ଉପଦେଷ୍ଟା ହରେକୃଷ୍ଣ ଦାସ ସତ୍ୟ ସାଇ ଇଞ୍ଜିନିୟରିଂ କଲେଜର କିପରି ଉନ୍ନତି ହେବ ଆଗକୁ ଯିବ ବର୍ଣ୍ଣନା କରିଥିଲେ। ସମସ୍ତ ସମ୍ମାନୀୟ ଅତିଥି ମାନେ ପଦ୍ମ ଲୋଚନ ପଣ୍ଡା ଙ୍କ କାର୍ଯ୍ୟ ପାଇଁ ଧନ୍ୟବାଦ୍ ଦେଇଥିଲେ। ବାର୍ଷିକ ଉତ୍ସବ କୁ ଅର୍ଦ୍ଧେନ୍ଦୁ ଦାସ ସମସ୍ତ ଶିକ୍ଷକ ଓ ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଓଡିଶା ଆନ୍ତଃବିଶ୍ୱବିଦ୍ୟାଳୟ ଖେଳକସରତ ଓ କ୍ରୀଡା ପ୍ରତିଯୋଗିତା ୨୦୨୫-୨୬ ସମାପିତ



ବାଲେଶ୍ୱର, ୦୧/୩ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଓଡିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ଖେଳକସରତ ଓ କ୍ରୀଡ଼ା ପ୍ରତିଯୋଗିତା ୨୦୨୫–୨୬ର ସମାପନୀ ଉତ୍ସବ ଗତ ୨୮ତାରିଖରେ ସମ୍ପନ୍ନ ହୋଇଯାଇଛି। ୨୩ ଫେବୃଆରୀ ୨୦୨୬ ରୁ ଆରମ୍ଭ ହୋଇଥିବା ଏହି ରାଜ୍ୟ ସ୍ତରୀୟ ମହତ୍ତ୍ୱପୂର୍ଣ୍ଣ କ୍ରୀଡା ମହାକୁମ୍ଭ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ସଫଳତାର ସହ ଶେଷ ପର୍ଯ୍ୟନ୍ତ ପହଞ୍ଚିଥିଲା। ସମାପନୀ ଅବସରରେ ମୁଖ୍ୟ ଅତିଥି ଭାବେ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀମତୀ ନିବେଦିତା ନାଥ ଉପସ୍ଥିତ ରହି ଖେଳାଳି ମାନଙ୍କୁ ପ୍ରେରଣାଦାୟକ ଉଦ୍ବୋଧନ ପ୍ରଦାନ କରିଥିଲେ। ସେ ଫକୀରମୋହନ ବିଶ୍ୱବିଦ୍ୟାଳୟଙ୍କୁ ଏହି ରାଜ୍ୟସ୍ତରୀୟ କ୍ରୀଡା ଉତ୍ସବର ଆତିଥ୍ୟ ପାଇଁ ଅଭିନନ୍ଦନ ଜଣାଇଥିଲେ ଏବଂ ଆୟୋଜନ ସମିତିର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ। ଅଧକ୍ଷୀୟ ଉଦବୋଧନରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସମସ୍ତ ଅଂଶଗ୍ରହଣକାରୀ ବିଶ୍ୱବିଦ୍ୟାଳୟର ଖେଳାଳି ଛାତ୍ରଛାତ୍ରୀ ଓ କ୍ରୀଡା ଅଧିକାରୀମାନଙ୍କର ଶିଷ୍ଟାଚାରପୂର୍ଣ୍ଣ ଖେଳ ପ୍ରଦର୍ଶନ, ଶୃଙ୍ଖଳିତ ଆଚରଣ, କ୍ରୀଡାମନୋଭାବ ଓ ସହଯୋଗିତାକୁ ପ୍ରଶଂସା କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟଙ୍କୁ ଏହି କ୍ରୀଡ଼ା ଉତ୍ସବର ଆୟୋଜନ ପାଇଁ ସୁଯୋଗ ପ୍ରଦାନ କରିଥିବା ହେତୁ, ଓଡିଶା ଉଚ୍ଚଶିକ୍ଷା ବିଭାଗ ଓ ଓଡିଶା ଉଚ୍ଚଶିକ୍ଷା ପରିଷଦଙ୍କୁ ବିଶେଷ କୃତଜ୍ଞତା ଜଣାଇଥିଲେ।

ଏହି ଅବସରରେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ ଶ୍ରୀମତୀ କୁକୁମୀନା ଦାସ ଓ କ୍ରୀଡା ପରିଷଦ ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ମଧ ଉଦବୋଧନ ରଖି କ୍ରୀଡାର ସାର୍ଥକତା ଓ ଏକତାର ବାର୍ତ୍ତା ଉଲ୍ଲେଖ କରିଥିଲେ ଓ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏହି ବୃହତ୍ କ୍ରୀଡା ଉତ୍ସବରେ ଓଡିଶାର ୧୫ଟି ବିଶ୍ୱବିଦ୍ୟାଳୟରୁ ୨୫୦୦ରୁ ଅଧିକ ଖେଳାଳି ୧୧ଟି ବର୍ଗରେ ୨୫ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପୁରୁଷ ଓ ମହିଳା ଉଭୟ ବର୍ଗରେ କ୍ରିକେଟ୍, ଫୁଟବଲ୍, କବଡ଼ି, ହକି, ଖୋ-ଖୋ, ବାସ୍କେଟବଲ୍, ଭଲିବଲ୍, ଟେବୁଲ୍-ଟେନିସ୍, ଚେସ୍, କ୍ୟାରମ୍ ଓ ବ୍ୟାଡମିଣ୍ଟନ୍ ଆଦି ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା। ଚ୍ୟାମ୍ପିୟନ୍ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମାପନୀ ଅବସରରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ସମସ୍ତ ଦଳ ଓ ଅଂଶଗ୍ରହଣକାରୀମାନଙ୍କୁ ନଗଦ ପୁରସ୍କାର, ପଦକ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମ ଡ଼କ୍ଟର ଅମିତ କୁମାର ଶର୍ମା, ଉପ-ନିର୍ଦ୍ଦେଶକ, କ୍ରୀଡା ପରିଷଦ ଓ ବିଶ୍ୱବିଦ୍ୟାଳୟର ପି.ଇ.ଓ. ଶ୍ରୀ ସଂଗ୍ରାମ ବିଶୋୟୀଙ୍କ ପ୍ରତ୍ୟକ୍ଷ ନିରୀକ୍ଷଣ ଓ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ସମାପନୀ ଅଧିବେଶନକୁ ସହାୟକ ପ୍ରଫେସର ଶଶାଙ୍କ ଶେଖର ଗଡନାୟକ ଓ ଡ଼କ୍ଟର ରାଜଶ୍ରୀ ଦତ୍ତ ସଂଯୋଜିତ କରିଥିଲେ। ଏହି କାର୍ଯ୍ୟକ୍ରମର ଆୟୋଜନ ଦ୍ୱାରା ଫକୀରମୋହନ ବିଶ୍ୱବିଦ୍ୟାଳୟ, ଭବିଷ୍ୟତର ଖେଳାଳି ଛାତ୍ରଛାତ୍ରୀଙ୍କ ପାଇଁ କ୍ରୀଡାକୁ ମହତ୍ତ୍ୱ ଦେବା କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି କରିବା ସହିତ ରାଜ୍ୟସ୍ତରୀୟ କ୍ରୀଡା ଐକ୍ୟତାକୁ ଆହୁରି ସୁଦୃଢ଼ କରିବାରେ ସଫଳ ହୋଇପାରିଛି।

## ମାନସିକ ବିକାରଗ୍ରସ୍ତ ଭାଣିଜୀକୁ ଦୁଷ୍କର୍ମ: ସମ୍ପର୍କୀୟ ମାମୁଁ ଗିରଫ

ନୀଳଗିରି, ୦୧/୩ (ନି.ପ୍ର): ଆଜିକାଲି ସମାଜରେ ମାମୁଁ ଭାଣିଜିର ସମ୍ପର୍କ ପବିତ୍ର ଥିବା ବେଳେ ଯୌନପିପାସୁ ମାମୁଁ ପବିତ୍ର ସମ୍ପର୍କକୁ ଭୁଲିଯାଇ ମାନସିକ ବିକାର ଗସ୍ତ ଭାଣିଜିକୁ ଦୁଷ୍କର୍ମ କରିବା ଘଠଣା ନୀଳଗିରିରେ ଚାଞ୍ଚଲ୍ୟ ଖେଳିଯାଇଛି। ପ୍ରକାଶ ଥାଉକି ବରହମପୁର ଥାନା ଗରଡି ପଞ୍ଚାୟତର ସିଆଡିମାଳସାହିରେ ଉକ୍ତ ଘଟଣା ଦେଖିବାକୁ ମିଳିଛି। ସୂଚନା ଥାଉକି ଉକ୍ତ ପଞ୍ଚାୟତର ଜୈନିକ ଅବସରପ୍ରାପ୍ତ ସୈନିକ ଙ୍କ ମାନସିକ ବିକାର ଗସ୍ତ ସାବାଳିକା ଝିଅକୁ ଚନ୍ଦ୍ରପୁର ଗ୍ରାମର ଆନନ୍ଦ ସିଂ ର ପୁଅ ମହେନ୍ଦ୍ର ସିଂ ଓରଫ ମୁନା (୩୫) ଗତ ୨୮/୦୨/୨୦୨୬ ତାରିଖ ଅପରାହ୍ନ ୩ ଘଟିକା ୩୦ ମିନିଟ ସମୟରେ ସାବାଳିକା ଘରକୁ ଯାଇଥିଲେ। ସାବାଳିକା ଜଣକ ନିଜଘର ଉପର ତାଲାକୁ ସିଡିରେ ଯାଉଥିବା ବେଳେ ସୁଯୋଗ ନେଇ ମହେନ୍ଦ୍ର ସିଂ ଦୁଷ୍କର୍ମ କରିଥିଲା। ପରେ ସାବାଳିକା ମାନସିକ ବିକାରଗ୍ରସ୍ତ ଝିଅ ଉକ୍ତ ଘଟଣା ନିଜ ବାପାଙ୍କୁ ଜଣାଇଥିଲା। ସୂଚନା ଥାଉକି ଦୁଷ୍କର୍ମକାରୀ ମହେନ୍ଦ୍ର ସମ୍ପର୍କୀୟ ଭାଣିଜି ବୋଲି ଜଣାପଡିଛି। ଏନେଇ ରବିବାର ପିଡିତାର ବାପା ବରହମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ନେଇ ବରହମପୁର ଥାନାର ଏମ.ଆର. ପୁହାଣ ଘଟଣାକୁ ଗୁରୁତ୍ୱ ଦେଇ ତଦନ୍ତ କରିବା ସହ ମାନସିକ ବିକାରଗ୍ରସ୍ତ ପିଡିତାର ବୟାନ ରେକର୍ଡ କରିବା ସହ କେସ ନଂ ୨୬/୨୬ ମାମଲା ଏବଂ ଦଫା ୬୪(୧)୬୪(୧)ରୁଜୁ କରି ମହେନ୍ଦ୍ର ସିଂ ଙ୍କୁ ଗିରଫ କରିଥିଲା। ପରେ ଅଭିଯୁକ୍ତ ମହେନ୍ଦ୍ର ସିଂଙ୍କୁ କୋର୍ଟ ଚାଲାଣ କରାଜାଇଛି।

# ବିଜେପିର ଉତ୍ତର ବାଲେଶ୍ୱର ସାଂଗଠନିକ ଜିଲ୍ଲାର ଓଡିଶା ରାଜ୍ୟ ବଜେଟ ୨୦୨୬-୨୭ ପାଇଁ ସାମ୍ବାଦିକ ସମ୍ମିଳନୀ



ଜଳେଶ୍ୱର,୧/୩(ନିପ୍ର): ଓଡିଶା ରାଜ୍ୟ ବଜେଟ ୨୦୨୬-୨୭ ପାଇଁ ବିଜେପିର ଉତ୍ତର ବାଲେଶ୍ୱର ସାଂଗଠନିକ ଜିଲ୍ଲା ପାଇଁ ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସଭାପତିତ୍ୱରେ ଜଳେଶ୍ୱର କାଳୀ ମନ୍ଦିର ର ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।ଓଡ଼ିଶା ସରକାରଙ୍କ ପକ୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପିତ ହୋଇଛି । ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ୩.୧୦ ଲକ୍ଷ କୋଟି ଟଙ୍କାର ଏହି ବଜେଟ୍ ଉପସ୍ଥାପନ କରିଛନ୍ତି। ଯେଉଁଥିରେ ଗ୍ରାମୀଣ ବିକାଶ, ମହିଳା ସଶକ୍ତିକରଣ ଏବଂ ଆଞ୍ଚଳିକ ସନ୍ତୁଳନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।ଏହି ବଜେଟର ଏକ ସ୍ୱତନ୍ତ୍ର ଦିଗ ହେଉଛି ଜିଲ୍ଲାସ୍ତରୀୟ ଭିତ୍ତିଭୂମି ବିକାଶ ଏବଂ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ।ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ଚାରୋଟି ପ୍ରମୁଖ ସ୍ତମ୍ଭ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଛନ୍ତି।ଉଚ୍ଚଶିକ୍ଷା କ୍ଷେତ୍ରରେ ବାଳିକାମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ ଅତ୍ୟାଧୁନିକ ମହିଳା ଛାତ୍ରାବାସ ନିର୍ମାଣ କରାଯିବ। ଯୁବପିଢ଼ିଙ୍କ ପ୍ରତିଭା ବିକାଶ ପାଇଁ ବ୍ଲକସ୍ତରୀୟ ଷ୍ଟାଡିୟମ୍ ଗୁଡ଼ିକର କାର୍ଯ୍ୟ ସମାପ୍ତ କରାଯାଇ ସେଗୁଡ଼ିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବ। ଆରୋଗ୍ୟମ ପରମଂ ଧନମ୍’ ଲକ୍ଷ୍ୟରେ ପ୍ରତ୍ୟେକ ପଞ୍ଚାୟତରେ ଅତିକମରେ ଗୋଟିଏ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା କରାଯିବ।ପରିବେଶ ସନ୍ତୁଳନ ରକ୍ଷା ପାଇଁ ‘ଏକ ପେଡ୍ ମା କେ ନାମ’ ଅଭିଯାନ ମାଧ୍ୟମରେ ସମସ୍ତ ଜିଲ୍ଲାରେ ବ୍ୟାପକ ବୃକ୍ଷରୋପଣ କରାଯିବ।ଆଞ୍ଚଳିକ ବିକାଶ ପାଇଁ ସ୍ୱତନ୍ତ୍ର ପାଣ୍ଠି ରାଜ୍ୟର ବିଭିନ୍ନ ପ୍ରାନ୍ତର ବିକାଶ ପାଇଁ ବଜେଟରେ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ସରକାରଙ୍କ 'ମିଶନ ପାୱାର' ଅଧୀନରେ ୨୦୨୬-୨୭ ସୁଦ୍ଧା ପ୍ରତ୍ୟେକ ରାଜସ୍ୱ ଗ୍ରାମକୁ ବିଜୁଳି,ପାଇପ୍ ପାଣି ଏବଂ ପକ୍କା ରାସ୍ତା ସଂଯୋଗ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ବଜେଟ୍ 'ବିକଶିତ ଓଡ଼ିଶା' ଗଠନ ଦିଗରେ ଏକ ଦୃଢ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପିର ଉତ୍ତର ବାଲେଶ୍ୱର ସାଂଗଠନିକ ଜିଲ୍ଲାର ସଭାପତି ଡ.ପ୍ରଦୀପ କୁମାର ପଣ୍ଡା, ପୂର୍ବତନ ଜିଲ୍ଲା ସଭାପତି ତଥା ଜିଲ୍ଲା ପ୍ରଭାରୀ ଉମାକାନ୍ତ ମହାପାତ୍ର,କ୍ୟାପଟେନ ଅଶୋକ କୁମାର ଦାସ,ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଜେପି ନେତା ତଥା ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ,ରାଜ୍ୟ ଉପ ସଭାପତି ସିପ୍ରା ବାଜପେୟୀ,ବସ୍ତା ନିର୍ବାଚନୀ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଅଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲା ବେଳେ ବିଜେପିର ସମସ୍ତ କର୍ମକର୍ତ୍ତା ମଧ ଉପସ୍ଥିତ ଥିଲେ।

## ନୂଆପଡ଼ା ଜିଲାରେ କଲରାପତରିଆ ବାଘ ଆତଙ୍କ

ନୂଆପଡ଼ା, ୦୧/୩ (ନି.ପ୍ର): କିଛିଦିନର ବ୍ୟବଧାନ ପରେ ପୁଣି ନୂଆପଡ଼ା ଜିଲାରେ କଲରାପତରିଆ ବାଘ ଆତଙ୍କ ଦେଖା ଦେଇଛି। ଏହି ବାଘ ବୁଲୁଥିବା ନେଇ ଭିଡିଓ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଯାହାଫଳରେ ଏହି ଖବର ପରେ ସୁନାବେଡା ଅଭୟାରଣ୍ୟ ଭିତରେ ବସବାସ କରୁଥିବା ଲୋକମାନେ ବେଶ୍ ଆତଙ୍କିତ ହୋଇପଡିଛନ୍ତି । ସୂଚନା ଅନୁଯାୟୀ, ଗତକାଲି ରାତିରେ ସୋସେଙ୍ଗ ଗାଁର କମଳ ନାଥ ମାଝି(୩୦) କୌଣସି କାମରେ ଏକ କାର୍ ଯୋଗେ ନୂଆପଡା ଯାଉଥିଲେ। ସେହି ସମୟରେ ଏକନ ଗୋଡିଆ ଘାଟି ତଳକୁ ହଲୁଆପାଲି-କେରମେଲି ନୂଆପଡା ରାସ୍ତାରେ ଦୁଇଟି କଲରା ପତରିଆ ବାଘ ବୁଲୁଥିବା ଦେଖିବାକୁ ପାଇଥିଲେ। ସେ ଭୟଭୀତ ଅବସ୍ଥାରେ ଗାଡିକୁ ରାସ୍ତାରେ ଅଟକାଇ ମୋବାଇଲରେ ଭିଡିଓ ଶୁଟ୍ କରିଥିଲେ। ସେହି ସମୟରେ ଗୋଟିଏ ବାଘ ଜଙ୍ଗଲ ଭିତରକୁ ଚାଲିଯାଇଥିବା ବେଳେ ଅନ୍ୟ ଏକ ବାଘ ରାସ୍ତା କଡରେ ବସି ରହିଥିଲା। ପ୍ରାୟ ଅଧଘଂଟା ପରେ ବାଘ ରାସ୍ତାରୁ ଜଙ୍ଗଲକୁ ଚାଲିଯିବା ପରେ କମଳ ଗାଡି ଧରି ନୂଆପଡା ପଟେ ଯାଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ଆମେରିକା-ଇସ୍ରାଏଲର ଏୟାର ...

ଅୟୋତୋଲ୍ଲା ଅଲ୍ ଖାମେନେଇଙ୍କ ମୃତଦେହ ତାଙ୍କର ଧ୍ୱସ୍ତ ହୋଇଯାଇଥିବା ବାସଭବନର ଭଗ୍ନାବଶେଷ ମଧ୍ୟରୁ ମିଳିଥିଲା। ଇରାନର ସର୍ବୋଚ୍ଚ ନେତା ଅୟୋତୋଲ୍ଲା ଅଲ୍ ଖାମେନେଇଙ୍କ ମୃତ୍ୟୁ ଖବର ଆସିବା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ ଆମେ ଇସ୍ରାଏଲ ସହିତ ମିଶି ଖାମେନେଇଙ୍କୁ ଟାର୍ଗେଟ କରିବାକୁ ଯୋଜନା ପ୍ରସ୍ତୁତ କରୁଛୁ। ଇସ୍ରାଏଲ ଓ ଆମେରିକାର ଏୟାରଷ୍ଟ୍ରାଇକ୍‌ରେ କେବଳ ଇରାନର ସର୍ବୋଚ୍ଚ ନେତା ଅୟୋତୋଲ୍ଲା ଅଲ୍ ଖାମେନେଇଙ୍କ ମୃତ୍ୟୁ ହୋଇନାହିଁ, ତାଙ୍କ ପରିବାରର ବହୁ ସଦସ୍ୟ ନିହତ ହୋଇଥିବା ଜଣାପଡ଼ିଛି। ଏହି ଆକ୍ରମଣରେ ଖାମେନେଇଙ୍କ ଝିଅ, ଜ୍ୱାଇଁ, ବୋହୂ ଓ ନାତୁଣୀଙ୍କ ମୃତ୍ୟୁ ଘଟିଛି। ଖାମେନେଇଙ୍କ ଜ୍ୱାଇଁ ଓ ବୋହୂଙ୍କ ମୃତ୍ୟୁ ଘଟିଥିବା ନେଇ ଇରାନର ସରକାରୀ ଗଣମାଧ୍ୟମ ସ୍ପଷ୍ଟ କରିଥିଲା। ଏହା ପରେ ଇରାନର ସରକାରୀ ଗଣମାଧ୍ୟମର ରିପୋର୍ଟ ଆଧାରରେ ରଏଟର୍ସ ପକ୍ଷରୁ ଖବର ପ୍ରସାରଣ କରାଯାଇଛି ଖାମନେଇଙ୍କ ଝିଅ ଓ ନାତୁଣୀଙ୍କର ମଧ୍ୟ ମୃତ୍ୟୁ ଘଟିଛି। ଆମେରିକା ଓ ଇସ୍ରାଏଲର ମିଳିତ ଘନ ଘନ ଆକ୍ରମଣରେ କେବଳ ଖାମେନେଇ କିମ୍ବା ତାଙ୍କ ପରିବାର ଲୋକଙ୍କ ମୃତ୍ୟୁ ହୋଇନାହିଁ, ଇରାନର ପ୍ରତିରକ୍ଷା ମନ୍ତ୍ରୀ ଓ ଟପ୍ କମାଣ୍ଡରଙ୍କ ମଧ୍ୟ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଇରାନରେ ହେଡ୍ ଅଫ୍ ମିଲିଟାରୀ ବ୍ୟୁରୋ ଏବଂ ସୁପ୍ରିମ ଲିଡରଙ୍କ ପରାମର୍ଶଦାତାଙ୍କ ମୃତ୍ୟୁ ଘଟିଛି। ସେହିଭଳି ରିଭୋଲ୍ୟୁସୋନାରୀ ଗାର୍ଡର କମାଣ୍ଡର ଓ ଗୁଇନ୍ଦା ବିଭାଗର ମୁଖ୍ୟ ମଧ୍ୟ ପ୍ରାଣ ହରାଇଛନ୍ତି। ସର୍ବୋଚ୍ଚ ନେତା ଅୟୋତୋଲ୍ଲା ଅଲ୍ ଖାମେନେଇଙ୍କ ମୃତ୍ୟୁରେ ଇରାନର ଅନେକ ଅଞ୍ଚଳରେ ଲୋକେ ବହୁତ ଖୁସି ହୋଇଛନ୍ତି। ସେମାନେ ରାଜରାସ୍ତାକୁ ଆସି ସେମାନଙ୍କ ଖୁସି ଜାହିର କରିଛନ୍ତି। ତେହରାନ୍, କରଜ ଓ ଇସଫହାନ ଆଦି ଅଞ୍ଚଳରେ ଲୋକେ ରାସ୍ତାକୁ ଆସି ଖାମେନେଇଙ୍କ ମୃତ୍ୟୁରେ ଉତ୍ସବ ପାଳିଛନ୍ତି। ଏମିତି କିଛି ଭିଡିଓ ସୋଶାଲ ମିଡିଆରେ ଏବେ ଘୂରି ବୁଲିଛି। ଏନେଇ କିଛି ସ୍ପଷ୍ଟ ହୋଇପାରିନାହିଁ। ତେବେ କିଛି ମାସ ତଳେ ଖାମେନେଇଙ୍କ ବିରୋଧରେ ଇରାନରେ ଆନ୍ଦୋଳନ କରାଯାଇଥିବାରୁ ତାଙ୍କ ବିରୋଧୀ ଗୋଷ୍ଠୀ ଏହି ଖବରରେ ଉଲ୍ଲସିତ ହୋଇଥିବେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ରାତିସାରା ବୋମାମାଡ଼ ହେଉଥିବାରୁ ବହୁ ଲୋକ ଭୟଭୀତ ହୋଇ ରହିଛନ୍ତି। ଗତକାଲି ଇରାନର ମିନାବ ସହରରେ ଏକ ବାଳିକା ସ୍କୁଲରେ ଉପରେ ମିସାଇଲ ମାଡ଼ ହେବାରୁ ପ୍ରାୟ ୬୦ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୪୦ରୁ ଅଧିକ ଆହତ ହୋଇଥିଲେ। ସର୍ବୋଚ୍ଚ ନେତା ଅୟୋତୋଲ୍ଲା ଅଲ୍ ଖାମେନେଇଙ୍କ ସମେତ ନିଷ୍ପତ୍ତି ନେଉଥିବା ବହୁ ଶୀର୍ଷ ନେତା ଓ ଅଧିକାରୀଙ୍କ ମୃତ୍ୟୁ ସତ୍ତ୍ୱେ ଲଢ଼େଇ ଜାରି ରଖିଛି ଇରାନ। ସର୍ବୋଚ୍ଚ ନେତା ଅୟୋତୋଲ୍ଲା ଅଲ୍ ଖାମେନେଇଙ୍କ ମୃତ୍ୟୁ ପ୍ରତିଶୋଧ ନିଆଯିବ କହି ଏହା ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ସାମରିକ ଘାଟିଗୁଡ଼ିକ ସହିତ ଇସ୍ରାଏଲ ଉପରେ ଆକ୍ରମଣ କରିଛି। ଡ୍ରୋନ୍ ଓ ମିସାଇଲରେ ଇରାନ ଏହି ଆକ୍ରମଣ କରିଛି। ଇସ୍ରାଏଲର ରାଜଧାନୀ ତେଲ ଅଭିଭରେ ଗତକାଲି ରାତିରେ ମିସାଇଲ ମାଡ଼ କରିଛି ଇରାନ। ବଡ଼ ଆକ୍ରମଣ ପାଇଁ ପ୍ରସ୍ତୁତ ରହିବାକୁ ଇସ୍ରାଏଲକୁ ଚେତାବନୀ ଦେଇଛି ଇରାନ। କୁର୍ଦ୍ଦିସ୍ତାନର ଆମେରିକା ସେନା ଶିବିର ଉପରେ ଆକ୍ରମଣ କରିଛି ଇରାନ। ବିଭିନ୍ନ ଅନ୍ତର୍ଜାତୀୟ ଓ ଜାତୀୟ ଗଣମାଧ୍ୟମରେ ଆସିଥିବା ରିପୋର୍ଟ ଅନୁଯାୟୀ, ଦୁବାଇ ଓ କତାରର ରାଜଧାନୀ ଦୋହାରେ ଘନ ଘନ ଆକ୍ରମଣ କରିଛି ଇରାନ। ୟୁଏଇ ଓ କତାର ଆମେରିକା ସହିତ ଅଛନ୍ତି। ଏହି ଆକ୍ରମଣ କରି ଇରାନ ତା’ର ପଡ଼ୋଶୀ ରାଷ୍ଟ୍ରଗୁଡ଼ିକୁ ବାର୍ତ୍ତା ଦେଇଛି ଯେ ସେ କେବେ ବି ତା’ର ଶତ୍ରୁମାନଙ୍କୁ ଛାଡ଼ିବ ନାହିଁ। ଦୁବାଇ ବିମାନ ବନ୍ଦରରେ ଆକ୍ରମଣ କରିଛି ଇରାନ। ଦୁବାଇ ବିମାନ ବନ୍ଦର ହେଉଛି ବିଶ୍ୱର ଅନ୍ୟତମ ବ୍ୟସ୍ତବହୁଳ ବିମାନ ବନ୍ଦର। ଆମେରିକା-ଇସ୍ରାଏଲ ସହିତ ଇରାନର ଯୁଦ୍ଧ ଆରମ୍ଭ ହେବା ମାତ୍ରେ ଦୁବାଇ ତା’ର ବିମାନ ବନ୍ଦରକୁ ବନ୍ଦ କରି ଦେଇଥିଲା। ଦୁବାଇ ବିମାନ ବନ୍ଦର ପୂର୍ବରୁ ଇରାନ ଏହାର ଏକ ଦ୍ୱୀପ ପାମ୍ ସହିତ ଲକଜୁରୀ ହୋଟେଲ ବୁର୍ଜ ଅଲ ଆରବ ଉପରେ ଆକ୍ରମଣ କରିଥିଲା। ଇରାନ ଶନିବାର ଦୁବାଇ ବିମାନ ବନ୍ଦରକୁ ଆକ୍ରମଣ କରିଥିବା ବେଳେ ରବିବାର ପୁଣି ଆକ୍ରମଣ କରିଛି। ଏଥିରେ ୪ ଜଣ ଯାତ୍ରୀ ଆହତ ହୋଇଥିବା ସୂଚନା ମିଳିଛି। ଏହି ଯୁଦ୍ଧ ଆରମ୍ଭ ହୋଇଯିବା ପରେ ଦୁବାଇ ସହିତ ଅନ୍ୟ ମଧ୍ୟପ୍ରାଚୀର ଦେଶକୁ ଯାଇଥିବା ଅନେକ ଭାରତୀୟ ସେଠାରେ ଫସି ଯାଇଛନ୍ତି। ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଥିବା ଯୋଗୁ ସେମାନେ ଆସିପାରୁ ନାହାନ୍ତି। ସେହିପରି ଇରାନରେ ରହୁଥିବା ବହୁ ଭାରତୀୟ ଫସି ଯାଇଛନ୍ତି। ଅନ୍ୟପକ୍ଷରେ ଭାରତରେ ମଧ ଏହାର ବଡ଼ ପ୍ରଭାବ ପଡ଼ିଛି। ଭାରତର ବିମାନ ବନ୍ଦରରଗୁଡ଼ିକରେ ପ୍ରବଳ ଭିଡ଼ ଜମିଛି। ବିମାନ ଚଳାଚଳ ବନ୍ଦ ହୋଇଯାଇଥିବାରୁ ଦୁବାଇ ଓ ଅନ୍ୟ ମଧ୍ୟପ୍ରାଚ୍ୟ ଦେଶ ସହିତ ଆମେରିକା ଆଦି ସ୍ଥାନକୁ ଯିବାକୁ ଥିବା ଯାତ୍ରୀମାନେ ବଡ଼ ହନ୍ତସନ୍ତ ହେଉଛନ୍ତି। ଭାରତ ଗତକାଲି ୪୧୦ ବିମାନ ବାତିଲ କରିଥିବା ବେଳେ ଆଜି ୪୪୪ ବିମାନ ବାତିଲ କରିପାରେ ବୋଲି ଆଶଙ୍କା ରହିଛି। ୧୧ଟି ସ୍ଥାନକୁ ବିମାନ ସେବାକୁ ବାତିଲ୍ କରିଛି ଏୟାର୍ ଇଣ୍ଡିଆ। ମୁମ୍ବାଇ-ହିଥ୍ରୋ, ଦିଲ୍ଲୀ-ବର୍ମିଂହାମ, ଦିଲ୍ଲୀ-ଆମଷ୍ଟରଡାମ୍, ଦିଲ୍ଲୀ-ଜୁରିଚ୍, ଦିଲ୍ଲୀ-ମିଲାନ, ଦିଲ୍ଲୀ-ଭିଏନା, ବେଙ୍ଗାଲୁରୁ-ହିଥ୍ରୋ, ଦିଲ୍ଲୀ-କୋପେନହେଗେନ, ଦିଲ୍ଲୀ-ହିଥ୍ରୋ ଓ ଦିଲ୍ଲୀ-ଫ୍ରାଙ୍କଫର୍ଟ ବିମାନ ବାତିଲ୍ କରିଛି ଏୟାର ଇଣ୍ଡିଆ। ଯାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିମାନ ଚଳାଚଳ ବାତିଲ କରାଯାଇଥିବା ଏୟାର ଇଣ୍ଡିଆ କହିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତି ଭିତରେ ଦୁବାଇରେ ଫସିଛନ୍ତି କିଛି ସେଲେବ୍ରିଟୀ। ଦୁଇ ଥର ଅଲିମ୍ପିକ୍ସ ପଦକ ଜିତିଥିବା ଭାରତୀୟ ବ୍ୟାଡମିଣ୍ଟନ ତାରକା ପିଭି ସିନ୍ଧୁ ଦୁବାଇରେ ଫସିଛନ୍ତି।

## ଚତୁର୍ଥ ଆସନରେ ଜିତିବେ...

କଂଗ୍ରେସ-ବିଜେଡିର ଭୋଟ ଏକାଠି ହେଲେ ଦତ୍ତେଶ୍ୱରଙ୍କ ବିଜୟ ସୁନିଶ୍ଚିତ । ହେଲେ ବିଜେପି ବାରମ୍ବାର ଦମ୍ଭୋକ୍ତି ଦେଖାଉଛି, ୪ଟିରୁ ୩ଟି ଆସନ ହାତେଇବ ଦଳ । ସଂଖ୍ୟା ନଥାଇ ମଧ ଶାସକ ଦଳର ଏଭଳି ଦମ୍ଭୋକ୍ତି ରାଜ୍ୟସଭା ଗଣିତକୁ ଓଲଟପାଲଟ କରିବାର ଆଶଙ୍କା ବଢାଇଛି । ଖାସ୍ କରି କ୍ରସ୍ ଭୋଟିଂ ଓ ଘୋଡ଼ା ବେପାରର ସମ୍ଭାବନା ବଢ଼ିଛି । ଅନ୍ୟପଟେ ଶାସକ ଦଳ ପାଇଁ ଏଭଳି ଅଙ୍କକଷା ବୁମେରାଂ ହେବ ବୋଲି କହିଛନ୍ତି ବରିଷ୍ଠ ସାମ୍ବାଦିକ । ବିରୋଧୀ ଦଳରେ ଥିବା ମତାନ୍ତର, ମନାନ୍ତର, ଅସନ୍ତୋଷ ବିଜେପିର ୩ ଆସନ ଦଖଲ ରଣନୀତିକୁ ବଳ ଦେଉଥିବା ଚର୍ଚ୍ଚା ହେଉଛି । ବିରୋଧୀ ଦଳର ଏମିତି କିଛି ବିଧାୟକ ରହିଛନ୍ତି, ଯେଉଁମାନଙ୍କ ବାପା ଅପ୍ରୀତିକର ପରିସ୍ଥିତିରେ ସଜସଜ ଦଳରୁ ବିଦା ହୋଇଛନ୍ତି । ପ୍ରଭାତ ତ୍ରିପାଠୀ, ପ୍ରଭାତ ବିଶ୍ୱାଳ, ମହମ୍ମଦ ମୋକିମଙ୍କ ଘରେ ଗୋଟିଏ ଗୋଟିଏ ବିଧାୟକ ଭୋଟ ରହିଛି । ତେଣୁ ଏ ଭୋଟ କୁଆଡେ ଯିବ ତାହାର ଆକଳନ କରିବା ସହଜ ନୁହେଁ । ସେହିଭଳି ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାର ବିଜେଡି ବିଧାୟକ ବଦ୍ରି ନାରାୟଣ ପାତ୍ର କିଛିଦିନ ତଳେ ଶୀର୍ଷ ନେତାଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇଥିଲେ । ତେଣୁ କ୍ରସ୍ ଭୋଟିଂର ସୁଯୋଗ ସୃଷ୍ଟି ହେଲେ ବଦ୍ରି ବଦଳା ନେବେନି ତ? ଏସବୁ ଭିତରେ ଚର୍ଚ୍ଚା ହେଉଛି, ବିରୋଧୀ ଦଳରେ ଅନେକ ଅସନ୍ତୁଷ୍ଟ ବିଧାୟକ ଦତ୍ତେଶ୍ୱରଙ୍କ ବିଜୟରେ ବଡ ବାଧକ ସାଜିପାରନ୍ତି।

## ପୁଣି ରାଜଧାନୀରେ ...

ଉଭୟ ପକ୍ଷ ମଧରେ ଗଣ୍ଡଗୋଳ ଥାନାକୁ ଯାଇଥିଲା। ଥାନାରେ ଉଭୟ ପକ୍ଷଙ୍କୁ ଡକାଇ ପୁଲିସ ବିବାଦର ଆପୋସ ସମାଧାନ କରିଥିଲା। କିନ୍ତୁ ତା’ପରଠାରୁ ରାହୁଲଙ୍କ ସହ ବିହାରୀ ଗୋଷ୍ଠୀର ଛକାପଞ୍ଝା ଲାଗିରହିଥିଲା। ଶନିବାର ସକାଳେ ବିହାରୀ ଗୋଷ୍ଠୀର କିଛି ଯୁବକଙ୍କ ସହ ରାହୁଲଙ୍କର ପୁଣି ବଚସା ହୋଇଥିଲା । ଏହାପରେ ବିହାରୀ ଗୋଷ୍ଠୀର କିଛି ଯୁବକ ସନ୍ଧ୍ୟାରେ ମଦ ପିଇ ରାହୁଲଙ୍କୁ ଆକ୍ରମଣ ପାଇଁ ଯୋଜନା ପ୍ରସ୍ତୁତ କରିଥିବା ଜଣାପଡ଼ିଛି । ରାହୁଲ ତାଙ୍କର ସାଙ୍ଗଙ୍କ ସହ ପଡ଼ିଆରେ ବସିଥିବା ବେଳେ ଖଣ୍ଡା, ଛୁରି ଧରି ବିହାରୀ ଗୋଷ୍ଠୀ ତାଙ୍କ ଉପରେ ଅତର୍କିତ ଆକ୍ରମଣ କରିଦେଇଥିଲେ। ରାହୁଲ୍ ଜୀବନ ବଞ୍ଚାଇବାକୁ ଦୌଡ଼ିବାରୁ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ ଓ ଛୁରି ଭୁସି ଦେଇଥିଲେ। ଗତ ଦୁଇମାସ ତଳେ ରାହୁଲଙ୍କର ବିବାହ ହୋଇଥିଲା ।

## ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଜୁଇ...

ପାଇଁ ଏକ ମାଷ୍ଟର ପ୍ଲାନ୍ ଉପରେ ଆଲୋଚନା କରାଯିବ। ଯୁଦ୍ଧ ଭାରତର ଅର୍ଥନୀତି ଉପରେ ସିଧାସଳଖ ପ୍ରଭାବ ପକାଇବ। ଭାରତ ଏହାର ୮୦% ରୁ ଅଧିକ ଅଶୋଧିତ ତୈଳ ଆବଶ୍ୟକତା ଆମଦାନୀ କରେ, ଯାହାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଉପସାଗରୀୟ ଦେଶଗୁଡ଼ିକରୁ ଆସିଥାଏ। ଯଦି ଯୁଦ୍ଧ ଯୋଗୁଁ ହର୍ମୁଜ୍ ପ୍ରଣାଳୀ ଅବରୋଧିତ ହୁଏ, ତେବେ ଅଶୋଧିତ ତୈଳ ମୂଲ୍ୟ ଆକାଶଛୁଆଁ ହେବ। ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ଭାରତରେ ଅନିୟନ୍ତ୍ରିତ ମୁଦ୍ରାସ୍ଫୀତି ସୃଷ୍ଟି କରିପାରେ। ଅର୍ଥମନ୍ତ୍ରୀଙ୍କ ସହ ସିସିଏସ ବୈଠକରେ ଏହି ଆର୍ଥିକ ଆଘାତରୁ ବର୍ତ୍ତିବା ପାଇଁ କଣ ଯୋଜନା କରାଯାଇପାରିବ ସେନେଇ ଆଲୋଚନା ହେବାର ସମ୍ଭାବନା ରହିଛି।

# ପ୍ରଧାନମନ୍ତ୍ରୀ ଆବାସ ସାତସପନ: ଜରିପାଲ ତଳେ ସୁଶାନ୍ତଙ୍କ ପରିବାର



ଭଦ୍ରକ, ୦୧/୩ (ନି.ପ୍ର): ଗ୍ରାମାଚଂଳରେ ବସବାସ କରୁଥିବା ଗରିବ ବାସହରା ଲୋକଙ୍କ ପାଇଁ ସରକାରଙ୍କ ପକ୍ଷରୁ ପକ୍କାଗୃହ ଯୋଗାଣ କରାଯିବାର ବିଧିବଦ୍ଧ ବ୍ୟବସ୍ଥା ହୋଇଥିଲେ ମଧ୍ୟ ବନ୍ତ ବ୍ଲକ ରାମପୁର ପଂଚାୟତ ଅଳାଉତି ଡିହସାହି ଗ୍ରାମର ସୁଶାନ୍ତ ଖୁଣ୍ଟିଆଙ୍କ ପରିବାର ପାଇଁ ଏହା ଅପହଂଚ ପାଲଟିଛି । ସୁଶାନ୍ତଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ଘର ଖଣ୍ଡିଏ ପାଇବା ପାଇଁ ବ୍ଲକ ଦୌଡ଼ି ଦୌଡ଼ି ନୟାନ୍ତ ହେଲିବି ତାଙ୍କ ଦୁଃଖ ସରିବା ନା ଧରୁନି। ଘର ପାଇଁ ଅନଲାଇନ କରିଥିଲେ ମଧ ତାଙ୍କ ଭାଗ୍ୟରେ ଘର ଟିଏ ନାହିଁ । ଯଦ୍ୱାରା ପରିବାରର ୪ ପ୍ରାଣୀ ଏବେ ଜରିପାଲ ତଳେ। ୨୦୨୩ ଡିସେମ୍ବର ମାସରେ ଅଗ୍ନିକାଣ୍ଡ ଯୋଗୁ ନିଜର ରୋଜକାର ପନ୍ଥା କରିଚଳୁଥିବା ଧାନହଲର, ଧାନ ପିଟା ମେସିନ, ଗୋରୁଗାଈ,ଛେଳି ସମେତ ଘରର ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା। ସରକାରଙ୍କ ତରଫରୁ ତଦନ୍ତ କରି ଘର ଖଣ୍ଡିଏ ପାଇବା ପାଇଁ ସୁଶାନ୍ତକୁ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମଧ ମିଳିଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ ବିଭାଗ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରିବାରେ ବିଫଳ ହୋଇଛି । ଯଦ୍ୱାରା ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଯାଇଛି। ପରିବାରରେ ସୁଶାନ୍ତ ତାଙ୍କ ସ୍ତ୍ରୀ ସମେତ ନିଜର ୬ ବର୍ଷର ଝିଅ ଓ ୨ ବର୍ଷର ପୁଅକୁ ଖରା ଓ ବର୍ଷାକୁ ଖାତିର ନ କରି ବର୍ଷ ବର୍ଷ ଧରି ଜରିପାଲ ତଳେ ବସବାସ କରୁଛନ୍ତି । ବର୍ଷା ଦିନରେ ତାଙ୍କ ଦୁଃଖ ଦ୍ୱିଗୁଣିତ ହୋଇଯାଇଥାଏ । ଅସଲାଏ ବର୍ଷରେ ଜରିପାଲ ଭିତରେ ପାଣିପଶି ଯାଇଥାଏ। ଏହି ଭଳି ଦୁଃଖ ଦୁର୍ଦ୍ଦିନର ଜୀବନ ଅତିବାହିତ କରୁଥିବା ସୁଶାନ୍ତଙ୍କ ପରିବାର ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ପକ୍କା ଗୃହ ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନ ସମେତ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କୁ ହାତ ଯୋଡ଼ି ଗୁହାରି କରାଯାଇଛି।

୦୨ ମାର୍ଚ୍ଚ ୨୦୨୬, ସୋମବାର

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ସାଇକେଲରେ ଭାରତ ଭ୍ରମଣକାରି ତ୍ରିଲୋଚନ ସମ୍ବର୍ଦ୍ଧିତ

ତିହିଡ଼ି, ୦୧/୩ (ନି.ପ୍ର): ଛାତ୍ର ଜୀବନରୁ ସେବା ମନୋଭାବ ନେଇ। ବିଭିନ୍ନ ସମୟ ରେ ବୃକ୍ଷ ରୋପଣ,୩୮ ଥର ରକ୍ତଦାନ, ଅସହାୟ ଙ୍କୁ କମ୍ବଳ ବଣ୍ଟନ, ଅନାଥ ଆଶ୍ରମ, ବୃଦ୍ଧା ଆଶ୍ରମ ରେ ଅସହାୟ ଙ୍କୁ ସାହାଯ୍ୟ ସହଯୋଗ କରିବା ଆଦି କାର୍ଯ୍ୟ କରି ଜନ ମାନସ ପ୍ରଶଂସିତ ହୋଇଥିବା ସବୁଠାରୁ ବଡ଼ କଥା ହେଲା ଯକ୍ଷ୍ମା ରୋଗ ର ପ୍ରତିକାର ପାଇଁ ସାଇକେଲ ଯୋଗେ ଭାରତ ଭ୍ରମଣ କରି ସଚେତନତା କରିଥିବା ତ୍ରିଲୋଚନ ମହାଳିକ ଙ୍କୁ ରାଜ୍ୟ ସ୍ତରୀୟ ଯୁବ ପ୍ରତିଭା ସମ୍ମାନ ରେ ସମ୍ମାନୀତ କରାଯାଇଛି। ଯାଜପୁର ଜିଲ୍ଲା କୁଆଖିଆ ସ୍ଥିତ ଲାୟନ୍ସ କ୍ଲବ ପରିସରରେ , 'ଛୋଟ ମୋର ଗାଁଟି' ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ର ବାର୍ଷିକ ଉତ୍ସବରେ ରେ ତ୍ରିଲୋଚନ ଙ୍କୁ ରାଜ୍ୟ ସ୍ତରୀୟ ଯୁବ ପ୍ରତିଭା ସମ୍ମାନ ରେ ସମ୍ମାନୀତ କରାଯାଇଛି। ଏହି ବାର୍ଷିକ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ମାନେ ଅତିଥି ଭାବେ ଯୋଗଦେଇ ରାଜ୍ୟ ସ୍ତରୀୟ ଯୁବ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତେବେ ୨୦୧୯ ମସିହାରେ ତ୍ରିଲୋଚନ ସାଇକେଲ ଯୋଗେ ଭାରତ ଭ୍ରମଣ କରିଥିଲେ। ଏହି ସମୟରେ ଭାରତ ର ୧୨ ରାଜ୍ୟ ର ୭୦୦୦ କିଲୋମିଟର ଅତିକ୍ରମ କରି ଲୋକ ମାନଙ୍କୁ ଯକ୍ଷ୍ମା ରୋଗ ବିଷୟ ରେ ସଚେତନ କରିଥିଲେ। ବିଭିନ୍ନ ସ୍କୁଲ,କଲେଜ, ବଜାର,




ଛକ ଆଦି ସ୍ଥାନ ରେ ପ୍ରଚାର ପତ୍ର ଓ ପଥ ପ୍ରାନ୍ତ ସଭା ମାଧ୍ୟମରେ ସଚେତନତା କରିଥିଲେ। ରାଜ୍ୟ ସ୍ତରୀୟ ଯୁବ ପ୍ରତିଭା ସମ୍ମାନ ରେ ସମ୍ମାନୀତ ହେବା ପରେ ତ୍ରିଲୋଚନ ଙ୍କୁ ବିଭିନ୍ନ ମହଲ ରୁ ପ୍ରଶଂସା ମିଳୁଥିବା ବେଳେ ତ୍ରିଲୋଚନ ଆୟୋଜକ ଅନୁଷ୍ଠାନ କୁ ଧନ୍ୟବାଦ ଦେଇଛନ୍ତି।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ

### ବାରିପଦାରେ ଜିଲ୍ଲା ଯୋଜନା ବୈଠକ ଅନୁଷ୍ଠିତ



ବାରିପଦା, ୦୧/୩ (ନି.ପ୍ର): ଆଜି ବିଜେପି ମୟୂରଭଞ୍ଜ ପୂର୍ବ ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ବାରିପଦାର ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନର ଜିଲ୍ଲା ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଜେପି ରାଜ୍ୟ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ଉପ ସଭାନେତ୍ରୀ ତଥା ପ୍ରଭାରୀ ସିପ୍ରା ବାଜପେୟୀ, ଉଦଳା ବିଧାୟକ ଭାସ୍କର ମଢେଇ, ବଡସାହି ବିଧାୟକ ସନାତନ ବିଜୁଳି, ରାଜ୍ୟ ଅନୁସୂଚିତ ଜନଜାତି ମୋର୍ଚ୍ଚାର ସଭାପତି କାନ୍ଦରା ସୋରେନ, ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ, ଉଦଳା ମ୍ୟୁନିସିପାଲଟିର ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ସୁଗୁଦା ମୁର୍ମୁ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଶିବିର ର ଲକ୍ଷ ଏବଂ ଉଦେଶ୍ୟ ବିଷୟରେ ଆଲୋଚନା କରିବା ସହ ରାଜ୍ୟ ବଜେଟ, ସମର୍ପଣ ନିଧି, ଏସଆଇଆର ବିଷୟରେ ଚର୍ଚ୍ଚା କରିଥିଲେ। ଜିଲ୍ଲା ସମ୍ପାଦକ ପ୍ରବୀଣ ପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ, ଅନ୍ୟତମ ସମ୍ପାଦକ ପ୍ରଦୀପ ମହାନ୍ତି ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରାଣକୃଷ୍ଣ ବେରା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିବିରରେ ରାଜ୍ୟ ଜିଲ୍ଲା ନେତୃତ୍ୱଙ୍କ ସହ ଜିଲ୍ଲାର ୨୦୦ ରୁ ଅଧିକ ମଣ୍ଡଳ ସ୍ତରୀୟ କର୍ମକର୍ତ୍ତା ଯୋଗଦେଇଥିଲେ।

## ଦକ୍ଷତା ମହାକୁମ୍ଭରେ ଗ୍ରାଫିକ୍ସ ଡିଜାଇନରଙ୍କ ପରାକାଷ୍ଠା

ଭୁବନେଶ୍ୱର, ୦୧/୩ (ନି.ପ୍ର): ଦକ୍ଷତା ମହାକୁମ୍ଭରେ ଚାଲିଛି ଦକ୍ଷତାର ମହାସମର ଓ ଗ୍ରାଫିକ୍ସ ଡିଜାଇନ୍ ବିଭାଗରେ ପ୍ରତିଯୋଗି ଦେଖାଉଛନ୍ତି ନିଜର ପରାକାଷ୍ଠା । ଚାଲିଛି ଜୋରଦାର ପ୍ରତିଯୋଗୀତା ଓ ବିଭିନ୍ନ ବିଭାଗରେ ପ୍ରତିଯୋଗୀତା ହେଉଥିବା ବେଳେ ଗ୍ରାଫିକ୍ସ ଡିଜାଇନ୍ ରେ ବି ଓଡ଼ିଶା ସମେତ ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ର ପ୍ରତିଯୋଗୀ ମାନେ ଗ୍ରାଫିକ୍ସ ଡିଜାଇନ୍ ଉପରେ ପ୍ରସ୍ତୁତ କରୁଛନ୍ତି ପ୍ରୋଜେକ୍ଟ ଓ ସମସ୍ତ ପ୍ରୋଜେକ୍ଟରୁ ଦୁଇଟିକୁ ପ୍ରୋଜେକ୍ଟ ଚୟନ ହେବାକୁ ଥିବା ବେଳେ ଗ୍ରାଫିକ୍ସ ଡିଜାଇନକୁ ନେଇ ଆଗକୁ ବହୁତ ବଡ଼ ସୁଯୋଗ ରହିଚି ଯେଉଁଥିରେ ଓଡିଶାର ଯୁବକ ମାନେ ନିଜର କ୍ୟାରିଅର ଗଠନ କରିପାରିବେ।

## ବାଲିଆପାଳ ଜଗନ୍ନାଥ ସେବା ସଂସ୍ଥାର ୨୨ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ

ବାଲିଆପାଳ, ୦୧/୩ (ନି.ପ୍ର): ରବିବାର ଅପରାହ୍ନରେ ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିଆପାଳ ପଞ୍ଚାୟତର କଚୁଆପଡ଼ା ସତସଙ୍ଗ କେନ୍ଦ୍ର ପରିସରରେ ଥିବା ଜଗନ୍ନାଥ ସେବା ସଂସ୍ଥାର ୨୨ ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କବି ବ୍ରଜେନ୍ଦ୍ର ନାଥ ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶାଳୀକୁଠା ବାଗିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ବିଶିଷ୍ଟ କବି ବିବେକାନନ୍ଦ ସାହୁ, ମୁଖ୍ୟ ବକ୍ତା ଭାବରେ ଅବରର ପ୍ରାପ୍ତ ଅଧ୍ୟକ୍ଷ ଡ. ବିଜୟ କୁମାର ଦେ,ସମ୍ମାନିତ ଅତିଥି କବି ସୁକୁମାର ଦାସ, ଅଧ୍ୟାପକ ଦୟାନିଧି ସାହୁ,ବରିଷ୍ଠ ସାମ୍ବାଦିକ ଅଜୟ



କୁମାର ସାହୁ,କବି ରଞ୍ଜନ କୁମାର ଘୋଷ ଏବଂ ଜଗନ୍ନାଥ ସେବା ସଂସ୍ଥାର ପ୍ରତିଷ୍ଠାତା ଜଗନ୍ନାଥ ପ୍ରଧାନ ପ୍ରମୁଖ ଯୋଗ ଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିବା ସହିତ ଜଗନ୍ନାଥ ସେବା ସଂସ୍ଥା ବାର୍ଷିକ ପତ୍ରିକା ଆମ ଗୌରବକୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଡ଼ଃ ରଶ୍ମିତା ପାଣିଗ୍ରାହୀ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଡ଼ଃ ଝାଡେଶ୍ୱର ପ୍ରଧାନ ସ୍ୱାଗତ ଭାଷଣ ସହିତ ବାର୍ଷିକ ବିବରଣୀ ପାଠ ଏବଂ ଆମ ଗୌରବ ପତ୍ରିକାର ସମୀକ୍ଷା କରିଥିଲେ। ସଂସ୍ଥାର ବରିଷ୍ଠ ସଦସ୍ୟ ସମାଜସେବୀ ଭୁବନ ମୋହନ ପିଳା ଧନ୍ୟବାଦ ଦେଇଥିଲେ। ବାର୍ଷିକ ଉତ୍ସବରେ ବହୁ କବି ସାହିତ୍ୟକ ତଥା ସମାଜସେବୀ ମାନେ ଯୋଗ ଦେଇଥିଲେ। ଶେଷରେ ସଂସ୍ଥାର ପ୍ରତିଷ୍ଠାତା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗନ୍ନାଥ ପ୍ରଧାନ ଓ ତାଙ୍କ ସହଧର୍ମିଣୀ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ଶଙ୍କରୀମଣୀ ପ୍ରଧାନଙ୍କୁ ସମସ୍ତ ଅତିଥି ଓ ବହୁ ବିଶିଷ୍ଟ ବ୍ୟକ୍ତି ମାନେ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ।

## ଜାତୀୟ ଏଚପିଭି ଟୀକାକରଣ ଅଭିଯାନ ଶୁଭାରମ୍ଭ

ବାଲେଶ୍ୱର, ୦୧/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ଜାତୀୟ ଏଚପିଭି ଟୀକାକରଣ ଅଭିଯାନ-୨୦୨୬ ଉଦ୍ଘାଟନୀ ଉତ୍ସବ ଓ ସଚେତନତା ସଭା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ନାରାୟଣ ଚନ୍ଦ୍ର ପ୍ରଧାନ, ମାନ୍ୟବର ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ତାଙ୍କ ସହିତ ଶ୍ରୀଯୁକ୍ତ ପ୍ରଭାତ କୁମାର ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଡ଼ାକ୍ତର ଶ୍ରୀଯୁକ୍ତ ପରେଶ ନନ୍ଦୀ, ସହକାରୀ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ପରିବାର ନିୟୋଜନ, ଡ଼ାକ୍ତର ଶ୍ରୀଯୁକ୍ତ ସଞ୍ଜୀବ ପ୍ରଧାନ, ସହକାରୀ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ କୁଷ୍ଠ, ଶ୍ରୀଯୁକ୍ତ ଚକ୍ରଧର ଜେନା, ଡି ପି ଏମ, ଶ୍ରୀଯୁକ୍ତ ଜିତେନ୍ଦ୍ର ବିଶ୍ୱାଳ,



ଡି ଏମ ଆର ସି ଏଚ, ଶ୍ରୀଯୁକ୍ତ ରଞ୍ଜନ କୁମାର ମହନ୍ତ, ଡି ଭି ଏଲ ଏମ, ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ପାଢ଼ୀ, ଡାକ୍ତରଖାନା ପରିଚାଳକ, ଶ୍ରୀଯୁକ୍ତ ବିଶ୍ୱ ରଞ୍ଜନ ନାୟକ, ଡି ପି ସି ଯକ୍ଷ୍ମା, ଶ୍ରୀଯୁକ୍ତ ମନୋଜ କୁମାର ଦାସ, ଶ୍ରୀମତୀ ରଞ୍ଜିତା ରାଣୀ ସାହୁ,ଶ୍ରୀମତୀ ନୀଳାଦ୍ରି ଜେନା,ଶ୍ରୀଯୁକ୍ତ ଭବାନୀ ଶଙ୍କର ମହନ୍ତ, ଶ୍ରୀଯୁକ୍ତ ଦେବାଶିଷ ପ୍ରଧାନ ସହିତ ଆଶା ଦିଦି ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଦୀର୍ଘ ତିନି ମାସ ଧରି ଚାଲୁ ରହିବ। ପ୍ରଥମ ମାସ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ଏବଂ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ହେବାର କାର୍ଯ୍ୟକ୍ରମ ରହିଛି। ପରବର୍ତ୍ତୀ ଦୁଇ ମାସ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମାନଙ୍କରେ ଟୀକାକରଣ ହେବ।ଏହା ମୁଖ୍ୟତଃ ଝିଅ ପିଲା ଯେଉଁ ମାନେ ୧୪ ତମ ଜନ୍ମ ଦିବସ ପାଳନ ପରେ ମାତ୍ର ୧୫ ତମ ଜନ୍ମ ଦିବସ ପାଳନ ହୋଇ ନ ଥିବ ସେହି ମାନେ ଟୀକା ନେଇପାରିବେ। ଏହା ମୁଖ୍ୟତଃ ଗୋଟିଏ ମାତ୍ରା ଦିଆଯିବ। ଯୌନ ସଂପର୍କ ପୂର୍ବରୁ ଏହି ଟୀକା ନେଲେ ଜରାୟୁ ଗ୍ରିବା କର୍କଟ ରୋଗରୁ ସୁରକ୍ଷା ଅଧିକ ଫଳପ୍ରଦ ହେବ। ଏବେ ଗାଡାସିଲ ୪(୬ ୧୧ ୧୬ ୧୮) ଟୀକା ଦିଆଯାଉଛି। ସମଗ୍ର ବାଲେଶ୍ୱର ଜିଲ୍ଲାରେ ଏହି ତିନି ମାସ ମଧ୍ୟରେ ୨୫୭୩୪ ଜଣଙ୍କୁ ଟୀକାକରଣ କରାଯିବାର ଲକ୍ଷ୍ୟ ରଖା ଯାଇଛି। ଆଜି ଉଦଘାଟନୀ ଉତ୍ସବରେ ୩୦ ଜଣ ଝିଅ ପିଲାଙ୍କୁ ସଫଳତାର ସହିତ ଟୀକାକରଣ ସହିତ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ସାହୁ, ଭାରପ୍ରାପ୍ତ ଜିଲ୍ଲା ଯୋଗାଯୋଗ ଅଧିକାରୀଙ୍କ ପରିଚାଳନାରେ ହୋଇଥିଲା ଓ ଶେଷରେ ଜିତେନ୍ଦ୍ର ବିଶ୍ୱାଳ, ଡି ଏମ ଆର୍ ସି ଏଚ ଧନ୍ୟବାଦ ଜଣାଇଥିଲେ।

## ଜମ୍ମୁ-କଶ୍ମୀରର ଡୋଡାରେ ଭୂକମ୍ପ ଝଟ୍‌କା ଅନୁଭୂତ

ନୂଆଦିଲ୍ଲୀ,୦୧/୩ : ରବିବାର ସକାଳେ ଜମ୍ମୁ-କାଶ୍ମୀରର ପାହାଡ଼ିଆ ଡୋଡା ଜିଲ୍ଲାରେ ୪.୨ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଅଧିକାରୀମାନେ କହିଛନ୍ତି ଯେ କେଉଁଠାରୁ କୌଣସି କ୍ଷତି ସମ୍ପର୍କରେ ଖବର ମିଳିନାହିଁ। ପାଣିପାଗ ବିଭାଗର ଗୋଟିଏ ଅଧିକାରୀ କହିଛନ୍ତି ଯେ ଭୂକମ୍ପର ଝଟକା ରାତି ୧ଟା ୨୫ ମିନିଟରେ ଅନୁଭୂତ ହୋଇଥିଲା। ଅଧିକାରୀ କହିଛନ୍ତି ଯେ ଭୂକମ୍ପର କେନ୍ଦ୍ର ପୃଥିବୀର ପୃଷ୍ଠରୁ ୫ କିଲୋମିଟର ତଳେ ଥିଲା ଏବଂ ଏହାର ଅକ୍ଷାଂଶ ୩୩.୦୮ ଡିଗ୍ରୀ ଉତ୍ତର ଏବଂ ଦେଶାଂଶ ୭୬.୧୭ ଡିଗ୍ରୀ ପୂର୍ବରେ ଥିଲା।

## ସମାଜସେବୀ ସୁରେନ୍ଦ୍ର ଦାସଙ୍କ ସ୍ମୃତିସଭା



ରେମୁଣା, ୦୧/୩ (ନି.ପ୍ର): ବିଶିଷ୍ଟ ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ପିତା, ସୁରେନ୍ଦ୍ର ନାରାୟଣ ଦାସ (୯୯)ଙ୍କ ବିୟୋଗରେ ଏକ ସ୍ମୃତି ସଭା ତାଙ୍କ ଜନ୍ମମାଟି ନୂଆ ଗାଁ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଉତ୍ତରରେମୁଣା ଅବସର କର୍ମଚାରୀ ସଂଘର ସଭାପତି ଯୋଗେନ୍ଦ୍ର ନାଥ ସିଂହଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ବିଧାୟକ, ରାଜେନ୍ଦ୍ର ରାଉତ, ରେମୁଣା ବ୍ଲକ୍ ଅଧ୍ୟକ୍ଷ, ଅଭିମନ୍ୟୁ ଧଳା, ଅଜୟ ମହାଳିକ, ଶୁଭେନ୍ଦୁ ମଙ୍ଗରାଜ, ଅଧ୍ୟାପକ ପ୍ରଶାନ୍ତ କୁମାର ବରାଳ, ଜଗବନ୍ଧୁ ମହାପାତ୍ର, ସାହିତ୍ୟିକ ସୃଷ୍ଟିଧର ପରିଡ଼ା, ଡ. କାଳୀପଦ ପଣ୍ଡା, ନିରଞ୍ଜନ ସାହୁ, ବୃନ୍ଦାବନ ବେହେରା, ପ୍ର. ଶତ୍ରୁଘ୍ନ ମଲ୍ଲିକ, ଅଜୟ ମହାନ୍ତି, ଡ. ଶ୍ୟାମସୁନ୍ଦର ପଣ୍ଡା, ଡ. ମନୋରଂଜନ ଦାଶ, ଡ. ଗୋକୁଳ ଚନ୍ଦ୍ର ନାୟକ, ରମେଶ ସାମଲ, ଡ. ଚିତ୍ତରଂଜନ କୁଣ୍ଡୁ, ଡ. ସମର ବଲ୍ଲଭ ଭୋଇ, ଶାନ୍ତିଲତା ମହାନ୍ତି, ସୁନାମଣି ଜେନା, ସତ୍ୟଭାମା ମୁଦୁଲି, ଜଳଧର ଦାସ, ରଘୁନାଥ ଦାସ, ବାସୁଦେବ ବେହେରା, ପ୍ରଭାତ ଆଚାର୍ଯ୍ୟ, ସର୍ବେଶ୍ୱର ସାନ୍ତରା, ଝାଡ଼େଶ୍ୱର କଲେଜ ଚେୟାରମ୍ୟାନ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଦାସଙ୍କ ଜୀବନର ମହନିୟ ଗୁଣାବଳୀ ସଂପର୍କରେ ଆଲୋଚନା କରିବା ସହ ସେ ଏକାଧାରରେ ଜଣେ ସମାଜସେବୀ ଅନୁଷ୍ଠାନପ୍ରେମୀ, କୀର୍ତ୍ତନଗୁରୁ ଓ ଅଭିନେତା ଭାବରେ ଏ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ ବୋଲି ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ବିକର୍ତ୍ତନ ନାୟକ, ଭଗୀରଥ ମହାନ୍ତି, ଗିରିଶ କୁମାର ଷଡ଼ଙ୍ଗୀ ସମେତ ପଚାଶରୁ ଉର୍ଦ୍ଧ୍ୱ ବୁଦ୍ଧିଜୀବ, ସାହିତ୍ୟିକମାନେ ବକ୍ତବ୍ୟ ରଖିଥିଲେ। ଅସିତ କୁମାର ମଙ୍ଗରାଜ ଅତିଥିଙ୍କୁ ମଞ୍ଚ ଆବାହନ କରିଥିବା ବେଳେ ଶୁଭମ୍ କୁମାର ଦାସ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ ।

## ପ୍ରଧାନଶିକ୍ଷକ ହିମାଂଶୁ ଶେଖର ପଣ୍ଡାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଲଙ୍ଗଳେଶ୍ୱର, ୦୧/୩ (ନି.ପ୍ର): କର୍ମ ପ୍ରତି ଶ୍ରଦ୍ଧା ଓ ଜୀବନବ୍ୟାପି ସାଧନା ପାଇଁ ସିଂହବାହିନୀ ସଂସ୍କୃତ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ପଣ୍ଡା ଅନ୍ୟ ମାନଙ୍କ ପାଇଁ ପ୍ରେରଣା ବୋଲି ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ରେ ଅତିଥି ଗଣ ମତ ପ୍ରକାଶ କରିଛନ୍ତି। ସିଆରସିସି ପୂର୍ଣଚନ୍ଦ୍ର ମଣ୍ଡଳଙ୍କ ସଭାପତିତ୍ୱରେ ଭେଳପୁରା ସରକାରୀ ଉ ପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କ୍ଲଷ୍ଟର ସ୍ତରୀୟ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ରେ ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ କାଳିଚରଣ ସାମନ୍ତରାୟ, ମୁଖ୍ୟ ବକ୍ତା ଭାବେ ସମିତି ସଭ୍ୟ ଶାନ୍ତନୁ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ସତ୍ୟ ରଞ୍ଜନ ସାମଲ, ଅମରେଶ ନନ୍ଦୀ, ଧନଞ୍ଜୟ ଜେନା, ସୁବ୍ରତ ଜେନା, ଅଜୟ ପାଢ଼ୀ, ଅବନୀ ଗିରି, ହରପ୍ରିୟା ପତି, ଶ୍ୱେତପଦ୍ମା ଦାସ, ରଂଜିତା ଦାସ, ସବିତାରାଣୀ ବେହେରା ପ୍ରମୁଖ ଯୋଗ ଦେଇ ଶ୍ରୀଯୁକ୍ତ ପଣ୍ଡାଙ୍କ ବହୁମୁଖୀ ପ୍ରତିଭା ଓ ଆଦର୍ଶ ଶିକ୍ଷକତା ଗୁରୁକୁଳ ପାଇଁ ପ୍ରେରଣା ବୋଲି ବକ୍ତବ୍ୟ ରଖିଥିଲେ।

## ଉପଖଣ୍ଡ ଚିକିତ୍ସାଳୟ ଡାକ୍ତରଙ୍କ ମାନମାନି ପ୍ରତିବାଦରେ ଧାରଣା

ନୀଳଗିରି , ୦୧/୩ (ନି.ପ୍ର): ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତରଙ୍କ ମନମାନି ପ୍ରତିବାଦରେ ଆଜି ସନ୍ଧ୍ୟାରେ କିଛି ଯୁବକ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଔପଦା ବ୍ଲକ୍ ବାଉଁଶବଣିଆ ପଞ୍ଚାୟତ ସାନପାଟପୁର ଗ୍ରାମର ସନ୍ତୋଷ ରାଉତ (୨୯) ନାମକ ଯୁବକ ଏବଂ ତାଙ୍କ ସ୍ତ୍ରୀ ରାଜଶ୍ରୀ ରାଉତଙ୍କ ମଧ୍ୟରେ ପାରିବାରିକ କଳହ କାରଣରୁ ରାଜଶ୍ରୀ କସବାଜୟପୁର ସ୍ଥିତ ବାପଘରେ ରହୁଥିଲେ। ଗତ ଫେବୃଆରୀ ୨୦ତାରିଖ ରାଜଶ୍ରୀ ଏବଂ ତାଙ୍କ ସାନଭଉଣୀ ଲିପ୍ସା ଦାସ ନିଜଛୁଆ ପାଇଁ ସାନପାଟପୁର ସ୍ଥିତ ଅଙ୍ଗନୱାଡ଼ିକୁ ଆସିଥିବା ବେଳେ ରାଜଶ୍ରୀଙ୍କ ଶାଶୁ ସୁମତି ଓ ଶଶୁର ଉମାକାନ୍ତ ବୋହୂଙ୍କୁ ଗାଳିଗୁଲଜ କରିବାସହିତ ମାରଧର କରିଥିଲେ। ଏନେଇ ନୀଳଗିରି ହସ୍ପିଟାଲରେ ଉଭୟ ଭଉଣୀକୁ ଆଡ଼ମିଶନ କରାଯାଇ ଚିକିତ୍ସା କରାଯାଇଥିଲା।ଏହି ଘଟଣାରେ ରାଜଶ୍ରୀଙ୍କ ମାଆ ମମତା ଦାସ ନୀଳଗିରି ଥାନାରେ ରିପୋର୍ଟ କରିବାପରେ ନୀଳଗିରି ପୋଲିସ ସନ୍ତୋଷଙ୍କ ବାପା ଏବଂ ମାଆଙ୍କୁ ଗିରଫକରି ଜେଲହାଜତକୁ ପଠାଇ ଦେଇଥିଲେ। ତେବେ ଘଟଣାର ସମାଧାନ ହୋଇଥିବା ବେଳେ ସୋମବାର ଉମାକାନ୍ତ ଏବଂ ସୁମତୀ ଙ୍କୁ ବେଲ ହେବାର ଥିଲା। ମାତ୍ର ନୀଳଗିରି ହସ୍ପିଟାଲର ଡାକ୍ତର ସିଗମା ଶତପଥୀ ଇଞ୍ଜୁରି ରିପୋର୍ଟ ଦେବାକୁ ଥିବାବେଳେ ହସ୍ପିଟାଲ କତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରିଥିଲେ। ରବିବାର ଡାକ୍ତର ଶତପଥୀଙ୍କର ହସ୍ପିଟାଲ ଡିୟୁଟି ଚାର୍ଟରେ ରବିବାର ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଡିୟୁଟି ଥିଲେହେଁ ଡାକ୍ତରଙ୍କ ଅନୁପସ୍ଥିତି ଥିବାରୁ ଇଞ୍ଜୁରୀ ରିପୋର୍ଟ ମିଳିପାରିନଥିଲା। ଫଳରେ ଦୋଳ ଏବଂ ହୋଲି ଉପଲକ୍ଷେ କୋର୍ଟ ବନ୍ଦରହିବାକୁ ଆଶଙ୍କାକରି ପୁଅ ସନ୍ତୋଷଙ୍କ ସହିତ ରଣଜିତ୍ କୁମାର ପଣ୍ଡିତ, ରାଜେଶ କୁମାର ରାଉତ, ପର୍ଶୁରାମ ରାଉତ, ଜଳଧର ପଣ୍ଡିତ ଲପକ ପଣ୍ଡିତ, ବିନୋଦ ସେଠୀ, ଅଶ୍ୱିନୀ ପାତ୍ର ପ୍ରମୁଖ ବହୁଯୁବକ ହସ୍ପିଟାଲ କତୃପକ୍ଷଙ୍କ ମନମାନିକୁ ବିରୋଧକରି ହସ୍ପିଟାଲ ଗେଟ୍ ସମ୍ମୁଖରେ ଧାରଣାରେ ବସିଥିଲେ। ଶେଷରେ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଧାରଣାସ୍ଥଳରେ ପହଞ୍ଚି ଇଞ୍ଜୁରି ରିପୋର୍ଟ ଦେବାକୁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଅଧ୍ୟାପକ ଓ ଗୁରୁଜୀ ଗୁରୁମା ଆବଶ୍ୟକ

ବାଣୀପୀଠ ଦ୍ୱାରା ପରିଚାଳିତ (ଆବାସିକ) ବିବେକାନନ୍ଦ ହାୟାର ସେକେଣ୍ଡାରୀ ସ୍କୁଲ ଏବଂ ଓଡ଼ିଆ, ଇଂରାଜୀ ମାଧ୍ୟମ ବିଦ୍ୟାଳୟ ତରଫରୁ ନିମ୍ନଲିଖିତ ପଦବୀ ପାଇଁ ଇଚ୍ଛୁକ ପ୍ରାର୍ଥୀ / ପ୍ରାର୍ଥିନୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଉକ୍ତ ପଦବୀ ପାଇଁ ଆସନ୍ତା ତା ୦୮/ ୦୩ / ୨୦୨୬ ରିଖ ରବିବାର ଦିବା ୧୦ ଟାରେ ବଡ଼ସାହି ଠାରେ ସିଧାସଳଖ ସାକ୍ଷାତକାର ଅନୁଷ୍ଠିତ ହେବ । ଫୋନରେ ଯଥାଶୀଘ୍ର ନିଜର ନାମ ପଞ୍ଜିକରଣ କରନ୍ତୁ । ସାକ୍ଷାତକାର ପୂର୍ବରୁ ଶିକ୍ଷାକେନ୍ଦ୍ର କାର୍ଯ୍ୟାଳୟରେ ୨୦୦ ଟଙ୍କା ଜମାକରି ନିର୍ଦ୍ଧାରିତ ଫର୍ମରେ ବାୟୋଡାଟା, ଯୋଗ୍ୟତା ପ୍ରମାଣପତ୍ର ଓ ଫଟୋ ସହିତ ଆବେଦନ କରିବାକୁ ପଡ଼ିବ ।

◆ *ଅଧ୍ୟାପକ :* ଫିଜିକ୍ସ / କେମେଷ୍ଟ୍ରୀ / ମେଥମେଟିକ୍ସ / ବୋଟାନି / ଜୁଲୋଜୀ / ଆଇଟି / ଇକୋନୋମିକ୍ସ / ପଲଟିକାଲ ସାଇନ୍ସ / ଇଂରାଜୀ / ହିନ୍ଦୀ / ସଂସ୍କୃତ / ଲଜିକ୍ / କ୍ଲର୍କ / ପିଅନ / ମେଲ, ଫିମେଲ ୱାର୍ଡେନ / କୁକ୍ ।

◆ *ଗୁରୁଜୀ / ଗୁରୁମା :* ଆର୍ଟସ୍ ( ଓଡ଼ିଆ, ଇଂରାଜୀ, ଇତିହାସ, ଭୂଗୋଳ ) / ପିସିଏମ୍ / ସିବିଜେଡ୍ / ହିନ୍ଦୀ / ସଂସ୍କୃତ / କ୍ରୀଡ଼ା ଓ ଯୋଗ / କମ୍ପ୍ୟୁଟର / ସୁପରଭାଇଜର / ପିଅନ / ସିକ୍ୟୁରିଟି ଗାର୍ଡ / ରୋଷେୟା ।

◆ *ଗୁରୁଦକ୍ଷିଣା :* ଟ୧୦,୦୦୦ଙ୍କା ରୁ ଟ୪୦,୦୦୦ଙ୍କା (ଦକ୍ଷତା ସମ୍ପନ୍ନ ଅଭିଜ୍ଞ ପ୍ରାର୍ଥୀ / ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ । ଛାତ୍ରାବାସରେ ରହିବା, ଖାଇବାର ସୁବିଧା ଅଛି)

**ଯୋଗାଯୋଗ :**

*ସମ୍ପାଦକ - ବାଣୀପୀଠ ଚେରିଟେବୁଲ ଟ୍ରଷ୍ଟ, ବିବେକାନନ୍ଦ ବିହାର, ବଡ଼ସାହି, ମୟୂରଭଞ୍ଜ - ୭୫୭୦୨୬*

*ମୋ : ୯୮୬୧୦୫୯୮୮୩ / ୯୮୬୧୮୧୨୦୦୦ / ୭୦୦୮୫୮୫୬୭୯ / ୯୮୫୩୩୩୮୭୪୧*

## କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ମାର୍ଚ୍ଚ ୧୫ରେ ଜିଲ୍ଲାସ୍ତରୀୟ ସମ୍ମିଳନୀ

ବାଲେଶ୍ୱର, ୦୧/୩ (ନି.ପ୍ର): ଗତ ତିନିବର୍ଷ ଧରି ବାଲେଶ୍ୱରରେ ଏକ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି ପ୍ରତି ସରକାର କର୍ଣ୍ଣପାତ କରୁନଥିବାରୁ ଚଳିତ ମାର୍ଚ୍ଚ ମାସ ୧୫ ତାରିଖ ଦିନ 'ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ସମିତି'ର ଜିଲ୍ଲାସ୍ତରୀୟ ବାର୍ଷିକ ସମ୍ମିଳନୀରେ ସମସ୍ତ ବ୍ଲକ୍ ଓ ଓ ପଞ୍ଚାୟତସ୍ତରର ପ୍ରତିନିଧି ଯୋଗଦେଇ ଆଗାମୀ ଦିନରେ ଚରମ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ସମ୍ମିଳନୀ ପ୍ରସ୍ତୁତି କମିଟି ବୈଠକରେ ଆହ୍ୱାନ ଦିଆଯାଇଛି। ରବିବାର ଦିନ ଅପରାହ୍ନରେ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସମିତିର ସଭାପତି ଡ.




କେଶବ ଚରଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସାଧାରଣ ସଂପାଦକ ଅଭୟ କୁମାର ମିଶ୍ର ଆଗାମୀ ଜିଲ୍ଲା ସମ୍ମିଳନୀ ସ୍ଥାନୀୟ ଷ୍ଟେସନ କ୍ଲବ୍‌ରେ ଅନୁଷ୍ଠିତ ହେବ ବୋଲି ଜଣାଇଥିଲେ। ନିରଞ୍ଜନ ପରିଡ଼ା ଓ ଗିରୀଶ ଚନ୍ଦ୍ର ଦାଶ କହିଲେ ଯେ, କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଉପରେ ଗୁରୁତ୍ୱ ଦେଉଥିବାବେଳେ ଉତ୍ତର ଓଡ଼ିଶାର କୃଷି ଓ କୃଷକର ହିତ ଦୃଷ୍ଟିରୁ କୃଷି ସଂପର୍କିତ ଏକ ବୈଷୟିକ ଉଚ୍ଚ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଦାବି ପ୍ରତି ଗୁରୁତ୍ୱ ନ ଦେବା ଘଟଣା ଜିଲ୍ଲାବାସୀଙ୍କୁ ବିସ୍ମିତ କରିଛି। ଏହି ଆଲୋଚନାରେ ଅଂଶଗ୍ରହଣ କରି ବିଭିନ୍ନ ବ୍ଲକ୍ କମିଟି ପକ୍ଷରୁ ଦିଲ୍ଲୀପ ଗିରି, ମହେଶ୍ୱର ପଣ୍ଡା, ଗୋବିନ୍ଦ ଚନ୍ଦ୍ର ଭୋଇ, ଅଜିତ୍ କୁମାର ମହାନ୍ତିଙ୍କ ସମେତ ରମେଶ ଚନ୍ଦ୍ର ଜେନା, ଭୂପତି କୁମାର ପାତ୍ର, ଭାସ୍କର ଚନ୍ଦ୍ର ପାଢ଼ୀ, ହରନାରାୟଣ ମଢୁଆଳ, ପ୍ରଫୁଲ୍ଲ ଦାସ, ଅକ୍ଷୟ କୁମାର ତ୍ରିପାଠୀ, ଶ୍ୟାମାଚରଣ ଦାସ ଓ ଶ୍ୟାମସୁନ୍ଦର ଜେନା ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଆସନ୍ତା ସମ୍ମିଳନୀରେ ବାଲେଶ୍ୱର ସାଂସଦ ଓ ସମସ୍ତ ବିଧାୟକ, ବ୍ଲକ୍ ଅଧ୍ୟକ୍ଷ, ସରପଞ୍ଚଙ୍କ ସମେତ ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ, କୃଷକ ସଂଗଠନମାନଙ୍କୁ ଯୋଗଦେବାପାଇଁ ନିମନ୍ତ୍ରଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସରସ୍ୱତୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଗସ୍ତକୁ ନେଇ ପୋଲିସର ବଡ଼ ବୈଠକ

ଭୁବନେଶ୍ୱର, ୦୧/୩ (ନି.ପ୍ର): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଗସ୍ତକୁ ନେଇ ପୋଲିସର ବଡ଼ ବୈଠକ । ପୋଲିସ ଡିଜିଙ୍କ ଅଧ୍ୟକ୍ଷତାରେ ପୋଲିସ ସେବା ଭବନରେ ବୈଠକ ବସିଛି । ବୈଠକରେ ପୋଲିସ କମିଶନରଙ୍କ ସହ ଭୁବନେଶ୍ୱର ଡିସିପି ଓ ବରିଷ୍ଠ ଅଧିକାରୀ ସାମିଲ ହୋଇଛି । ଆସନ୍ତା ୫ ତାରିଖରେ ଦୁଇ ଦିନିଆ ଗସ୍ତରେ ଆସୁଛନ୍ତି ଗୃହ ମନ୍ତ୍ରୀ ଅମିତ ଶାହ ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida